ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.285 Bhubaneswar Friday December 30 2022 | ୨୫ତମ ବର୍ଷ ସଂଖ୍ୟା–୨୮୫ ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୩୦, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

# ୫ ଆଇପିଏସଙ୍କୁ ଏଡିଜି ପାହ୍ୟା: କାହିଁକି ସରକାର ବ୍ୟଗ୍ର, ନୀତିନିୟମକୁ ଫୁଁ'




ଭୁବନେଶ୍ୱର,୨୯।୧୨(ପି.ଏନ): ରାଜ୍ୟ ସରକାର ଆଜି ୧୯୯୮ ବ୍ୟାଚ୍‌ର ୫ ଜଣ ବରିଷ୍ଠ ଆଇପିଏସ୍ ଅଫିସରଙ୍କୁ ଅତିରିକ୍ତ ଡିଜି ପାହ୍ୟାକୁ ପଦୋନ୍ନତି ଦେଇଛନ୍ତି । ତେବେ ରାଜ୍ୟ ସରକାରରେ ଅନୁମୋଦିତ ପଦବୀଠୁ ବେଶ୍ ଅଧିକ ସଂଖ୍ୟାରେ ଏବେ ଅତିରିକ୍ତ ଡିଜି କାର୍ଯ୍ୟରତ ଥିବାବେଳେ ଏହି ଅଫିସରମାନଙ୍କୁ ପଦୋନ୍ନତି ଦେବାକୁ ସରକାର କାହିଁକି ଏତେ ବ୍ୟଗ୍ର ତାକୁ ନେଇ ପାୱାର କରିଡରରେ ଚର୍ଚ୍ଚା । ଆଜି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ୧୯୯୮ ବ୍ୟାଚ୍ ଆଇପିଏସ୍ ଅମିତାଭ ଠାକୁର, ଏସଡି ଦେବଦତ୍ତ ସିଂ, ରାଜେଶ କୁମାର ଓ ରବିକାନ୍ତ ଆସନ୍ତା ୨୦୨୩ ଜାନୁୟାରୀ ପହିଲାରୁ ଏଡିଜି ପାହ୍ୟାକୁ ପଦୋନ୍ନତି ସହ ପେ-ସ୍କ ?ଲ(ଲେଭଲ-୧୫) ଆଧାରରେ ଦରମା ପାଇବେ । ସେହି ବ୍ୟାଚ୍‌ର ଆଇପିଏସ୍ ଦୟାଲ ଗଙ୍ଗୱାର ଏବେ କେନ୍ଦ୍ରୀୟ ଡେପୁଟେସନରେ ଥିବାରୁ ତାଙ୍କୁ ଏଡିଜି ପାହ୍ୟାକୁ ପ୍ରୋଫର୍ମା ପଦୋନ୍ନତି ମିଳିଛି । କିନ୍ତୁ ସେହି ବ୍ୟାଚ୍‌ର ଆଇପିଏସ୍ ଏନବି ଭାରତୀଙ୍କୁ ଏହି ପଦୋନ୍ନତିରୁ ବାଦ୍ ଦିଆଯାଇଛି । ମୁଖ୍ୟ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍କ୍ରିନିଂ କମିଟି ନିଷ୍ପତ୍ତି ଅନୁସାରେ ଏହି ଆଇପିଏସ୍ ଅଫିସରମାନଙ୍କୁ ଏଡିଜି ପାହ୍ୟାକୁ ପଦୋନ୍ନତି ମିଳିଛି । ଶ୍ରୀ ଠାକୁର ଏବେ ଆଇଜି-ଅପରେସନ, ଶ୍ରୀ ଦେବଦତ୍ତ ସିଂ ଆଇଜି-ହେଡକ୍ୱାର୍ଟର, ରାଜେଶ କୁମାର ଆଇଜି-ରାଜ୍ୟ ଫୋରେନ୍ସିକ ସାଇନ୍ସ ଲ୍ୟାବ୍ ଭାବେ କାର୍ଯ୍ୟକରୁଥିବାବେଳେ ରବିକାନ୍ତ ନୂଆଦିଲ୍ଲୀସ୍ଥିତ ଆବାସିକ କମିଶନର ଭାବେ କାର୍ଯ୍ୟରତ ।ଏପଟେ ରାଜ୍ୟ ଗୃହ ବିଭାଗର ସୂଚନା ଅନୁସାରେ ଏବେ ରାଜ୍ୟରେ ୧୯୮୭ ବ୍ୟାଚ୍ ଆଇପିଏସ ତଥା ଡିଜିପି ସୁନୀଲ କୁମାର ବଂଶଲ ଓ ୧୯୮୮ ବ୍ୟାଚ୍ ଆଇପିଏସ୍ ମନୋଜ ଛାବ୍ରା ଡିଜି ପାହ୍ୟାରେ 'ପେ-ସ୍କ ?ଲ- ଲେଭଲ-୧୭' ହାରରେ ଦରମା ଓ ଭତ୍ତା ପାଉଥିବାବେଳେ ୧୯୮୮ ବ୍ୟାଚ୍‌ର ସନ୍ତୋଷ କୁମାର ଉପାଧ୍ୟାୟ ଓ ଅରୁଣ ରାୟ ଲେଭଲ-୧୬ ହାରରେ ଦରମା ପାଉଛନ୍ତି । ଯଦିଓ ଏହି ୪ଜଣ ଅଫିସର ଏବେ ଡିଜି ପାହ୍ୟାରେ ଥିବା ସରକାରଙ୍କ ପକ୍ଷରୁ କୁହାଯାଉଛି ।ସେହିପରି ୧୯୮୯ ବ୍ୟାଚ୍ ଆଇପିଏସ୍ ପ୍ରାଣବିନ୍ଦୁ ଆଚାର୍ଯ୍ୟଙ୍କଠୁ ଆରମ୍ଭ କରି ୧୯୯୭ ବ୍ୟାଚ୍ ଆଇପିଏସ୍ ରେଖା ଲୋହାନୀଙ୍କ ପର୍ଯ୍ୟନ୍ତ ମୋଟ ୧୯ଜଣ ଅଫିସର ରାଜ୍ୟରେ କାର୍ଯ୍ୟରତ ଅଛନ୍ତି ଓ ସମସ୍ତଙ୍କୁ ରାଜ୍ୟ ସରକାର ଏଡିଜି ପାହ୍ୟାକୁ ପଦୋନ୍ନତି ଦେଇସାରିଛନ୍ତି । ଏହି ସମସ୍ତ ଅଫିସର ଏବେ ପେ-ସ୍କ ?ଲ ଲେଭଲ-୧୫ ହାରରେ ଦରମା ଓ ଭତ୍ତା ଆଦି ପାଉଛନ୍ତି ତଥା ଏହି ୧୯୮୯-୧୯୯୭ ବ୍ୟାଚ୍ ମଧ୍ୟରେ ଥିବା ବାକି ୮ଜଣ ଆଇପିଏସ୍ ଅଫିସରଙ୍କୁ ସରକାର ଏଡିଜି ପାହ୍ୟାକୁ ପ୍ରୋଫର୍ମା ପଦୋନ୍ନତି ବି ଦେଇଛନ୍ତି । ଅର୍ଥାତ୍ ଏବେ ରାଜ୍ୟରେ ଡିଜି ଓ ଏଡିଜି ପାହ୍ୟାରେ ମୋଟ ୨୩ଜଣ ଅଫିସର କାର୍ଯ୍ୟରତ ଅଛନ୍ତି । ଯଦିଓ ଏହି ଉଭୟ ପାହ୍ୟାରେ ମଞ୍ଜୁରୀପ୍ରାପ୍ତ ପଦବୀ ସଂଖ୍ୟା ମାତ୍ର ୧୨ । ଏବେ ପୁଣି ଆଉ ଜଣେ ଆଇପିଏସଙ୍କୁ ଏଡିଜି ପାହ୍ୟାକୁ ପ୍ରୋଫର୍ମା ପଦୋନ୍ନତି ସହ ମୋଟ ୫ଜଣଙ୍କୁ ଏଡିଜି ପାହ୍ୟାକୁ ପଦୋନ୍ନତି ଦେଇଛନ୍ତି ।ଅନ୍ୟପକ୍ଷରେ ଆଇପିଏସ୍ ରିକ୍ରୁଟମେଂଟ ରୁଲସ୍ - ୧୯୫୪ରେ ଥିବା ପ୍ରାବଧାନକୁ ଉଲ୍ଲଙ୍ଘନ କରି ରାଜ୍ୟ ସରକାର ଅଧିକ ସଂଖ୍ୟକ ଆଇପିଏସଙ୍କୁ ପଦୋନ୍ନତିଭିତ୍ତିକ ପଦବୀରେ ଥଇଥାନ କରିବାକୁ ପଛାଉନାହାନ୍ତି । ଜଣେ ଆଇପିଏସ୍ ଅଫିସର ନିଜ ଚାକିରିର ୨୫ବର୍ଷ ପୂରଣ କରିବା ପରେ ଏଡିଜି ପାହ୍ୟାକୁ ପଦୋନ୍ନତି ପାଇବାକୁ ହକଦାର ହୋଇଥାନ୍ତି ତଥା ସେମାନଙ୍କୁ ପଦୋନ୍ନତି ଦେବାସମୟରେ ରାଜ୍ୟ ସରକାର ମଞ୍ଜୁରୀପ୍ରାପ୍ତ ପଦବୀ ସଂଖ୍ୟାକୁ ମଧ୍ୟ ବିଚାରକୁ ନେବାର ପ୍ରାବଧାନ ରହିଛି । କିନ୍ତୁ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଥିବା ସ୍କ୍ରିନିଂ କମିଟି ଏଥିପ୍ରତି ଆଖିବୁଜି ଦେଇଛି । ଆଉ ତରବରିଆ ଭାବେ ଏହି ଆଇଜି ପାହ୍ୟାର ୫ଜଣ ଅଫିସରଙ୍କୁ ଏଡିଜି ପାହ୍ୟାକୁ ପଦୋନ୍ନତି ଦେଇଛନ୍ତି । ଯଦିଓ ଡିଜି ଓ ଏଡିଜି ପାହ୍ୟାରେ ମଞ୍ଜୁରୀପ୍ରାପ୍ତ ପଦବୀଠୁ ବି ବେଶ୍ ଅଧିକ ସଂଖ୍ୟକ ଆଇପିଏସ୍ କାର୍ଯ୍ୟରତ ଅଛନ୍ତି । ଆଉ ସେମାନଙ୍କୁ ରାଜ୍ୟ ରାଜକୋଷରୁ ସରକାର ସେହି ହାରରେ ଦରମା ଓ ଭତ୍ତା ମଧ୍ୟ ଦେଉଛନ୍ତି ।ଗତ ନଭେମ୍ବର ୨୮ତାରିଖରେ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା, ବିଧାନସଭାରେ ରଖିଥିବା ଉତ୍ତର ଅନୁସାରେ, ରାଜ୍ୟରେ ମଞ୍ଜୁରୀପ୍ରାପ୍ତ ମାତ୍ର ଗୋଟିଏ ଡିଜି ପଦବୀ ଥିବାବେଳେ ଏବେ ଅଧିକ ଗୋଟିଏ ଡିଜି ପଦବୀରେ ଅଫିସର କାର୍ଯ୍ୟରତ ଅଛନ୍ତି । ସେହିପରି ମୋଟ ମଞ୍ଜୁରୀପ୍ରାପ୍ତ ଏଡିଜି ପଦବୀ ୧୧ ହୋଇଥିବାବେଳେ ଏବେ ୧୨ଜଣ ଅଫିସର କାର୍ଯ୍ୟରତ ଅଛନ୍ତି । ଅର୍ଥାତ ଉଭୟ ମଞ୍ଜୁରୀପ୍ରାପ୍ତ ଡିଜି ଓ ଏଡିଜି ପଦବୀ ତୁଳନାରେ ଜଣେ ଲେଖାଏଁ ଅଫିସର ଅଧିକ ରହିଛନ୍ତି । ତେବେ ଆଇଜି ପାହ୍ୟାରେ ମୋଟ ମଞ୍ଜୁରୀପ୍ରାପ୍ତ ୧୬ଟି ପଦବୀ ଥିବାବେଳେ ସେଥିରେ ୧୫ଜଣ କାର୍ଯ୍ୟରତ ଅଛନ୍ତି । ମୋଟ ମଞ୍ଜୁରୀପ୍ରାପ୍ତ ଡିଆଇଜି ପଦବୀ ୧୮ରୁ ୧୧ଟି ଖାଲି ପଡିଥିବାବେଳେ ଏସପି ପାହ୍ୟାରେ ୬୩ରୁ ୧୫ଟି ଖାଲି ପଡିଥିବା ଗୃହ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବେହେରା ସୂଚନା ଦେଇଛନ୍ତି ।

# ଶତ୍ରୁ ସାବଧାନ ! ସୁଖୋଇରୁ ମାଡ ହେଲା ବ୍ରହ୍ମୋସ ମିସାଇଲ୍



ନୂଆଦିଲ୍ଲୀ,୨୯।୧୨(ପି.ଏନ): ସୁଖୋଇ ଯୁଦ୍ଧ ବିମାନ ଏସ୍‌ୟୁ-୩୦ଏମକେଆଇରୁ ଆଜି ଭାରତୀୟ ବାୟୁସେନା ବେଶ ସଫଳତାର ସହ ବ୍ରହ୍ମୋସ ମିସାଇଲ୍‌ର ବର୍ଦ୍ଧିତ ଲକ୍ଷ୍ୟଭେଦ କ୍ଷମତାର ପରୀକ୍ଷଣ କରିଛି । ଏଣିକି ସମୁଦ୍ର ମଧ୍ୟରେ ବ୍ରହ୍ମୋସ ମିସାଇଲ ୪୦୦ କିମି ଦୂରରୁ ଟାର୍ଗେଟକୁ ଲକ୍ଷ୍ୟଭେଦ କରିପାରିବ ।ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ ସୁଖୋଇ-୩୦ ଯୁଦ୍ଧ ବିମାନରୁ ସ୍ଥଳ ଓ ସମୁଦ୍ର ପଥରେ ଟାର୍ଗେଟକୁ ହିଟ୍ କରିପାରୁଥିବା ବ୍ରହ୍ମୋସ ମିସାଇଲର ସଫଳ ପରୀକ୍ଷଣ ବାୟୁସେନା କରିଛି । ବଙ୍ଗୋପସାଗରରେ ଏହାର ପରୀକ୍ଷଣ କରାଯାଇଥିଲା ।ବାୟୁସେନା ବ୍ୟତୀତ, ଭାରତୀୟ ନୌସେନା, ଡିଆରଡିଓ, ହାଲ ଓ ବ୍ରହ୍ମୋସ ଏରୋସ୍ପେସ ମିଳିତ ଭାବେ ପରୀକ୍ଷଣକୁ ସଫଳ କରିଛନ୍ତି । ଚଳିତ ବର୍ଷ ମେ' ମାସରେ ସୁଖୋଇ ଯୁଦ୍ଧ ବିମାନରୁ ସୁପରସୋନିକ୍ କ୍ଷେପଣାସ୍ତ୍ରର ଏକ୍ସଟେଣ୍ଡ ରେଞ୍ଜକୁ ପରୀକ୍ଷଣ କରାଯାଇଥିଲା । ସେତେବେଳେ ଏହାର ଲକ୍ଷ୍ୟଭେଦ କ୍ଷମତାକୁ ୨୯୦ କିମିରୁ ୩୫୦ କିମିକୁ ବଢ଼ିଥିଲା । ଏବେ ଏହାକୁ ୪୦୦ କିମିକୁ ବଢ଼ିଛି ।ପରୀକ୍ଷଣ ପାଇଁ ବଙ୍ଗୋପସାଗରରେ ଗୋଟିଏ ଜାହାଜକୁ ପ୍ରସ୍ତୁତ କରି ରଖାଯାଇଥିଲା । ପରୀକ୍ଷଣ ବେଳେ ବ୍ରହ୍ମୋସ ମିସାଇଲ ସୁଖୋଇରୁ ମାଡ ହୋଇ ଟାର୍ଗେଟକୁ ବେଶ ସଫଳତାର ସହ ହିଟ୍ କରିଥିଲା ।ଆକାଶ ମାର୍ଗରୁ ସମୁଦ୍ରରେ ଥିବା ଟାର୍ଗେଟକୁ ହିଟ୍ କରିବା ପରୀକ୍ଷଣ ପ୍ରଥମଥର ପାଇଁ ହୋଇଛି । ପୂର୍ବରୁ କେବଳ ସ୍ଥଳଭାଗ ଓ ଜଳଭାଗରୁ ସମୁଦ୍ରରେ ଥିବା ଟାର୍ଗେଟକୁ ନଷ୍ଟ କରାଯିବା ପ୍ରଣାଳୀର ପରୀକ୍ଷଣ ହୋଇଥିଲା । ଏଥିରେ ବାୟୁସେନାକୁ ସଫଳତା ମଧ୍ୟ ମିଳିଛି ।ବ୍ରହ୍ମୋସ ସୁପରସୋନିକ ମିସାଇଲକୁ ସ୍ୱଦେଶୀ ଜ୍ଞାନକୌଶଳ ଦ୍ୱାରା ଭାରତରେ ବିକଶିତ କରାଯାଇଛି । ଏଥିରେ ରାମଜେଟ୍ ଇଞ୍ଜିନର ବ୍ୟବହାର କରାଯାଇଥିବାରୁ ମିସାଇଲ ବେଗ ଅଧିକ ରହିବ । ବ୍ରହ୍ମୋସ ମିସାଇଲ ଆକାଶପଥରେ ମାର୍ଗ ବଦଳାଇବାରେ ସକ୍ଷମ । ଏହି ମିସାଇଲକୁ କୌଣସି ଟାର୍ଗେଟ ସହଜରେ ଚକମା ଦେଇପାରିବେନି ।

# ରୁଷୀୟ ପର୍ଯ୍ୟଟକଙ୍କ ମୃତ୍ୟୁ; କ୍ରାଇମବ୍ରାଞ୍ଚ ଗଠନ କଲା ଆଉ ଏକ ଟିମ୍



ଭୁବନେଶ୍ୱର,୨୯।୧୨(ପି.ଏନ): ରାୟଗଡାରେ ହୋଟେଲରେ ଦୁଇ ରୁଷୀୟ ପର୍ଯ୍ୟଟକଙ୍କ ରହସ୍ୟଜନକ ମୃତ୍ୟୁ ମାମଲାର ତଦନ୍ତ ପାଇଁ ଆଉ ଏକ ଟିମ୍ ଗଠନ କରିଛି କ୍ରାଇମବ୍ରାଞ୍ଚ । ଡିଏସପି ସରୋଜ ମହାନ୍ତଙ୍କ ନେତୃତ୍ୱରେ ଏହି ୪ ଜଣିଆ ଟିମ୍ ଗଠିତ ହୋଇଛି । ଏହି ଟିମ୍ ?ରେ ଜଣେ ଇନ୍ସପେକ୍ଟର, ଜଣେ ଏସ୍ଆଇ ଏବଂ ଜଣେ ଏଏସ୍ ?ଆଇଙ୍କୁ ରଖାଯାଇଛି । ତା'ସହିତ କ୍ରାଇମବ୍ରାଞ୍ଚ ଟିମ୍ ?କୁ ସହଯୋଗ କରିବାକୁ ୨ ଜଣ ଫୋରେନସିକ୍ ଏକ୍ସପର୍ଟଙ୍କୁ ସାମିଲ କରାଯାଇଛି । ଏହି ଟିମ୍ ରାୟଗଡା ଯାଇ ଘଟଣାସ୍ଥଳକୁ ଯାଞ୍ଚ କରିବା ସହିତ ସାକ୍ଷୀମାନଙ୍କୁ ପଚରାଉଚରା କରି ପ୍ରମାଣ ସଂଗ୍ରହ କରିବ ।ଅନ୍ୟପକ୍ଷରେ ମୃତକଙ୍କ ପରିବାର ସହ ଯୋଗାଯୋଗ କରିବା ପାଇଁ କ୍ରାଇମବ୍ରାଞ୍ଚର ଉଦ୍ୟମ ଜାରି ରହିଛି । ଉଭୟ ମୃତକଙ୍କ ମେଡିକାଲ ରେକର୍ଡ ପାଇବାକୁ ଉଦ୍ୟମ କରାଯାଉଛି । ପାନାସେଙ୍କ ? ନାଟାଲିଆ ଓ ଟୁରୋଭ ମିଖାଇଲଙ୍କ ତଥ୍ୟ ଯାଞ୍ଚ କରିବ ଟିମ୍ । ନାଟାଲିଆ ଓ ମିଖାଇଲ ତଦନ୍ତରେ ସହଯୋଗ କରୁଥିବା ସୂଚନା ମିଳିଛି । କିଭଳି ଏହି ଦୁଇଟି ଘଟଣା ଘଟିଲା, ସେନେଇ ଉଭୟଙ୍କଠାରୁ ତଥ୍ୟ ନେଉଛି କ୍ରାଇମବ୍ରାଞ୍ଚ । ଏହି ତଦନ୍ତ ପ୍ରକ୍ରିୟା ଉପରେ ନଜର ରଖାଯାଇଥିବା କହିଛି ଭାରତୀୟ ବୈଦେଶିକ ମନ୍ତ୍ରାଳୟ ।ଦୁଇ ରୁଷୀୟ ପର୍ଯ୍ୟଟକଙ୍କ ମଧ୍ୟରୁ ଜଣେ ସାଂସଦ ଥିଲେ । ତାଙ୍କ ନାଁ ପାଭେଲ ଆଣ୍ଟୋଭ । ଅନ୍ୟ ମୃତକ ହେଉଛନ୍ତି ତାଙ୍କ ବନ୍ଧୁ ଭ୍ଲାଦିମିର ବିଦାନୋଭ । ପୁଟିନ୍ ବିରୋଧୀ ଭାବେ ବେଶ୍ ଜଣାଶୁଣା ଥିଲେ ପାଭେଲ ଆଣ୍ଟୋଭ ।

## ଆଇପିଏସ୍ ଅଧିକାରୀଙ୍କୁ ଏଡିଜି ପାହ୍ୟାକୁ ପଦୋନ୍ନତି

ଭୁବନେଶ୍ୱର, ୨୯।୧୨(ପି.ଏନ): ୧୯୯୮ ବ୍ୟାଚ୍ ର ୪ ଜଣ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କୁ ଅତିରିକ୍ତ ଡିଜି ପାହ୍ୟାକୁ ପଦୋନ୍ନତି ଦିଆଯାଇଛି । ସେମାନେ ହେଲେ ଅମିତାଭ୍ ଠାକୁର , ଡ. ସୁରେଶ ଦେବ ଦତ ସିଂହ, ରାଜେଶ କୁମାର ଓ ରବି କାନ୍ତ । ଏମାନଙ୍କ ବ୍ୟତୀତ କେନ୍ଦ୍ରୀୟ ଡେପୁଟେସନ୍ ରେ ଥିବା ୧୯୯୮ ବ୍ୟାଚ୍ ଆଇପିଏସ୍ ଅଧିକାରୀ ଦୟାଲ ଗଙ୍ଗୱାରଙ୍କୁ ମଧ୍ୟ ଅତିରିକ୍ତ ଡିଜି ପାହ୍ୟାକୁ ପଦୋନ୍ନତି ଦିଆଯାଇଛି । ଆସନ୍ତା ଜାନୁଆରୀ ପହିଲା ଠାରୁ ଏହା ଲାଗୁ ହେବ । ଗୁରୁବାର ଦିନ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇଛି ।

# ଭାରତ ନିର୍ବାଚନ ଆୟୋଗଙ୍କ ନୂଆ ଯୋଜନା ; ବୁଥ୍ କୁ ନଆସି ଭୋଟ ଦେଇପାରିବେ ଭୋଟର

ଭୁବନେଶ୍ୱର, ୨୯।୧୨(ପି.ଏନ): ନିର୍ବାଚନ ସମୟର ଘରୋଇ ପ୍ରବାସୀ ଭୋଟରମାନଙ୍କ ମତଦାନ ନିମନ୍ତେ ଭାରତ ନିର୍ବାଚନ ଆୟୋଗ ଏକ ସୁବ୍ୟବସ୍ଥିତ ଯୋଜନା ପ୍ରଣୟନ କରିବାକୁ ଯାଉଛନ୍ତି । ଘରୋଇ ପ୍ରବାସୀ ଭୋଟରମାନେ ଶିକ୍ଷା, ରୋଜଗାର ଏବଂ ଅନ୍ୟାନ୍ୟ କାରଣରୁ ନିଜ ନିର୍ବାଚନ ମଣ୍ଡଳୀ ବାହାରେ ରହୁଥିବାରୁ ସାଧାରଣ ନିର୍ବାଚନ କିମ୍ବା ଉପନିର୍ବାଚନ ସମୟରେ ନିଜ ସାମ୍ବିଧାନିକ ଅଧିକାର ମତଦାନ କାର୍ଯ୍ୟରୁ ବିଭିନ୍ନ କାରଣରୁ ବିରତ ରହୁଛନ୍ତି । ଏହାକୁ ବିଚାରକୁ ନେଇ ନିର୍ବାଚନ ଆୟୋଗ ଘରୋଇ ପ୍ରବାସୀ ଭୋଟରମାନଙ୍କ ନିମନ୍ତେ ପ୍ରୋଟୋଟାଇପ୍ ରିମୋଟ୍ ଇଲେକ୍‌ଟ୍ରୋନିକ୍ସ ଭୋଟିଂ ମେସିନ୍ (ଆରଭିଏମ୍) ବିକଶିତ କରିଛନ୍ତି । ଯାହାଫଳରେ ଘରୋଇ ପ୍ରବାସୀ ଭୋଟରମାନେ ନିଜ କର୍ମସ୍ଥଳୀରେ ଉପସ୍ଥିତ ରହି ଭୋଟ ଦେଇପାରିବେ ଓ ସେମାନଙ୍କୁ ଆଉ ନିଜ ରାଜ୍ୟକୁ ଫେରି ଭୋଟଦେବାକୁ ପଡ଼ିବ ନାହିଁ । ନିର୍ବାଚନ ଆୟୋଗଙ୍କ ସୂଚନା ମୁତାବକ ଗତ ୨୦୧୯ ସାଧାରଣ ନିର୍ବାଚନରେ ମତଦାନ ହାର ୬୭.୪% ଥିଲା ଏବଂ ଦେଶରେ ୩୦ କୋଟିରୁ ଉର୍ଦ୍ଧ୍ୱ ଭୋଟର ସେମାନଙ୍କର ମତଦାନ କରିନଥିଲେ । ବିଭିନ୍ନ କାରଣରୁ ଉକ୍ତ ଭୋଟରମାନେ ୨୦୧୯ ସାଧାରଣ ନିର୍ବାଚନରେ ମତଦାନ କରିପାରି ନଥିଲେ । ବର୍ତ୍ତମାନର ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ହ୍ରାସ ପାଉଥିବା ମତଦାନର ତର୍ଜମା କରି ଜାଣିବାକୁ ପାଇଲେ ଯେ ଘରୋଇ ଭୋଟର ସ୍ଥାନାନ୍ତରଣ ଏକ ମୁଖ୍ୟ ଅଂଶ ଅଟେ । ଶିକ୍ଷା, ରୋଜଗାର ଏବଂ ଅନ୍ୟାନ୍ୟ କାରଣରୁ ଘରୋଇ ଭୋଟର ସ୍ଥାନାନ୍ତରଣ ହୋଇଥାଏ । ଏହାର ସମାଧାନ ସହ ଦେଶରେ ମତଦାନ ହାର ବୃଦ୍ଧି ନିମନ୍ତେ ନିର୍ବାଚନ ଆୟୋଗ ଘରୋଇ ପ୍ରବାସୀ ଭୋଟରମାନଙ୍କ ପାଇଁ ପ୍ରୋଟୋଟାଇପ୍ ରିମୋଟ୍ ଇଲେକ୍‌ଟ୍ରୋନିକସ୍ ଭୋଟିଂ ମେସିନ୍ ପ୍ରଚଳନ କରିବାକୁ ନିଷ୍ପତି ନେଇଛନ୍ତି ଓ ଏଥି ନିମନ୍ତେ ଦେଶର ସମସ୍ତ ରାଜନୈତିକ ଦଳମାନଙ୍କ ସହମତି ଲୋଡ଼ିଛନ୍ତି । ନିର୍ବାଚନ ଆୟୋଗ ଦେଶର ୮ଟି ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ଏବଂ ୫୭ଟି ସ୍ୱୀକୃତିପ୍ରାପ୍ତ ରାଜ୍ୟ ରାଜନୈତିକ ଦଳଙ୍କୁ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟ ପରିସରରେ ଆସନ୍ତା ଜାନୁଆରୀ ୧୬ରେ ହେବାକୁ ଥିବା ରିମୋଟ ଇଲେକ୍‌ଟ୍ରୋନିକ୍ସ ଭୋଟିଂ ମେସିନ୍ ର ପ୍ରଦର୍ଶନ କାର୍ଯ୍ୟକ୍ରମକୁ ନିମନ୍ତ୍ରଣ କରିଛନ୍ତି । ଏତଦ୍‌ବ୍ୟତୀତ ନିର୍ବାଚନ ଆୟୋଗ ମଧ୍ୟ ସମସ୍ତ ରାଜନୈତିକ ଦଳମାନଙ୍କଠାରୁ ଲିଖିତ ମତାମତ ଜାନୁଆରୀ ୩୧ ସୁଦ୍ଧା ଆହ୍ୱାନ କରିଛନ୍ତି ।

# ଭୁବନେଶ୍ୱର ରେଲୱେ ଷ୍ଟେସନ୍ ପୁନଃବିକାଶ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ



ଭୁବନେଶ୍ୱର,(ପି.ଏନ):ମାନ୍ୟବର କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ଏବଂ ଉଦ୍‌ଯୋଗୀ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମାନ୍ୟବର କୋଇଲା, ଖଣି ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ପ୍ରହ୍ଲାଦ ଜୋଶୀ ଏବଂ ମାନ୍ୟବର ରେଳ, ଯୋଗାଯୋଗ ଏବଂ ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ବହୁ ପ୍ରତୀକ୍ଷିତ ଜନସାଧାରଣ କେନ୍ଦ୍ରିକ ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପ "ଭୁବନେଶ୍ୱର ରେଳ ଷ୍ଟେସନର ପୁନଃବିକାଶ" ସହିତ ବିଶ୍ୱସ୍ତରୀୟ ଢାଞ୍ଚାରେ ନିର୍ମାଣ ପାଇଁ ଭୁବନେଶ୍ୱର ରେଳ ଷ୍ଟେସନରେ ଭିତ୍ତିପ୍ରସ୍ତର ଦେବା ସହିତ ପୁରୀ-ଜଳେଶ୍ୱର-ପୁରୀ ମେମୁ ଟ୍ରେନର ଶୁଭାରମ୍ଭ କରିଛନ୍ତି ।ଏହି ସମାବେଶରେ ଯୋଗ ଦେଇ ମାନ୍ୟବର କେନ୍ଦ୍ର ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ପ୍ରହ୍ଲାଦ ଯୋଶୀ ରେଳ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ରେଳବାଇରେ ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଦେଶର ଭିତ୍ତିଭୂମି ବିକାଶକୁ ତ୍ୱରାନ୍ୱିତ କରି ନୂତନ ଷ୍ଟେସନ ସ୍ଥାପନ କରି ଷ୍ଟେସନଗୁଡିକର ପୁନଃବିକାଶ କରାଇବା ସହିତ ଲୋକଙ୍କ ସୁବିଧା ପାଇଁ ବିଭିନ୍ନ ଆଧୁନିକ ସୁବିଧା ଯୋଗାଇବା କ୍ଷେତ୍ରରେ ସୁଧାର ଆଣି ରେଳବାଇକୁ ପରିବର୍ତ୍ତନ କରିଚାଲିଛନ୍ତି ବୋଲି କହିଥିଲେ । ମାନ୍ୟବର କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ତାଙ୍କ ଅଭିଭାଷଣରେ କହିଛନ୍ତି ଯେ ଓଡ଼ିଶାର ରେଳ ବିକାଶ ପାଇଁ ପ୍ରାଥମିକତା ଦିଆଯାଉଛି । ଓଡିଶା ୨୦୧୪ ପୂର୍ବରୁ ୭୦୦ ରୁ ୮୦୦ କୋଟି ଟଙ୍କା ବଜେଟ ଅନୁମୋଦନ ପାଉଥିବାବେଳେ ବର୍ତ୍ତମାନ ୧୦ ହଜାର କୋଟିରୁ ଅଧିକ ଅନୁମୋଦନ ପାଉଅଛି । ସେହିପରି ୨୦୧୪ ପୂର୍ବରୁ ରେଳବାଇ ମାତ୍ର ୨୦ ରୁ ୩୦ କିଲୋମିଟର ପର୍ଯ୍ୟନ୍ତ ନୂଆ ରେଳ ଲାଇନ ନିର୍ମାଣ କରୁଥିଲାବେଳେ ବର୍ତ୍ତମାନ ବର୍ଷକୁ ପ୍ରାୟ ୩୦୦ କିମି ରେଳ ଲାଇନ ନିର୍ମାଣ କରୁଛି । ଏହା ବ୍ୟତୀତ ଓଡିଶାର ୩୬ ରେଳ ଷ୍ଟେସନକୁ ବର୍ତ୍ତମାନ ଆଧୁନିକ ସୁବିଧା ସହିତ ନବୀକରଣ କରାଯାଉଛି ଯେଉଁଠାରେ ରାଜ୍ୟର ପ୍ରତ୍ୟେକ କୋଣକୁ ପ୍ରାଥମିକତା ଦିଆଯାଇଛି । ଏହା ସହିତ ଜଗନ୍ନାଥ ସର୍କିଟ ଟ୍ରେନ ଅଳ୍ପ ଦିନ ମଧ୍ୟରେ ଚଳାଚଳ କରିବବୋଲି ଶ୍ରୀ ବୈଷ୍ଣବ କହିଥିଲେ ।ଭୁବନେଶ୍ୱର ରେଳ ଷ୍ଟେସନର ପୁନଃବିକାଶରେ ଆଧୁନିକ ଭିତ୍ତିଭୂମି ଏବଂ ସୁବିଧା ସହିତ ଅନେକ ଯାତ୍ରୀ ପାରିସେବା ରହିବ । ପ୍ରକଳ୍ପର ନିର୍ମାଣ ଅବଧି କାର୍ଯ୍ୟ ଆରମ୍ଭରୁ ୨୪ ମାସ ରହିଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ମାନ୍ୟବର ସାଂସଦ ଶ୍ରୀ ପ୍ରତାପ ଷଡ଼ଙ୍ଗୀ ଏବଂ ଅପରାଜିତା ଷଡ଼ଙ୍ଗୀ, ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା ପ୍ରମୁଖ ଭୁବନେଶ୍ୱର ରେଳ ଷ୍ଟେସନରେ ଯୋଗଦାନ କରିଥିଲେ । ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଅନୁଗୁଳ ଷ୍ଟେସନ ଠାରେ ଆୟୋଜିତ ରେଳବାଇ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଶ୍ରୀ ପ୍ରହ୍ଲାଦ ଯୋଶୀ ଏବଂ ଶ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଉପସ୍ଥିତିରେ ସମ୍ବଲପୁର ଏବଂ ଶାଳିମାର ମଧ୍ୟରେ ନୂତନ ଏକ୍ସପ୍ରେସ ଟ୍ରେନର ଶୁଭାରମ୍ଭ କରାଇଥିଲେ । ଅନୁଗୁଳ-ଢେଙ୍କାନାଳ-ଭଦ୍ରକ ମାର୍ଗଦେଇ ସମ୍ବଲପୁର-ଶାଳିମାର-ସମ୍ବଲପୁର ଏକ୍ସପ୍ରେସ ଏହି ଅଞ୍ଚଳର ଲୋକଙ୍କ ଆକାଂକ୍ଷା ପୂରଣ କରିବ ଓ ଯାତ୍ରା ସୁବିଧା ଯୋଗାଇଦେବ । ପରେ, ଅନୁଗୁଳ ଲୋକୋ ସେଡ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ୧୪ କିଲୋମିଟର ଦୈର୍ଘ୍ୟ ନୂତନ ରେଳ ଲାଇନକୁ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଶ୍ରୀ ପ୍ରହ୍ଲାଦ ଯୋଶୀ ଏବଂ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଉଦ୍ଘାଟନ କରିଥିଲେ ।

# ବିଶ୍ୱକପ ହକି ପୂର୍ବରୁ ପ୍ରଦୂଷଣ ରୋକିବା ଲାଗି ୨୨ କାରଖାନାକୁ ବନ୍ଦ ଲାଗି ନୋଟିସେ କଲା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ

ରାଉରକେଲା,୨୯।୧୨(ପି.ଏନ): ରାଉରକେଲାରେ ଜାନୁଆରୀ ୧୩ରେ ବିଶ୍ୱ ହକି ଆରମ୍ଭ ହେବାକୁ ଯାଉଥିବା ବେଳେ ଏଠାରେ ପ୍ରଦୁଷଣ ଏକ ବଡ ସମସ୍ୟା, ଯାହାକି ସ୍ପଞ୍ଜ କାରଖାନା ଗୁଡିକ ଦ୍ୱାରା ଅଧିକରୁ ଅଧିକ ହୋଇଥାଏ ଓ ସେମାନଙ୍କୁ ନିଜବ୍ୟକ୍ତିଗତ ସ୍ୱାର୍ଥ ଲାଗି ରାଜ୍ୟ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡ ଆଜି ପର୍ଯ୍ୟନ୍ତ ଘଂଟ ଘୋଡାଇ ଚାଲିଥିବାର ଅଭିଯୋଗ ହୋଇ ଆସୁଥିବା ବେଳେ ବିଶ୍ୱ ହକି ପୂର୍ବରୁ ସେହି ୨୨ଟି ସ୍ପଞ୍ଜ କାରଖାନାକୁ ମାସେ ଲାଗି ବନ୍ଦ କରିବାକୁ ନୋଟିସ ଦେବା ପରେ ଆଜିଯାଏ ଯାହା ସନ୍ଦେହ ଥିଲା ତାହା ସ୍ପଷ୍ଟ ହୋଇଛି । ଅନ୍ୟପକ୍ଷରେ କେବଳ ନାମକୁ ମାତ୍ର ଶ୍ରମିକଙ୍କ ଲାଗି କାନ୍ଦି ନିଜ ଲାଗି ବାନ୍ଧୁଥିବା କିଛି ସଂଗଠନଙ୍କର ଏହାପରେ ଆରମ୍ଭ ହୋଇଥିବା ପ୍ରତିକ୍ରିୟା ତାହା କେବଳ ମାଲିକଙ୍କ ସ୍ୱାର୍ଥ ଲାଗି ଶ୍ରମିକଙ୍କ ଲାଗି ନୁହେଁ ବୋଲି ଆଲୋଚନା ଜୋର ଧରିଛି ।ରାଉରକେଲାରେ ପ୍ରଦୁଷଣର ମାତ୍ରା ଧିରେ ଧିରେ ବଢିବାରେ ଲାଗିଛି । କୂଅ, ପୋଖରୀ ପାଣି କଳା ପଡୁଥିବା ବେଳେ ଗଛ ପତ୍ର ର ପ୍ରକୃତ ରଙ୍ଗ ଧିରେ ଧିରେ କଳା ବୋଲି ଆଗାମୀ ପିଢି ଶିଖିବାକୁ ଯାଉଛି, ସେପଟେ ଛେଣ୍ଡ ବାସିନ୍ଦା ନିଜ ଛାତ ଉପରେ ଆଉ ବଡି ଭଳି ଓଡିଆ ଖାଦ୍ୟ ପ୍ରସ୍ତୁତ କରିପାରୁ ନଥିବା ବେଳେ ଛାତ ଗୁଡିକୁ ନିୟମିତ ଧୋଇବାକୁ ପଡୁଥିବା ଭଳି ସମସ୍ୟା ଲାଗି ରହିଛି । ସକାଳୁ ସନ୍ଧ୍ୟା ଯାଏ ପରିବେଶ ଧୂଆଁମୟ ରହୁଛି । ତେବେ ପ୍ରଦୁଷଣ ହେଉଛି ବୋଲି ମିଡିଆରେ ବାହାରିଲେ କାରଖାନା ଗୁଡିକୁ ନୋଟିସ ଦେଇ କିମ୍ବା ୨/୩ ଦିନ ବନ୍ଦ କରିଦେଇ ପୁଣି ଖୋଲିଦେବା ଭଳି କାର୍ଯ୍ୟାନୁଷ୍ଠାନ ଉପରେ ଲୋକେ କିଂ କର୍ତବ୍ୟମୁଢ ହୋଇ ରହିଥିଲେ । ସେପଟେ ଏହିଭଳି କାରବାର ଲାଗି ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡର ବାବୁ ମାନେ ଏଠୁ ଭଲ ଦୁଇ ପଇସା ରୋଜଗାର କରୁଥିଲେ, ଯାହା ନିକଟରେ ଜଣେ ବାବୁ ପୁଳାଏ ଟଙ୍କା ନେଇ ରାଉରକେଲାରୁ ଭୁବନେଶ୍ୱର ଜିବା ବେଳେ ଭିଜିଲାନ୍ସରେ ବନ୍ଧାହେବା ଘଟଣା ଏକ ବଡ ପ୍ରମାଣ ବୋଲି କୁହାଯାଉଛି । ତେବେ ଏତେ ସବୁ ଭିତରେ ନିକଟରେ ବିଶିଷ୍ଟ ସମାଜସେବୀ ପ୍ରଫୁଲ୍ଲ ସାମନ୍ତରାୟ ରାଉରକେଲାରେ ପ୍ରବଳ ପ୍ରଦୁଷଣ, ନଦୀ ଜଳ ବ୍ୟବହାର ଉପଯୋଗୀ ନୁହେଁ ଏଠି ବିଶ୍ୱ ହକି କରିବାକୁ ହେଲେ ପାଣି ଛିଟିଂ ବିଦେଶୀଙ୍କୁ ବୁଝାଇ ସବୁ କରିଦେଇ ହେବ ବୋଲି କହିଥିବା ବେଳେ ଗଣମାଧ୍ୟମ ମଧ୍ୟ ମୁଖ୍ୟଶାସନ ସଚିବଙ୍କ ସମ୍ମୁଖରେ ଏହି ପ୍ରଦୁଷଣ କଥା ରଖିଥିଲା, ହେଲେ ସାର କହିଥିଲେ ପୁରା ନିୟନ୍ତ୍ରଣ ଭିତରେ ସବୁ ରହିବ । ଶେଷରେ ସେଇଆ ହେଲା ସବୁବେଳେ ବାବୁ ମାନଙ୍କର ଜିନ୍ଦାବାଦ କରୁଥିବା, ଲୋକଙ୍କ ସେବା କରୁଥିବା ନିଜ ସଙ୍ଗଠନ କଥା ବୁଝୁଥିବା କାରଖାନା ମାଲିକ ମାନେ କାଲେ ହଁ କହି ପୁଣି ରାତିରେ ବିନା ଇଏସପିରେ କଳାଧୂଆଁ ଛାଡି ଦେବେ କାରଖାନା ଚଳାଇ ଧୂଆଁ କରିବେ ଓ ଓଡିଶା ସମେତ ଭାରତର ନାମ ବଦନାମ ହେବ ତେଣୁ ଭରଷା ନପାଇ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡ ରାଉରକେଲା ଆଖପାଖର ୨୨ଟି ସ୍ପଞ୍ଜ କାରଖାନାକୁ ଜାନୁଆରୀ ୧ ତାରିଖରୁ ୩୧ ତାରିଖ ଯାଏ ବନ୍ଦ ରଖିବାକୁ ଗତ ୨୧ ତାରିଖରେ ଚିଠି ନମ୍ବର ୨୩୭୩୧ରେ ଜଣାଇ ଦେଇଛି । ତେବେ ଏହି ଚିଠି ପରେ ମାଲିକ ମାନେ ମାସକ ଭିତରେ କେତେ କ୍ଷତି ସହିବେ, ତାକୁ ହିସାବ କରି ନୀରବରେ କାମ ଆରମ୍ଭ କରିଛନ୍ତି । ସେପଟେ ବର୍ଷ ବର୍ଷ ଧରି ଏହି କାରଖାନା ମାନେ ପ୍ରଦୁଷଣ କରି ପରିବେଶକୁ ନଷ୍ଟ କରୁଥିବା ବେଳେ କେବେ ହେଲେ ମୁହଁ ଖୋଲିନଥିବା ପ୍ରଦୁଷଣ ରୋକିବା ଲାଗି ଦୁର୍ବାର ଆନ୍ଦୋଳନକୁ ଯାଇନଥିବା କିଛି ସଂସ୍ଥା ଏବେ ଶ୍ରମିକଙ୍କ ଆଳରେ କାନ୍ଦିବା ଆରମ୍ଭ କରିଛନ୍ତି । ସେମାନେ କହିଛନ୍ତି ୧୫ ହଜାର ଶ୍ରମିକ କାମରୁ ବାଦ ପଡିଜିବେ, ସେମାନେ ଚଳିବେ କେମିତି । ବର୍ଷ ବର୍ଷ ଧରି କାମ କରୁଥିବା ଶ୍ରମିକ ମାନଙ୍କୁ ଏଭଳି ସମୟରେ ହକି ଖେଳ ଦେଖି ଛୁଟୀ କଟାଇବା ଲାଗି ମାଲିକ ମାନେ ମାସକର ଦରମା ସେମାନଙ୍କୁ ଦେବା ଲାଗି ଦାବି ନକରାଯାଇ ଶ୍ରମିକ ମାନଙ୍କ ନାମରେ ମାଲିକ ଲାଗି ସରକାର ଉପରେ ଚାପ ଆରମ୍ଭ କରିଥିବା ବ୍ୟକ୍ତି ମାନଙ୍କ ଚରିତ୍ରକୁ ନେଇ ବୁଦ୍ଧିଜୀବି ମହଲରେ ଚର୍ଚ୍ଚା ଜୋର୍ ଧରିଛି ।ଅନ୍ୟପକ୍ଷରେ ଏକ ମାସ ଏହି ସବୁ କାରଖାନା ବନ୍ଦ ରହିବା ଭିତରେ ସେ ସବୁ ଅଂଚଳରେ ପ୍ରଦୁଷଣର ମାତ୍ରା ଉଭୟ ଜଳ ଓ ବାୟୁ ରେ କେତେ ରହୁଛି, ଆଗରୁ କେତେ ରହୁଥିଲା ତାକୁ ସାଂପୁଲ ନିଆଯାଇ ସେହି ରିପୋର୍ଟକୁ ସର୍ବସାଧାରଣରେ ପ୍ରକାଶ କରାଯାଉ ତାହେଲେ ସରକାରଙ୍କ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡ ବାବୁ ମାନଙ୍କର ଓ ବାବୁ ମାଲିକ ମାନଙ୍କର ପ୍ରକୃତ ଚରିତ୍ର ଜଣାପଡିବ ବୋଲି ମତପ୍ରକାଶ ପାଇଛି ।

# ୭ ବରିଷ୍ଠ ଆଇଏଏସଙ୍କୁ ପଦୋନ୍ନତି



ଭୁବନେଶ୍ୱର ,୨୯।୧୨(ପି.ଏନ): ରାଜ୍ୟ ସରକାର ଆଜି ୨୦୦୭ ବ୍ୟାଚ୍‌ର ୭ଜଣ ବରିଷ୍ଠ ଆଇଏଏସଙ୍କୁ ପଦୋନ୍ନତି ଦେଇଛନ୍ତି । ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଏହି ଆଇଏଏସ୍ ଅଫିସରମାନଙ୍କୁ ୨୦୨୩ ଜାନୁୟାରୀ ପହିଲାରୁ ସୁପର ଟାଇମ୍ ସ୍କଲକୁ ପଦୋନ୍ନତି ଦେଇଛନ୍ତି । ତେବେ ଏହି ଅଫିସରମାନେ ଏବେ ଯେଉଁ ପଦବୀରେ କାର୍ଯ୍ୟ କରୁଛନ୍ତି ସେଠାରେ କାର୍ଯ୍ୟ କରିବେ, ମାତ୍ର ସେମାନଙ୍କର ପଦବୀକୁ ସୁପର ଟାଇମ୍ ସ୍କ ?ଲକୁ ଉନ୍ନୀତ କରାଯିବ ବୋଲି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି ।ସାଧାରଣ ପ୍ରଶାସନ ବିଭାଗର ବିଜ୍ଞପ୍ତି ଅନୁସାରେ, କେନ୍ଦ୍ରୀୟ ଡେପୁଟେସନରେ ଥିବା ୨୦୦୭ ବ୍ୟାଚ୍ ଆଇଏଏସ୍ ରବୀନ୍ଦ୍ର ପ୍ରତାପ ସିଂ (ନୀତି ଆୟୋଗ ଉପାଧ୍ୟକ୍ଷଙ୍କ ବ୍ୟକ୍ତିଗତ ସଚିବ)ଙ୍କୁ ପ୍ରୋଫର୍ମା ପଦୋନ୍ନତି ମିଳିଛି । ୨୦୦୭ ବ୍ୟାଚ୍‌ର ଅନ୍ୟ ୬ଜଣ ଆଇଏଏସ୍ ଅରବିନ୍ଦ ଅଗ୍ରୱାଲ, ବଳବନ୍ତ ସିଂ, ସଚିନ ରାମଚନ୍ଦ୍ର ଯାଦବ, ଜ୍ଞାନରଞ୍ଜନ ଦାସ, ରଞ୍ଜନ କୁମାର ଦାସ ଓ ସଂଗ୍ରାମଜିତ୍ ନାୟକଙ୍କୁ ସୁପର ଟାଇମ ସ୍କ ?ଲ(ପେ ମାଟ୍ରିକ୍ସ-ଲେଭଲ-୧୪)କୁ ପଦୋନ୍ନତି ମିଳିଛି । ଏହି ଅଫିସରମାନେ ଏବେ ନିର୍ଦ୍ଦେଶକ ଓ ଅତିରିକ୍ତ ସଚିବ ଭଳି ପଦବୀରେ କାର୍ଯ୍ୟରତ ଅଛନ୍ତି । ସେହିପରି ୧୯୯୮ ବ୍ୟାଚ୍ ଆଇଏଏସ୍ ସୁରେଶ କୁମାର ବଶିଷ୍ଠ ଓ ବିଶାଲ ଗଗନଙ୍କୁ ପ୍ରମୁଖ ସଚିବ ପାହ୍ୟାକୁ ପଦୋନ୍ନତି ମିଳିଛି ।








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ବିଶ୍ୱ ନିର୍ମାଣର ସ୍ରଷ୍ଟା ‘ବିଶ୍ୱକର୍ମା’

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା, ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୂଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉଡାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଳ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

# ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟ ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। ‘ବିବି ହୋ ଐସି’ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କେବଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ ‘ବଜରଙ୍ଗୀ ଭାଇଜାନ୍’ ଓ ‘ପ୍ରେମରତନ ଧନ ପାୟୋ’ ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା’ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଳଭି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ



ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ “ଦି ଇଣ୍ଟରଭ୍ୟୁ ଟାଇମ୍ସ” ପରିବାର ତରଫରୁ ସମ୍ମାନଜନକ “ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି” ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ସ୍ୱତନ୍ତ୍ର ସଂଖ୍ୟା “ଭିଜନ୍ ଅଫ୍ ଓଡ଼ିଶା-୨୦୧୯” ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପ୍ୟୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

# ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

# ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




## —୨୦୨୨ : ଆଇନ ଅଦାଲତର ଘଟଣାନାମା—

# ଲୋକଙ୍କ ନିକଟତର ହେଉଛନ୍ତି ହାଇକୋର୍ଟ



**ସା**ଧାରଣ ଲୋକଙ୍କ ପାଇଁ ଥିଲା ଅପହଞ୍ଚ, ଅଭେଦ୍ୟ। ଦଣ୍ଡବିଧିର ଭୟ ରହିଥିଲା ମନରେ। ବିଚାର ପ୍ରକ୍ରିୟା ଥିଲା ଲୋକଙ୍କ ପାଇଁ ଦୁର୍ବୋଧ ଓ ଅଜ୍ଞାତ। ଏବେ ସବୁ କିଛି ମୁକ୍ତ ଓ ସହଜ ହେବାରେ ଲାଗିଛି। ନାଲିକୋଠା ଭୟ, ଆଶଙ୍କା କି ଉଦବେଗର ଜାଗା ନୁହେଁ ଏଭଳି ବିଶ୍ୱାସ ତିଆରି ହେଉଛି ସାଧାରଣ ଲୋକଙ୍କ ମନରେ। କଟକଣାର କବାଟ ନିଜ ଆଡୁ ଖୋଲି ଦେଇଛନ୍ତି ଓଡ଼ିଶା ହାଇକୋର୍ଟ। ନ୍ୟାୟିକ ବ୍ୟବସ୍ଥାକୁ ସହଜ, ସରଳ ଓ ସଂପ୍ରସାରିତ କରାଯାଉଛି ସବୁଠାରୁ ଦୁର୍ବଳ ଲୋକଟି ପାଖରେ ପହଞ୍ଚିବା ପାଇଁ। ପିଲାମାନେ ବୁଲି ଦେଖୁଛନ୍ତି ହାଇକୋର୍ଟ। ଯାଉଛନ୍ତି ବିଚାରପତିଙ୍କ କକ୍ଷକୁ। ଜାଣୁଛନ୍ତି ନ୍ୟାୟ ପ୍ରକ୍ରିୟାକୁ।

ବୈଷୟିକ ଜ୍ଞାନ କୌଶଳର ବ୍ୟାପକ ପ୍ରୟୋଗ ଫଳରେ ଆଜି ପ୍ରତି ଜିଲ୍ଲା ଯୋଡ଼ି ହେଉଛି ହାଇକୋର୍ଟଙ୍କ ସହ। ତ୍ୱରିତ ଶୁଣାଣି ହୋଇ ଫଇସଲା ହେଉଛି ମାମଲା। ଜେଲରେ ଶଢୁଥିବା କଏଦୀଙ୍କ ପାଇଁ ମୁକ୍ତିର ବାଟ ପ୍ରଶସ୍ତ ହେଉଛି। ୨୦୨୨ରେ ହାଇକୋର୍ଟଙ୍କ ଏକ ଉଦାର ପରିବର୍ତ୍ତିତ ରୂପ ମୁଗ୍ଧ କରିଛନ୍ତି ସମସ୍ତଙ୍କୁ। ଆହୁରି ଆଶ୍ୱସ୍ତ ହୋଇଛନ୍ତି ନିର୍ଯାତିତ, ନିଷ୍ପେସିତ ଲୋକ। ଏଇ ଭରସାରେ ଯେ ସେମାନଙ୍କ ପାଇଁ କେହି ଅଛି।

**ସ୍ଥାୟୀ ବେଞ୍ଚ ଆଶା ମଉଳିଲା :** ଓଡ଼ିଶା ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ବିଭିନ୍ନ ଅଞ୍ଚଳରୁ ହେଉଥିବା ଦାବିକୁ ଅଗ୍ରାହ୍ୟ କରିଦେଇଛନ୍ତି ଦେଶର ସର୍ବୋଚ୍ଚ ଅଦାଲତ। ଓଡ଼ିଶାର କୌଣସି ସ୍ଥାନରେ ହାଇକୋର୍ଟ ବେଞ୍ଚର ଆବଶ୍ୟକତା ନାହିଁ। ଭର୍ଚୁଆଲ ଶୁଣାଣି, ଇ-ଫାଇଲିଂର ବ୍ୟାପକ ସୁବିଧା ଥିବାରୁ ଏଭଳି ଦାବି ଯଥାର୍ଥ ନୁହେଁ ବୋଲି ସୁପ୍ରିମ କୋର୍ଟ ମତ ଦେବା ସହ ଏଭଳି ଦାବିକୁ ସବୁଦିନ ପାଇଁ ଖାରଜ କରିଦେଇଛନ୍ତି। କେବଳ ସେତିକି ନୁହେଁ, କଟକରୁ ହାଇକୋର୍ଟକୁ ଭୁବନେଶ୍ୱରକୁ ସ୍ଥାନାନ୍ତର ପାଇଁ ଭୁବନେଶ୍ୱର ବାର ଆସୋସିଏସନ ଦାବିକୁ ମଧ୍ୟ ସର୍ବୋଚ୍ଚ ଅଦାଲତ ଅଗ୍ରାହ୍ୟ କରିଦେଇଛନ୍ତି।

**ନିଜ ପ୍ରଦର୍ଶନର ରିପୋର୍ଟ କାର୍ଡ଼ ରଖିଲେ:** ୨୦୧୫ରେ ଥରେ ମାତ୍ର ହାଇକୋର୍ଟଙ୍କ ବାର୍ଷିକ ରିପୋର୍ଟ। ୨୦୨୨ରେ ହାଇକୋର୍ଟ ବ୍ୟାପକ, ବିସ୍ତୃତ ଓ ତଥ୍ୟ ସମ୍ବଳିତ ରିପୋର୍ଟ କାର୍ଡ଼ ଉପସ୍ଥାପନ କରିଥିଲେ ସାଧାରଣ ଲୋକଙ୍କ ଅବଗତି ପାଇଁ। ଏହି ରିପୋର୍ଟରେ ହାଇକୋର୍ଟ ନିଜ କାର୍ଯ୍ୟ ସହ ନିମ୍ନ ଅଦାଲତର କାର୍ଯ୍ୟକୁ ସମୀକ୍ଷା କରିଛନ୍ତି। ୨୮୪ ପୃଷ୍ଠା ସମ୍ବଳିତ ଏହି ବିସ୍ତୃତ ରିପୋର୍ଟରେ ହାଇକୋର୍ଟର ଇତିହାସ ଠାରୁ ଆରମ୍ଭ କରି ବର୍ତ୍ତମାନ ସ୍ଥିତି, ଗତ କିଛି ବର୍ଷ ମଧ୍ୟରେ ନିଆଯାଇଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ବିଭିନ୍ନ ଜିଲ୍ଲା କୋର୍ଟରେ ମାମଲାର ସ୍ଥିତି ଆଦି ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ।

**ବାଲିଯାତ୍ରାରେ ହାଇକୋର୍ଟ ଷ୍ଟଲ :** ସାଧାରଣ ଲୋକଙ୍କ ନିକଟତର ହେବା ଲାଗି ବାଲିଯାତ୍ରା ପଡ଼ିଆରେ ପ୍ରଥମ ଥର ଲାଗି ହାଇକୋର୍ଟର ଷ୍ଟଲ ଖୋଲିଥିଲା। ସର୍ବସାଧାରଣଙ୍କ ପାଇଁ ଏହି ଷ୍ଟଲ ଖୋଲାଯାଇଥିଲା। ଏହି ଷ୍ଟଲ ହାଇକୋର୍ଟ ଇତିହାସ ସମ୍ପର୍କରେ ଅନେକ କଥା କହୁଥିଲା।

**ହାଇକୋର୍ଟ ବିଚାରପତି ନିଯୁକ୍ତିରେ ରେକର୍ଡ଼ :** ୨୦୨୨ ମସିହାରେ ଅନେକ ବିଚାରପତିଙ୍କୁ ନିଯୁକ୍ତି ମିଳିଥିଲା ହାଇକୋର୍ଟ। ମୋଟ ଛଅ ଜଣ ନୂଆ ବିଚାରପତିଙ୍କୁ ନିଯୁକ୍ତି ଦିଆଯାଇଛି ଚଳିତବର୍ଷ। ବାରରୁ ଜଷ୍ଟିସ୍ ଭି.ନରସିଂହ, ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ, ଜଷ୍ଟିସ ସଞ୍ଜୟ କୁମାର ମିଶ୍ର ନୂଆ ବିଚାରପତି ଭାବେ ହାଇକୋର୍ଟରେ ନିଯୁକ୍ତି ପାଇଥିଲାବେଳେ ବିଚାର ବିଭାଗୀୟ ଅଧିକାରୀ ଭାବେ ହାଇକୋର୍ଟରେ ଜଷ୍ଟିସ ଗୌରୀ ଶଙ୍କର ଶତପଥୀ ଏବଂ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନିଯୁକ୍ତି ମିଳିଥିଲା। ସେହିପରି ତ୍ରିପୁରା ହାଇକୋର୍ଟରୁ ବିଚାରପତି ଜଷ୍ଟିସ ଶୁଭାଶିଷ ତାଳପତ୍ରଙ୍କୁ ଓଡ଼ିଶା ହାଇକୋର୍ଟଙ୍କୁ ବଦଳି କରାଯାଇଥିଲା। ଅନ୍ୟପକ୍ଷରେ ଓଡ଼ିଶା ହାଇକୋର୍ଟରୁ ବିଚାରପତି ଜଷ୍ଟିସ ସି.ଆର.ଦାଶଙ୍କୁ କୋଲକାତା ହାଇକୋର୍ଟକୁ ବଦଳି ହୋଇଥିଲା। ତେବେ ଚଳିତ ବର୍ଷ ଦୁଇଜଣ ବିଚାରପତି ଜଷ୍ଟିସ ବିଶ୍ୱଜିତ ମହାନ୍ତି ଏବଂ ବିଚାରପତି ଜଷ୍ଟିସ ଶତ୍ରୁଘ୍ନ ପୂଜାହାରୀ ଅବସର ଗ୍ରହଣ କରିଛନ୍ତି। ବର୍ତ୍ତମାନ ମୁଖ୍ୟ ବିଚାରପତିଙ୍କୁ ମିଶାଇ ହାଇକୋର୍ଟରେ ସର୍ବାଧିକ ୨୨ଜଣ ବିଚାରପତି ଅଛନ୍ତି।

**ନୂଆ ଇତିହାସ 'ସାର' ସମ୍ବୋଧନରୁ କୋର୍ଟ ଆରମ୍ଭ :** ବର୍ଷ ବର୍ଷ ଧରି ଚାଲି ଆସୁଥିବା ପରମ୍ପରା ଚଳିତବର୍ଷ ବ୍ୟତିକ୍ରମ ଘଟିଥିଲା। ମୁଖ୍ୟ ବିଚାରପତିଙ୍କୁ ମାଇଁ ଲର୍ଡ ପରିବର୍ତ୍ତେ ସାର ବୋଲି ସମ୍ବୋଧନ କରାଯାଇଥିଲା। ଏଭଳି ଏକ ସମ୍ବୋଧନ ଦ୍ୱାରା ଓଡ଼ିଶା ହାଇକୋର୍ଟ ବିଚାର ବ୍ୟବସ୍ଥାରେ ଚଳିତ ବର୍ଷ ଏକ ନୂଆ ଇତିହାସ ସୃଷ୍ଟି ହୋଇଛି।

**୧୬୯ ଜଣଙ୍କୁ ସମ୍ବର୍ଦ୍ଧନା:** ୨୫ ବର୍ଷ ପୂରଣ କରିଥିବା ୧୬୯ ଜଣ କର୍ମଚାରୀଙ୍କୁ ହାଇକୋର୍ଟ ପକ୍ଷରୁ ପ୍ରଥମ ଥର ଲାଗି ସମ୍ବର୍ଦ୍ଧିତ କରାଯାଇ ଏକ ନୂତନ ପରମ୍ପରା ସୃଷ୍ଟି କରାଯାଇଥିଲା। ଏହି ଅବସରରେ ହାଇକୋର୍ଟ କର୍ମଚାରୀଙ୍କ ପାଇଁ ଏକ ନୂଆ ଡ୍ରେସ କୋର୍ଡ ମଧ୍ୟ ପ୍ରଚଳନ କରାଯାଇଥିଲା।

**ଇ-କୋର୍ଟକୁ ପ୍ରଶଂସା:** ବୈଷୟିକ ଜ୍ଞାନ କୌଶଳ କ୍ଷେତ୍ରରେ ଓଡ଼ିଶା ହାଇକୋର୍ଟ ଦେଶ ବ୍ୟାପୀ ଖ୍ୟାତି ଅର୍ଜନ କରିଛି। ରାଜ୍ୟ ବ୍ୟାପୀ ଇ-କୋର୍ଟ ସ୍ଥାପନ, ଭର୍ଚୁଆଲ ଶୁଣାଣି ବ୍ୟବସ୍ଥା କ୍ଷେତ୍ରରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଏସ. ମୁରଲୀଧରଙ୍କ ନିରନ୍ତର ଉଦ୍ୟମକୁ ସୁପ୍ରିମକୋର୍ଟ ଏକାଧିକବାର ପ୍ରଶଂସା କରିଛନ୍ତି। ରାଜ୍ୟ ଯେକୌଣସି ଜିଲ୍ଲାକୋର୍ଟରୁ ଓଡ଼ିଶା ହାଇକୋର୍ଟରେ ମାମଲା ପରିଚାଳନା କରିବା, ମାମଲା ରୁଜୁ କରିବାର ଭିତ୍ତିଭୂମି ପ୍ରସ୍ତୁତ କରାଯାଇଛି। ଆସନ୍ତା ତିନି ମାସ ଭିତରେ ପ୍ରତି ଜିଲ୍ଲା କୋର୍ଟରେ ଭର୍ଚୁଆଲ ଶୁଣାଣି ପାଇଁ ସ୍ୱତନ୍ତ୍ର ରୁମ ବ୍ୟବସ୍ଥା, ଇ-ଫାଇଲିଂ ପାଇଁ ବ୍ୟାକ ଅଫିସ ମଧ୍ୟ ତିଆରି କରାଯିବ ବୋଲି ହାଇକୋର୍ଟ ଘୋଷଣା କରିଛନ୍ତି।

**ସାକ୍ଷୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା:** ଜଣେ ସମ୍ବେଦନଶୀଳ ସାକ୍ଷୀ ଅବା ବଳାତ୍କାର ପୀଡ଼ିତାଙ୍କୁ ଆଉ ସାକ୍ଷୀ ଦେବା ଲାଗି କୋର୍ଟ ଆସିବାକୁ ପଡ଼ିବନି। କୋର୍ଟ ନ ଆସି ଯେ କୌଣସି ଶୁଣାଣିରେ ନିଜର ପକ୍ଷ ରଖିପାରିବେ। ଏହିଭଳି ଏକ ବ୍ୟବସ୍ଥା ସୁପ୍ରିମକୋର୍ଟ ବିଚାରପତିଙ୍କ ଦ୍ୱାରା ଉଦଘାଟନ ହେବାପରେ ଏହାର ସୁବିଧା ବିଭିନ୍ନ ପୀଡ଼ିତାଙ୍କୁ ମିଳିବା ଆରମ୍ଭ ହୋଇଛି।

**ପୁଲିସକୁ ଝଟକା:** ଚଳିତବର୍ଷ ଶେଷ ଆଡ଼କୁ ହାଇକୋର୍ଟ ପୁଲିସ ଏଫଆଇଆର ରୁଜୁ ନକରିବାକୁ ନେଇ କ୍ଷୁବ୍ଧ ହୋଇଥିଲେ। ବିଭିନ୍ନ ଥାନାରେ କିପରି ଥାନା ଅଧିକାରୀମାନେ ଏଫଆଇଆର ରୁଜୁ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି ସେ ନେଇ ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ଚଳିତ ୨୦୨୨ଟି ଆଇନ ଅଦାଲତ କ୍ଷେତ୍ର ପାଇଁ ଆହ୍ୱାନଭରା ଥିଲା। ଲୋକମାନେ ଅଦାଲତର ସାହାଯ୍ୟରେ ନିଜର ଆଇନଗତ ସହଯୋଗ ପାଇଛନ୍ତି। ଏ କ୍ଷେତ୍ରରେ ସମସ୍ତଙ୍କର ପ୍ରଶଂସନୀୟ ଯୋଗଦାନ ରହିଥିଲା।

**—ସୌରଚନ୍ଦ୍ର ମହାପାତ୍ର, ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, 'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ, ଇମେଲ : soura999mohapatra@gmail.com**

## ମହିଳାଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ



ଯୋଡା (ପିଏନ୍): କେନ୍ଦୁଝର ଜିଲ୍ଲା ଯୋଡା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ଭାଗଲପୁର ଗ୍ରାମରେ ଜଣେ ବିବାହିତା ମହିଳା ବେକରେ ରଶି ରଗାଇ ଆତ୍ମହତ୍ୟା କରିଥିବା ଘଟଣା ଜଣାପଡିଛି । ମିଳିଥିବା ସୂଚନା ଅନୁଯାୟୀ ସେହି ଗ୍ରାମର ଦୁର୍ସୁ ମୁଣ୍ଡାଙ୍କ ସ୍ତ୍ରୀ ଚାନ୍ଦିନୀ ମୁଣ୍ଡା (୪୧) ତାଙ୍କ ଘରର ଲୁହାବାରରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇ ପୋଲିସ୍‌କୁ ଜଣାଇଥିଲେ । ପୋଲିସ୍ ଖବର ପାଇ ମୃତଦେହକୁ ଜବତ କରି ବ୍ୟବଛେଦ ନିମନ୍ତେ ଡାକ୍ତରଖାନା ପଠାଇ ଘଟଣାର ତଦନ୍ତ କରୁଛି । ପ୍ରକାଶଯୋଗ୍ୟ ଯେ ଏହି ଗ୍ରାମରେ ପୂର୍ବରୁ ଜଣେ ମହିଳାଙ୍କ ମୃତଦେହ ଓହଳିଥିଲା ଏବଂ ସ୍ୱାମୀ କାହାରିକୁ ନଜଣାଇ ମାଟିତଳେ ପୋତି ଦେଇଥିଲେ । ତେବେ ଏହା ଏକ ହତ୍ୟାକାଣ୍ଡ ବୋଲି ମହିଳାଙ୍କ ପରିବାର ପକ୍ଷରୁ ଅଭିଯୋଗ ହେବାପରେ ପୋଲିସ ହତ୍ୟା ମାମଲା ରୁଜୁ କରି ସ୍ୱାମୀଙ୍କୁ ଗିରଫ କରିବା ସହିତ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମାଟି ଖୋଲି ମହିଳାଙ୍କ ମୃତଦେହ ଉଦ୍ଧାର କରି ବ୍ୟବଛେଦ ପାଇଁ ପଠାଇବା ସହିତ ଏହାର ତଦନ୍ତ ଜାରି ରଖିଛି ।

## ବି.ଏନ୍. ସଂସ୍କୃତ ମହାବିଦ୍ୟାଳୟ ଟୁକୁଣାର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ



ଘଷିପୁରା (ପିଏନ୍): ଆନନ୍ଦପୁର ଉପଖଣ୍ଡ ଟୁକୁଣାସ୍ଥିତ ନାରାୟଣ ସରକାରୀ ସଂସ୍କୃତ ମହାବିଦ୍ୟାଳୟ ଠାରେ ବାର୍ଷିକ କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତା ଚଳିତ ଡିସେମ୍ବର ମାସ ୧୪ ତାରିଖଠାରୁ ଆରମ୍ଭ ହୋଇ ୧୭ ତାରିଖରେ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଘାଟନୀ ଦିବସରେ ମହାବିଦ୍ୟାଳୟର ଅଧକ୍ଷା ଡଃ. ଇନ୍ଦିରା ଶୁଭଦର୍ଶିନୀ ଚକ୍ର ପତାକା ଉ□ୋଳନ କରି କ୍ରୀଡା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିବାବେଳେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଉକ୍ତ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ସ୍ଥାନୀୟ ବେଲେଶ୍ୱର ମହାବିଦ୍ୟାଳୟର କ୍ରୀଡା ଶିକ୍ଷକ ଅମୋଦ କୁମାର ବିଶ୍ୱାଳ ଏବଂ କ୍ରୀଡା ପ୍ରଶିକ୍ଷାର୍ଥୀ ଜୟଦେବ ଜେନା କ୍ରୀଡା ପରିଚାଳନା କରିଥିବା ବେଳେ ମହାବିଦ୍ୟାଳୟର ଅଧ୍ୟାପକ ସୁଦର୍ଶନ ସାହୁ, ଡଃ ଗୋପିନାଥ ପଣ୍ଡା, ମନୋରଂଜନ ପାଢୀ, ଭୋଳେଶ୍ୱର ପ୍ରଧାନ, ନବକୁମାର ପଣ୍ଡା, ଯଦୁମଣି ମିଶ୍ର ଏବଂ ବିଜୟ କୁମାର ମିଶ୍ର ପ୍ରତ୍ୟେହ କ୍ରୀଡା ପ୍ରତିଯୋଗିତାରେ ସହଯୋଗ କରିଥିଲେ ।

## ଅମ୍ବିକା ଉଚ୍ଚ ବିଦ୍ୟାଳୟର ୪୨ତମ ବାର୍ଷିକ କ୍ରୀଡା ଉତ୍ସବ



ପଣ୍ଡାପଡା (ପିଏନ୍): ଘଟଗାଁ ବ୍ଲକ ଅନ୍ତର୍ଗତ ପଣ୍ଡାପଡାଠାରେ ଥିବା ଅମ୍ବିକା ଉଚ୍ଚ ବିଦ୍ୟାଳୟରଠାରେ ୪୨ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ମହାପାତ୍ର ପ□ାକା ଉ□ୋଳନ କରି ଏହି ବାର୍ଷିକ କ୍ରୀଡାକୁ ଉଦ୍‌ଘାଟନ କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ପଣ୍ଡାପଡା ସରପଂଚ ପ୍ରିୟରଂଜନ ନାଏକ ଯୋଗ ଦେଇଥିଲେ । ଲମ୍ବଡିଆଁ, ଉଚ୍ଚଡିଆଁ, ୧୦୦, ୨୦୦, ୪୦୦, ୮୦୦ ମିଟର ଦୌଡ, ସଟ୍‌ଫୁଟ୍ ଥ୍ରୋ, ଡିସ୍‌କସ୍ ଥ୍ରୋ, ସ୍ଲୋ ସାଇକେଲ, ମ୍ୟୁଜିକ୍ ଚେୟାର ପ୍ରଭୃତି ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କ୍ରୀଡା ଶିକ୍ଷକ ସୁବ୍ରତ ଲେଙ୍କା, ବିଦ୍ୟାଳୟର ଅନ୍ୟତମ ଶିକ୍ଷକ ଶ୍ରୀମନ୍ତ ମହାନ୍ତ, ଶିକ୍ଷୟତ୍ରୀ ଲକ୍ଷ୍ମୀପ୍ରିୟା ନାଏକ, ସାଗରିକା ବେହେରା, ଇତିସମ୍ପୂର୍ଣ୍ଣା ସାହୁ, ଚନ୍ଦ୍ରଭାନୁ ପଣ୍ଡା, ସ୍ୱାତିସ୍ୱାଗତିକା ମଲ୍ଲିକ, ମିତା ସେଠୀ ପ୍ରମୁଖ କ୍ରୀଡା ପ୍ରତିଯୋଗିତାରେ ସହଯୋଗ କରିଥିଲେ ।

# ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ସୁରକ୍ଷା ମିଶନ

**ଦେ**ଶରେ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ପ୍ରଦାନ କରି ଏବଂ ମୁମୂର୍ଷୁମାନଙ୍କୁ ସହାୟତା ନିମି□ କେନ୍ଦ୍ର ସରକାର ତାଙ୍କ ବଜେଟରେ ଆୟୁଷ୍ମାନ ଭାରତ ନାମକ ଯେଉଁ ନୂଆ ଯୋଜନାଟି ଘୋଷଣା କରିଛନ୍ତି ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ପ୍ରଶଂସନୀୟ ଉଦ୍ୟମ କହିଲେ ଅତ୍ୟୁକ୍ତି ହେବନାହିଁ। ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ସୁରକ୍ଷା ମିଶନ ବା ଏନ୍‌ଏଚ୍‌ପିଏମ୍ (ନ୍ୟାସନାଲ ହେଲଥ ପ୍ରୋଟେକ୍ସନ ମିଶନ) ଭାବେ ପରିଚିତ କେନ୍ଦ୍ର ସରକାରଙ୍କ ଏହି ଲୋକାଭିମୁଖୀ ଯୋଜନାର ବ୍ୟବସ୍ଥାରେ ସରକାର ଦଶକୋଟି ଗରିବ ଓ ଅସୁରକ୍ଷିତ ପରିବାରକୁ ଚିକିତ୍ସା ବୀମା ସୁବିଧା ଯୋଗାଇ ଦେବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଏମାନେ ବାର୍ଷିକ ୫ଲକ୍ଷ ଟଙ୍କାର ଚିକିତ୍ସା ବୀମା ସୁବିଧା ପାଇବେ। କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏହି ଉଚ୍ଚାକାଂକ୍ଷୀ ଯୋଜନାକୁ ସଫଳ କରିବା ପାଇଁ ସରକାର ଏହାକୁ ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି। ଏହି ସର୍ବବୃହ□ ଓ ଲୋକାଭିମୁଖୀ କାର୍ଯ୍ୟକ୍ରମର ସୁପରିଚାଳନା ନିମି□ ବିଧିବଦ୍ଧ ଭାବେ ଏକ ମଣ୍ଡଳୀ ଗଠନ ହେବା ସହ ରାଜ୍ୟମାନଙ୍କ ସହିତ ଭାଗିଦାରୀ ସମ୍ପର୍କ ଭି□ରେ ସୁପରିଚାଳନା ପାଇଁ କାର୍ଯ୍ୟକ୍ରମ ଜାରି ରହିଛି। ସେହିପରି ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ବ୍ୟବସ୍ଥା ଅନୁଯାୟୀ ଦାୟିତ୍ୱରେ ରହିଥିବା ରାଜ୍ୟମାନେ ମଧ୍ୟ ଏହି ଯୋଜନାକୁ ସଠିକ୍ ଓ ସଫଳ କାର୍ଯ୍ୟକାରୀତା ନିମି□ ନିଃସ୍ୱାର୍ଥପର ଭାବରେ ତତ୍କାଳ କାର୍ଯ୍ୟକ୍ରମକୁ ଆଗେଇ ନେବା ଜରୁରୀ। ସେହିପରି ଏହି ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ସୁରକ୍ଷା ମିଶନ ସାର୍ବଜନୀନ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ପ୍ରତିନିଧିତ୍ୱ କରୁଥିବାରୁ ଏହି ସଂସ୍ଥାକୁ ଆଇନଗତ ମାନ୍ୟତା ବିଶେଷକରି ଏକ ଅଲଗା ଆଇନ ବଳରେ ମାନ୍ୟତା ପ୍ରଦାନ ଅତ୍ୟନ୍ତ ଜରୁରୀ। କାରଣ ଏହି ବ୍ୟବସ୍ଥାଟି ସଫଳ ଓ ସୁରକ୍ଷିତ ହୋଇପାରିଲେ ଏହାର ଦାୟିତ୍ୱ ଓ କାର୍ଯ୍ୟକାରିତା ମଧ୍ୟ ବଢ଼ିବ। ଅନେକ ସମୟରେ ରୋଗୀଟିର ଚିକିତ୍ସା ସେବା ବ୍ୟୟବହୁଳ ହୋଇଯିବା ନେଇ ଅସନ୍ତୋଷ ସୃଷ୍ଟି ହୁଏ କିନ୍ତୁ ଏହି କାର୍ଯ୍ୟକ୍ରମଟି ଚିକିତ୍ସାଳୟ ଭି□କ ସୁଚିକିତ୍ସା ଯୋଗାଇ ଦେବା ପାଇଁ ଦୃଷ୍ଟି ରଖିଛି। ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ସୁରକ୍ଷା ମିଶନ ଅଧୀନରେ ଏହି ଯୋଜନା କାର୍ଯ୍ୟକାରୀ ହେବା ପରେ ପୂର୍ବରୁ ଥିବା ସବୁ ସ୍ୱାସ୍ଥ୍ୟବୀମାର କାର୍ଯ୍ୟକାରିତା ସ୍ୱତଃ ଅକାମୀ ହୋଇଯିବ। ଏହାଦ୍ୱାରା କେବଳ ତଫସିଲଭୁକ୍ତ ଜାତି ଓ ଜନଜାତିର ଲୋକଙ୍କ କ୍ଷେତ୍ରକୁ ଛାଡ଼ିଦେଲେ ପରିଣତ ବୟସରେ ପହଞ୍ଚିଥିବା ନାଗରିକ, ମହିଳା ଓ ଅନ୍ୟାନ୍ୟ ବର୍ଗର ମାନଦଣ୍ଡକୁ ପୂରଣ କରୁଥିବା ଅପ୍ରତ୍ୟାଶିତ ପରିବାରଗୁଡ଼ିକର ଶିଶୁମାନଙ୍କୁ ମଧ୍ୟ ଅନ୍ତର୍ଭୁକ୍ତ କରିବା ଭଳି ମନେହୁଏ। କେନ୍ଦ୍ର ସରକାର ସ୍ୱାସ୍ଥ୍ୟ ସେବାକୁ ଲୋକମାନଙ୍କ ପାଖରେ ନିଃଶୁଳ୍କ ଭାବରେ ଯୋଗାଇବା ପାଇଁ ଯେଉଁ ପଦକ୍ଷେପ ନେଉଛନ୍ତି ଏହାର ଆବଶ୍ୟକୀୟ ଖର୍ଚ୍ଚର ଭାର ଜନସାଧାରଣଙ୍କଠାରୁ ସଂଗ୍ରହ ହେଉଥିବା ଟିକସ୍‌ରୁ ହିଁ ଭରଣା ହେବ। ସମଗ୍ର ପୃଥିବୀରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭାରତର ସ୍ଥାନ ସଫଳ କୋଡିଏଟି ଦେଶ ଭିତରେ ଅନ୍ତର୍ଭୁକ୍ତ। କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କ ସହଯୋଗରେ ଅନେକ କଲ୍ୟାଣମୁଖୀ ଯୋଜନା ନିୟମିତ ଭାବେ ପ୍ରଣୟନ କରିବା ସହ ଏହାକୁ ଯଥାର୍ଥ ଭାବରେ କାର୍ଯ୍ୟକାରୀ କରୁଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ତଥ୍ୟ ଅନୁଯାୟୀ ସାର୍ବଜନୀନ ସ୍ୱାସ୍ଥ୍ୟସେବା ସମସ୍ତଙ୍କ ପାଇଁ ସମାନତା ରଖିବା ଜରୁରୀ ଏବଂ ଏହା ଜଣଙ୍କର ଆର୍ଥିକ ଅସୁବିଧାର କାରଣ ଯେପରି ନ ହୋଇପାରିବ ଏହାକୁ ଦୃଷ୍ଟିଦେବା କଥା। ଆସନ୍ତା ୨୦୩୦ ସୁଦ୍ଧା ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଗୁରୁତ୍ୱ ପ୍ରଦାନ ସହ ସମସ୍ତଙ୍କୁ ଉଚିତ ଓ ନିଶୁଳ୍କ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ କେନ୍ଦ୍ର ସରକାର ନିଜ ପ୍ରତିଶ୍ରୁତିବଦ୍ଧତାକୁ କାର୍ଯ୍ୟକାରୀ କରିବା ଜରୁରୀ। ସାଧାରଣରେ ଦେଖାଯାଏ ଲୋକମାନଙ୍କୁ ଉ□ମ ସ୍ୱାସ୍ଥ୍ୟସେବା ଯୋଗାଇବା କ୍ଷେତ୍ରରେ ସରକାରୀ ଘୋଷଣା ଭିତରେ ଅନ୍ୟାନ୍ୟ ସଂସ୍ଥାର ବିଳମ୍ବଜନିତ ସହଯୋଗିତା ବଡ଼ ପ୍ରତିବନ୍ଧକ ଭାବରେ ଦେଖାଯାଏ। ଦିନକୁ ଦିନ ସଂକ୍ରାମକ ରୋଗଠାରୁ ଅନେକ ବ୍ୟୟବହୁଳ ଚିକିତ୍ସା ହେଉଥିବା ଦୀର୍ଘକାଳୀନ ରୋଗର ଶିକାର ହେଉଛନ୍ତି ଲୋକମାନେ। ଅର୍ଥାଭାବରୁ ଭାରତବର୍ଷର ଏକ ବଡ଼ ସଂଖ୍ୟାନୁପାତ ପରିମାଣର ମୁମୂର୍ଷୁ ରୋଗୀମାନେ ସାମାନ୍ୟ ଟିକିଏ ଚିକିତ୍ସାରୁ ବଞ୍ଚିତ ହୋଇଥାନ୍ତି। ଏହା ତାଙ୍କ ଜୀବନକୁ ମଧ୍ୟ ନେଇଯାଏ। ଜନସାଧାରଣଙ୍କ ଉପରୁ ସ୍ୱାସ୍ଥ୍ୟଜନିତ ବ୍ୟୟର ବୋଝ କମାଇବା ପାଇଁ କେନ୍ଦ୍ର ସରକାରଙ୍କ ଏହି ଯୋଜନାଟି ଅତ୍ୟନ୍ତ ଲୋକପ୍ରିୟ ହେବ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ ନିକଟରେ କେନ୍ଦ୍ରର ନୀତି ଆୟୋଗ ସଂସ୍ଥା ସ୍ୱାସ୍ଥ୍ୟସେବାକୁ ସମସ୍ତଙ୍କ ନିକଟରେ ପହଞ୍ଚାଇବା ପାଇଁ ରାଜ୍ୟଭି□କ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେବାକୁ ମତବାଦସହ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ସୁରକ୍ଷା ମିଶନ ଏକ ରାଷ୍ଟ୍ରୀୟ କାର୍ଯ୍ୟକ୍ରମ ଏବଂ ଏହି ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଦଳମତ, ଆଦର୍ଶଗତ ମତବାଦର ଉର୍ଦ୍ଧ୍ୱରୁ ରହି ଜଣେ ମୁମୂର୍ଷୁର ସେବାକୁ ପ୍ରାଥମିକତା ଦେବା ନିହାତି ଜରୁରୀ। ଓଡ଼ିଶା ସରକାର ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ବଡ଼ମେଡ଼ିକାଲ, ଜିଲ୍ଲାସ୍ତରୀୟ ଡାକ୍ତରଖାନାଠାରୁ ଶିଶୁଭବନ ସବୁ କ୍ଷେତ୍ରକୁ ଗୁରୁତ୍ୱ ପ୍ରଦାନ କରି ଅନେକ କ୍ରାନ୍ତିକାରୀ ଯୋଜନା ହାତକୁ ନେଉଛନ୍ତି। ସରକାର ଏକ ଲୋକପ୍ରିୟ ନିଷ୍ପ□ ନେଇ ରୋଗୀମାନଙ୍କ ସମସ୍ତ ପରୀକ୍ଷା ମାଗଣାରେ କରିବା ପାଇଁ ଯେଉଁ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ଏହାକୁ ସବୁ ମହଲରେ ପ୍ରଶଂସା କରାଯାଉଛି। ଭାରତବର୍ଷରେ ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟ ଯେଉଁଠି ସରକାର ଅନେକ ସ୍ୱାସ୍ଥ୍ୟସେବା ପ୍ରକଳ୍ପ ପରିଚାଳନା କ୍ଷେତ୍ରରେ କେନ୍ଦ୍ରର ସହଯୋଗ ନ ପାଇ ମଧ୍ୟ ଏହାକୁ ଆଗେଇ ନେଇପାରୁଛନ୍ତି। ରାଜ୍ୟର ଅଗମ୍ୟ ଓ ଯୋଗାଯୋଗ ବିହୀନ ଅଞ୍ଚଳରେ ସରକାର ଲୋକଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚାଉଛନ୍ତି। ସେହିପରି ଏକ ଉଲ୍ଲେଖନୀୟ ଉତ୍ସାହପ୍ରଦ ଘଟଣା ହେଉଛି ଅନେକ କ୍ଷେତ୍ରରେ ଡାକ୍ତରମାନେ ମୁମୂର୍ଷୁ ରୋଗୀଙ୍କୁ ତୁରନ୍ତ ଚିକିତ୍ସା ନିମି□ କେଉଁଠି ନିଜେ ଭାର ବୋହି ଡାକ୍ତରଖାନାକୁ ଆଣିଥା'ନ୍ତି ତ' କେଉଁଠି ନିଜେ ଲୋକଟିକୁ ରକ୍ତଦାନ କରିଥାନ୍ତି। ହାତରୁ ପଇସା ଖର୍ଚ୍ଚ କରି ରୋଗୀମାନଙ୍କ ସେବା କରୁଥିବା ଡାକ୍ତରମାନଙ୍କ ଅଭାବ ଏ ସମାଜରେ ନାହିଁ। ସବୁଠାରୁ ବଡ଼କଥା ହେଉଛି, କେନ୍ଦ୍ର ସରକାରଙ୍କ ଏହି ଆୟୁଷ୍ମାନ ଭାରତ କାର୍ଯ୍ୟକ୍ରମ ଲୋକାଭିମୁଖୀ ହେଉ ଏବଂ ଏହାକୁ ନିଃସ୍ୱାର୍ଥପର ଭାବରେ ସମସ୍ତଙ୍କ ପାଖରେ ପହଞ୍ଚାଇବା ପାଇଁ ଉଦ୍ୟମ ଶିଥିଳ ନ ହେଉ।

# ସତ୍‌ସଙ୍ଗର ଆହ୍ୱାନ-ସମ୍ପ୍ରଦାୟ ନିରପେକ୍ଷ ଧର୍ମପ୍ରାଣ ଭାରତ





**ସ**ତ୍‌ସଙ୍ଗର ପ୍ରାଣପୁରୁଷ ଯୁଗପୁରୁଷୋ□ମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କର ସ୍ୱହସ୍ତ ଲିଖିତ ପବିତ୍ର ଗ୍ରନ୍ଥ ସତ୍ୟାନୁସରଣରେ ଭାରତବାସୀଙ୍କୁ ଆହ୍ୱାନ ଜଣାଇଲେ-ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ - ଠକିଯିବ; ତୁମର ଠାକୁରତ୍ୱ ଜାଗ୍ରତ ନହେଲେ କେହି ତୁମର କେନ୍ଦ୍ର ବି ନୁହଁନ୍ତି, ଠାକୁର ବି ନୁହଁନ୍ତି - ଫାଙ୍କି ଦେଲେ ତାହା ହିଁ ପାଇବ। ଭାରତର ଅବନତି ସେହି ସମୟରୁ ଆରମ୍ଭ ହୋଇଛି ଯେଉଁ ସମୟରୁ ଭାରତବାସୀଙ୍କ ପାଖରେ ଅମୂ□ ଭଗବାନ ଅସୀମ ହୋଇ ଉଠିଛନ୍ତି - ଋଷିଙ୍କୁ ବାଦ ଦେଇ ଋଷି ବାଦର ଉପାସନା ଆରମ୍ଭ ହୋଇଛି। ଭାରତ ! ଯଦି ଭବିଷ୍ୟତ କଲ୍ୟାଣକୁ ଆବାହନ କରିବାକୁ ଚାହଁ, ତେବେ ସମ୍ପ୍ରଦାୟଗତ ବିରୋଧ ଭୁଲି, ଜଗତର ପୂର୍ବ ପୂର୍ବ ଗୁରୁମାନଙ୍କ ପ୍ରତି ଶ୍ରଦ୍ଧାସମ୍ପନ୍ନ ହୁଅ - ଆଉ ତୁମର ମୂ□ ଓ ଜୀବନ୍ତ ଗୁରୁ ବା ଭଗବାନଙ୍କ ପ୍ରତି ଆସକ୍ତ ହୁଅ, ଏବଂ ସେହି ମାନଙ୍କୁ ହିଁ ସ୍ୱୀକାର କର ଯେଉଁମାନେ ତାଙ୍କୁ ଭଲ ପାଆନ୍ତି। କାରଣ ପୂର୍ବବ□ୀଙ୍କୁ ଅଧିକାର କରିହିଁ ପରବ□ୀଙ୍କର ଆବିର୍ଭାବ। ସମଗ୍ର ମାନବ ଜାତିକୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆହ୍ୱାନ ଦେଇ କହିଲେ - ସର୍ବପ୍ରଥମ ଆତ୍ମମାନଙ୍କୁ ଦୁର୍ବଳତା ବିରୁଦ୍ଧରେ ଯୁଦ୍ଧ କରିବାକୁ ହେବ। ସାହସୀ ହେବାକୁ ହେବ, ବୀର ହେବାକୁ ହେବ। ପାପର ଜ୍ୱଳନ୍ତ ପ୍ରତିମୂ□ ଏହି ଦୁର୍ବଳତା। ତଡ଼ ଯେତେ ଶୀଘ୍ରପାର ଏହି ରକ୍ତ ଶୋଷଣକାରୀ ଅବସାଦ ଉତ୍ପାଦକ ବାଦୁଡ଼ିକୁ। ସ୍ମରଣ କର ତୁମେ ଶକ୍ତିର ତନୟ, ସ୍ମରଣ କର ତୁମେ ପରମପିତାଙ୍କ ସନ୍ତାନ। ହଟି ଯିବାଟା ବରଂ ଦୁର୍ବଳତା ନୁହେଁ କିନ୍ତୁ ଚେଷ୍ଟା ନକରିବା ହିଁ ଦୁର୍ବଳତା। ତୁମେ କୌଣସି କିଛି କରିବାକୁ ପ୍ରାଣପଣେ ଚେଷ୍ଟା କରି ମଧ୍ୟ ଯଦି ବିଫଳ ମନୋରଥ ହୁଅ, କ୍ଷତି ନାହିଁ ତୁମେ ଛାଡ଼ ନାହିଁ ଏହି ଅମ୍ଳାନ ଚେଷ୍ଟା ହିଁ ତୁମକୁ ମୁକ୍ତି ଆଡ଼କୁ ନେଇଯିବ। ତୁମେ କୁହନା ତୁମେ ଭୀରୁ, କୁହନା ତୁମେ କାପୁରୁଷ, କୁହନା ତୁମେ ଦୁରାଶୟ। ପିତାଙ୍କ ଆଡ଼କୁ ନଜର କର, ଆବେଗଭରେ କୁହ - ହେ ପିତା, ମୁଁ ତୁମରି ସନ୍ତାନ; ମୋର ଆଉ ଜଡ଼ତା ନାହିଁ, ଆଉ ଦୁର୍ବଳତା ନାହିଁ, ମୁଁ ଆଉ କାପୁରୁଷ ନୁହେଁ, ମୁଁ ଆଉ ତୁମକୁ ଭୁଲି ନରକ ଆଡ଼କୁ ଦୌଡ଼ି ଯିବିନାହିଁ, ଆଉ ତୁମର ଜ୍ୟୋତି ଆଡ଼କୁ ପଛକରି ଅନ୍ଧକାର ଅନ୍ଧକାର ବୋଲି ଚିତ୍କାର କରିବି ନାହିଁ। ଜଗତରେ ମଣିଷ ଯେତେ ଯାହା ଦୁଃଖ ପାଏ ତାହାର ଅଧିକାଂଶ ହିଁ କାମିନୀ କାଞ୍ଚନ ପ୍ରତି ଆସକ୍ତିରୁ ଆସେ। ସେ ଦୁଇଟା ପାଖରୁ ଯେତିକି ଦୂରେଇ ରହିବ ସେତିକି ମଙ୍ଗଳ। ପ୍ରତ୍ୟେକଙ୍କ ମା' - ହିଁ ଜଗଜ୍ଜନନୀ। ପ୍ରତ୍ୟେକ ଝିଅ ହିଁ ନିଜ ମା'ର ବିଭିନ୍ନ ରୂପ, ଏହିପରି ଭାବିବାକୁ ହୁଏ। ମାତୃଭାବ ହୃଦୟରେ ପ୍ରତିଷ୍ଠିତ ନ ହେଲେ ସ୍ତ୍ରୀ ଲୋକକୁ ଛୁଇଁବା ଅନୁଚିତ - ଯେତେ ଦୂରେଇ ରହିପାର ସେତେ ଭଲ; ଏପରିକି ମୁଖ ଦର୍ଶନ ନକରିବା ଆହୁରି ଭଲ। ଧର୍ମର ସର୍ବସମନ୍ୱୟୀ ବ୍ୟାଖ୍ୟାରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର କହିଲେ-ଧର୍ମ କେବେହେଲେ ବହୁ ହୁଏନା, ଧର୍ମ ଏକ, ଆଉ ତାର କୌଣସି ପ୍ରକାର ନାହିଁ। ମତ ବହୁତ ହୋଇପାରେ, ଏପରିକି ଯେତେ ମଣିଷ ସେତେ ମତ ହୋଇପାରେ, କିନ୍ତୁ ତାହା ବୋଲି ଧର୍ମ ବହୁତ ହୋଇପାରେ ନାହିଁ। ହିନ୍ଦୁ ଧର୍ମ, ମୁସଲମାନ ଧର୍ମ, ଖ୍ରୀଷ୍ଟିୟାନ ଧର୍ମ, ବୌଦ୍ଧ ଧର୍ମ ଇତ୍ୟାଦି କଥା ମୋ ମତରେ ଭୁଲ, ବରଂ ସେ ସବୁ ଗୁଡ଼ିକ ମତ। କୌଣସି ମତ ସହିତ କୌଣସି ମତର ପ୍ରକୃତ ପକ୍ଷରେ କୌଣସି ବିରୋଧ ନାହିଁ, ଭାବର ବିଭିନ୍ନତା, ପ୍ରକାର ଭେଦ-ଗୋଟିଏକୁ ନାନା ପ୍ରକାରରେ ଏକ ରୂପେ ଅନୁଭବ। ସତ୍‌ସଙ୍ଗ ଚାହେଁ ଭାରତ ଏକ ସମ୍ପ୍ରଦାୟ ନିରପେକ୍ଷ ଧର୍ମପ୍ରାଣ ରାଷ୍ଟ୍ର ହେଉ। ଆମେ କଂଗ୍ରେସ ମୁକ୍ତ ଭାରତ ଚାହୁଁନା, ବା ସଂଘ ମୁକ୍ତ ଭାରତ ଚାହୁଁନା। ଆମେ ଚାହୁଁ ସମ୍ପ୍ରଦାୟ ନିରପେକ୍ଷ ଧର୍ମପ୍ରାଣ ଭାରତ। ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଉଦା□ କଣ୍ଠରେ ଗାଇ ଉଠିଲେ - 'ଆର୍ଯ୍ୟ ଭାରତ ବର୍ଷ ମୋର, ଜ୍ଞାନ ଗରିମା ଗରବିନୀ, ଦ୍ୟୁତିପ୍ରେକ୍ଷା ସ୍ଫୁରକ ପ୍ରଜ୍ଞା, ଦ୍ୟୁଲୋକ ଦୀପକ ମାଳିନୀ, ରକ୍ତ ତପନ କ୍ଷିପ୍ତ ଆଲୋକ, ରଶ୍ମି ପୁଲକ ଝଲକ ଝଲକ, ଦୀପ୍ତ ରିକ୍ତ ପାବକ ଅନଘ, ମୃତ୍ୟୁ ବିଜୟ ଦାୟିନୀ! ହୋମର ଅନଳ ନାଚେ ଛଳ ଛଳ, ବହେ ସରସ୍ୱତୀ ସିନ୍ଧୁ ପ୍ରବଳ, ଦୃଷଦ୍ୱତୀ ଦେଲା ଅର୍ଘ୍ୟ ଆଂଚଳ, ସ୍ଫୁରିତ ଇନ୍ଦୁ ସ୍ମିତ ଟଳ ଟଳ, ଚଲେ ଭାଗିରଥୀ ଡାକେ କଳକଳ, ସାଗର ଧୌତ ଚରଣ ଯୁଗଳ, ତୁଙ୍ଗ ଧବଳ କିରୀଟିନୀ, ଅଯୁତ ରଶ୍ମି ଦୀପ୍ତ କେନ୍ଦ୍ର, ପୁରୁଷୋ□ମ ଚିର ଅତନ୍ଦ୍ର, ଜାଗେ ଆହ୍ୱାନ ବିପୁଳ ମନ୍ଦ୍ର, ଅମର ଲପନା ଜୀବନ ସାନ୍ଦ୍ର, ଆର୍ଯ୍ୟ ଗରିମା ଗଭୀର ମନ୍ତ୍ର, ଛଳକି ସ□ା ଏକଟି ତନ୍ତ୍ର, ଭାରତ ବିଶ୍ୱ ରତାୟିନୀ'। ଶ୍ରୀ ଶ୍ରୀ ଠାକୁର ଅତି ଦୃଢ଼ ଚି□ରେ ଘୋଷଣା କଲେ - ତୁମେ, ଠିକ୍ ଠିକ୍ ଜାଣ ଯେ, ତୁମେ ତୁମର, ତୁମ ନିଜ ପରିବାରର, ଦଶର ଏବଂ ଦେଶର ବ□ମାନ ଓ ଭବିଷ୍ୟତ ପାଇଁ ଦାୟୀ।

**-ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**
*ସହ-ପ୍ରତିରକ୍ଷିକ ଓ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭*

# ଓଡିଆ ସାହିତ୍ୟରେ ରହସ୍ୟ ଉପନ୍ୟାସ



**ବି**ଶ୍ୱର ପାଠକମାନଙ୍କ ମଧ୍ୟରେ ଆଗଥା କ୍ରିଷ୍ଟଙ୍କ ରହସ୍ୟ ଉପନ୍ୟାସ,ସାର ଆର୍ଥର କୋନାନ ଦୟଲଙ୍କ ସେରଲକ ହୋଲମସ ସଂପର୍କିତ ଗଳ୍ପ ଓ ହାରି ପୋର୍ଟର ଭଳି ଭୌତିକ ଉପନ୍ୟାସର ବେଶ ଆଦର ରହିଛି । ଯେ କୌଣସି ପୁସ୍ତକ ଦୋକାନରେ ଏହି ଜାତୀୟ ପୁସ୍ତକ ବହୁଳ ସଂଖ୍ୟାରେ ବିକ୍ରୟ ପାଇଁ ଗଛିତ ଥାଏ । ଓଡିଶାରେ ମଧ୍ୟ ରହସ୍ୟ ଉପନ୍ୟାସର ଆଦର ୫୦ବର୍ଷ ତଳେ ଅସମ୍ଭବ ଭାବେ ଅଧିକ ଥିଲା । ହାଇସ୍କୁଲ ଓ କଲେଜ ପଢୁଆ ପିଲାଙ୍କ ମଧ୍ୟରେ ବିଭିନ୍ନ ଡିଟେକଟିଭ ପୁସ୍ତକର ବଡ ଚାହିଦା ଥିଲା । ସେସବୁର ଲୋକ ପ୍ରିୟତାକୁ ଆଖି ଆଗରେ ରଖି ସିରିଜ ମାନ ଲେଖା ଯାଇଥିଲା । ସେଗୁଡିକ ମଧ୍ୟରୁ ଦସ୍ୟୁ ରବିନ ସିରିଜ, ମିରା ସିରିଜ, ତ୍ରିପୁର ସୁନ୍ଦରୀ, ମନମୋହିନୀ ସିରିଜ ପ୍ରଧାନ । ଚମ୍ବଲ ଉପତ୍ୟକାର ଡାକୁ ସମ୍ରାଟ ମାନସିଂ, ଦସ୍ୟୁରାଣୀ ଫୁଲନକୁ ନେଇ ଅନେକ ଉପନ୍ୟାସ ଲେଖା ହୋଇଥିଲା । ଭାବାନୀ ବାବୁ ଡିଟେକଟିଭଙ୍କ ନାମ ଏବେ ବି ମନେ ଅଛି। କଣ୍ଠୁରି ଚରଣ ଦାସ, ଗିରିଧାରୀ ମହାରଣା, ଭୂପେନ ଗୋସ୍ୱାମିଙ୍କ ଭଳି ଲେଖକମାନେ ବେଶ ପାଠକଙ୍କ ପ୍ରିୟ ଥିଲେ । ସେତେବେଳେ ଗାଁର ପାଠାଗାରମାନଙ୍କରେ ଏସବୁ ବହି ମିଳୁଥିଲା । ପରବର୍ତ୍ତି ସମୟରେ କେତେକ ଲେଖକ ନିଜକୁ ରହସ୍ୟ ସମ୍ରାଟ,ରହସ୍ୟ କୁମାର ଛଦ୍ମ ନାମରେ ଡିଟେକଟିଭ ବହିମାନ ଲେଖିଲେ । ମାସିକ ଚକ୍ରାନ୍ତ, ମାସିକ ଡିଟେକଟିଭ, ସତ୍ୟ ଅପରାଧ ଘଟଣା ଭଳି ମାସିକ ପତ୍ରିକାମାନ ବଜାରରେ ମିଳିଲା । ବିଶେଷତଃ ବସଷ୍ଟାଣ୍ଡମାନଙ୍କରେ ଯାତ୍ରୀମାନଙ୍କ ହାତରେ ନିଶ୍ଚୟ ଏ ଧରଣର ପତ୍ରିକା ଦେଖିବାକୁ ମିଳୁଥିଲା । ସେତେବେଳେ କେତେକ ଔପନ୍ୟାସିକ ଗାଁ ଗହଳର ଅଳ୍ପ ଶିକ୍ଷିତ ଯୁବକଯୁବତୀଙ୍କ ପାଇଁ ଉପନ୍ୟାସମାନ ଲେଖୁଥିଲେ । ଏଗୁଡିକ କଲିକତାରୁ ପ୍ରକାଶ ପାଉଥିଲା । ଭାଗିରଥି ଦାସ ସେମାନଙ୍କ ମଧ୍ୟରେ ପ୍ରଧାନ । ଅଳ୍ପ ଶିକ୍ଷିତ ଗ୍ରାମ୍ୟ ବାଳିକା ସେଗୁଡିକୁ ପଢି ସଂସାର, ପ୍ରେମ, ଘରକରଣା ବିଷୟରେ ଜାଣୁଥିଲା । ବିଦେଶରେ ଥିବା ସ୍ୱାମୀଙ୍କ ପାଖକୁ ଚିଠି ଦେଉଥିଲା । ବିବାହ ବେଳେ ସାଙ୍ଗରେ ବାକ୍ସ ଭର୍ତ୍ତି ବହି ଯାଉଥିଲା । ସେହିଭଳି ପରିବାରଠାରୁ ବିଚ୍ଛିନ୍ନ ହୋଇ କଲିକତାର ଲକ୍ଷ ଲକ୍ଷ ଓଡିଆ ଶ୍ରମିକ ମାନଙ୍କ ପାଇଁ ଏହି ବହି ସବୁ ଅତ୍ୟନ୍ତ ପ୍ରିୟ ଥିଲା । ଲୋକେ ଜାନିଯାତ୍ରାକୁ ଗଲେ ଏ ସବୁ ବହିରୁ ନିଶ୍ଚୟ ଗୋଟେ କିଣୁଥିଲେ । କାଳକ୍ରମେ ଏ ସବୁ ପୁସ୍ତକର ଲେଖିବା କମିଗଲା । କାରଣ ଏ ଧରଣର ପୁସ୍ତକକୁ ଆମର ସାହିତ୍ୟର ବଡପଣ୍ଡାମାନେ ଶସ୍ତା ସାହିତ୍ୟ ବୋଲି ଭାବିଲେ । ସେମାନଙ୍କର ଭୁଲ ହେଲା ଅତ୍ୟନ୍ତ ସରଳ ଭାବରେ ତାହା ଲେଖା ଥିଲା । କଳ୍ପନା ଅପେକ୍ଷା ବାସ୍ତବତାକୁ ଅଗ୍ରାଧିକାର ଦିଆଯାଉଥିଲା । ଏସବୁ ସାହିତ୍ୟ ଲେଖିଲେ ସମ୍ବର୍ଦ୍ଧନା ବା ମାନପତ୍ର ମିଳିବ ନାହିଁ । ସଭାରେ ଶସ୍ତା ଉପନ୍ୟାସର ଲେଖକ ବୋଲି ଉପହସିତ ହେବେ। ତେଣୁ ଲେଖକମାନେ ଏଭଳି ପ୍ରକାର ବହି ଲେଖିବା ଛାଡିଦେଲେ ଓ ସମ୍ଭ୍ରାନ୍ତ ସାହିତ୍ୟର ସଭ୍ୟ ହୋଇଗଲେ । ଯେଉଁ ସାହିତ୍ୟକୁ ସାଧାରଣ ଲୋକ ଦୁର୍ବୋଧ, ଅବୋଧ, ନିର୍ବୋଧ ବୋଲି ଷ୍ଟାମ୍ପ ବହୁ ଦିନରୁ ମାରିସାରିଛି। ସାଧାରଣ ଲୋକଙ୍କଠାରୁ ଦୂରେଇ ଯାଇ ସାହିତ୍ୟ ସଭା, କବିତା ପାଠୋତ୍ସବ, ରାଜ୍ୟସ୍ତରୀୟ, ଜାତୀୟସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବରେ ନିଜକୁ ସୀମିତ ରଖିଛି । ଓଡିଆ ଭାଷାର ଅନେକ ଲୋକପ୍ରିୟ ପତ୍ରିକା ସୁଚରିତା, ଜହ୍ନମାମୁଁ, ପୌରୁଷ ପ୍ରାୟ ଲୋପ ହେବାକୁ ବସିଲାଣି, କାରଣ ଏଥିପାଇଁ ମନକୁ ଛୁଇଁଲା ଭଳି ଲେଖା ଆସୁନାହିଁ । ନିଜ ସଂଚିତ ଅର୍ଥରେ ବହି ଛପାଇ ମାଗଣାରେ ବାଣ୍ଟିବା ହିଁ ଆଜିର ସାହିତ୍ୟ । ସାହିତ୍ୟ ସଭାରୁ ଫେରିଲା ପରେ ବ୍ୟାଗରେ ଗୋଛାଏ ବହି ଦେଖି, ଘରଣୀଙ୍କ ଭୀମ ଗର୍ଜନ, "ସେ ବାଜେ ବହି ରଖିବାକୁ ଘରେ ଯାଗା ନାହିଁ, ତୁମ ଜିନିଷ କୋଉଠି ସାଇତି ରଖ; ନଇଲେ ରଦି କାଗଜବାଲାକୁ ସବୁ ଦେଇଦେବି !" ଏହା ହିଁ ସମ୍ଭ୍ରାନ୍ତ ସାହିତ୍ୟର ଅବସ୍ଥା ।

**ଡାଃ ସୁରେନ୍ଦ୍ର ନାଥ ଦାଶ,** ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ମୋ:୯୪୩୭୨୩୫୩୮୬

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୨, ଡିସେମ୍ବର ୩୦**

# ସାହିତ୍ୟର ଅତୀତ ଓ ବର୍ତ୍ତମାନ



ଯୁଗେ ଯୁଗେ ମଣିଷ ନିଜକୁ ଅନ୍ୟଠାରେ ପରିପ୍ରକାଶ କରିବା ପାଇଁ ବ୍ୟାକୁଳ । ଏହି ବ୍ୟାକୁଳତା ହେଉଛି ତା'ର ରକ୍ତଗତ । ତେଣୁ କୁହାଯାଏ ମାନବର ରୂପାନ୍ତରଣ ପ୍ରବୃତ୍ତିକୁ ଆଧାର କରି ସାହିତ୍ୟ ସୃଷ୍ଟିଲାଭ କରିଥାଏ । ଶବ୍ଦ ସମୂହ ସ୍ରଷ୍ଟାର କଳାନୈପୁଣ୍ୟତାକୁ ଆଧାର କରି ସୁସ୍ଥ ମାନବିକ ଚେତନାକୁ ଉଦ୍‌ବେଳିତ କରିବା ସହ ଆତ୍ମାକୁ ଦେଇଥାଏ ପରିତୃପ୍ତି । ତେଣୁ ତ ପ୍ରତ୍ୟେକ ଯୁଗର ସୃଷ୍ଟି ପ୍ରକ୍ରିୟା ମଧ୍ୟରେ ସମକାଳୀନ ସମୟ ଓ ସଂସ୍କୃତିର ସ୍ପର୍ଶକୁ ଅନୁଭବ କରିହୁଏ । ସ୍ରଷ୍ଟାର ସାରସ୍ୱତ ଆତ୍ମପ୍ରକାଶ ଅନ୍ତରାଳରେ ସମାଜ ପାଇଁ ଏକ ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ବା ବାର୍ତ୍ତା ସଂଗୁପ୍ତ ଭାବରେ ରହିଥାଏ । ପ୍ରତ୍ୟେକ ସୃଷ୍ଟି ଅବ୍ୟକ୍ତକୁ ବ୍ୟକ୍ତ ଏବଂ ଅପ୍ରକାଶ୍ୟକୁ ପ୍ରକାଶିତ କରିଥାଏ । ସୃଷ୍ଟି ଧାରାରେ ଯୁଗୀୟ ରୁଚି ଓ ମୂଲ୍ୟବୋଧ ପ୍ରତିଫଳିତ ହୋଇଥାଏ । କହିବାକୁ ଗଲେ ଏକ ନିର୍ଦ୍ଦିଷ୍ଟ ସମୟ ଖଣ୍ଡ ଭିତରେ ଯେଉଁ ପ୍ରବୃତ୍ତିଟି ଅଧିକ ମାତ୍ରାରେ ସ୍ରଷ୍ଟାକୁ ଉଦ୍‌ବେଳିତ କରିଥାଏ । ସେ ସବୁର ଆତ୍ମପ୍ରକାଶକୁ 'ଚେତନା' କୁହାଯାଏ ।

ଏହି ପରିପ୍ରେକ୍ଷୀରେ କହିରଖେ ଆମର ଅନେକ ବର୍ଷର ଅନେକ ଭାଷା, ଅନେକ ସାହିତ୍ୟ ଥିଲେ ହେଁ; ଉତ୍ସ ପ୍ରାୟ ସମାନ । ଏବେ ଆଧୁନିକ ସାହିତ୍ୟ ପାଶ୍ଚାତ୍ୟ ସାହିତ୍ୟ ଭୂମିରୁ ଉତ୍ସାହ ଖୋଜିଛି କିନ୍ତୁ ପରମ୍ପରାରୁ କେବେ କେଉଁଠି ସଂପୂର୍ଣ୍ଣ ବିଚ୍ଛିନ୍ନ ହୋଇନାହିଁ । କାରଣ ଆଧୁନିକତା ପରମ୍ପରାହୀନ ଏକ ପରମ୍ପରା ନୁହେଁ ବରଂ ପରମ୍ପରାପ୍ରତି ଏକ ସଚେତନ ପୁନଃ ମୂଲ୍ୟାୟନ ଏବଂ ପୁନଃ ଅନୁଧ୍ୟାନର କ୍ଷେତ୍ର ହେଉଛି ଆଧୁନିକତା । ସଂକ୍ଷେପରେ କହିଲେ- ପରମ୍ପରାର ଏକ ବିକଶିତ, ମୋହମୁକ୍ତ, ପ୍ରାମାଣିକ ତଥା ମୁକ୍ତ ଅନ୍ୱେଷାର କ୍ଷେତ୍ର ହେଉଛି ଆଧୁନିକତା ।

ବସ୍ତୁତଃ ପରମ୍ପରା ଓ ଆଧୁନିକତାର ଏ ଆଲୋଚନା ପ୍ରସଙ୍ଗରେ ମାଟି, ମଣିଷ ଓ ସମୟ-ଏହି ତ୍ରିବିଧ ଧାରାର ସମନ୍ୱୟକୁ ଅନୁଧ୍ୟାନ କରାଯାଇପାରେ । ପ୍ରତ୍ୟେକ ମଣିଷ ମାଟିର ମୋହରେ, ସମୟର ଆହ୍ୱାନରେ ବ୍ୟାକୁଳିତ ହେବା ସ୍ୱାଭାବିକ । ସମୟର ଆହ୍ୱାନରେ ସଭ୍ୟତାର ପଥ ପ୍ରଶସ୍ତ ହୁଏ । ଅବରୁଦ୍ଧ ପରିସରକୁ ଅତିକ୍ରମ କରି ବ୍ୟକ୍ତି ମୁକ୍ତି ପଥର ଅଭିଯାତ୍ରୀ ସାଜେ । କିନ୍ତୁ ଅତୀତ ପ୍ରତି ପ୍ରତିକୂଳ ନୁହେଁ ବରଂ ଅତୀତର ସମ୍ମୋହନ ଆକର୍ଷଣ ପ୍ରଗତିର ପଥକୁ କରେ ପ୍ରସାରିତ । ପ୍ରତ୍ୟେକ ଜାତି- ସ୍ମୃତି, ସଂକେତ, ଇତିହାସ, ପୁରାଣ, କଥା, ଉପକଥା, ଅତିକଥା ଭିତରେ ପରିପୁଷ୍ଟ ହୋଇଛି । ଯୁଗଯୁଗ ଧରି ଗଢ଼ି ଆସୁଥିବା ଏହି ପ୍ରାଣଶକ୍ତିର ଉତ୍ସକୁ ଅଭିନବ ଭାବରେ ବ୍ୟାଖ୍ୟାୟିତ କରି ନୂତନ ହୁଏ ସମୁଜ୍ଜ୍ୱଳ । ବସ୍ତୁତଃ କହିବାକୁ ଗଲେ ପରମ୍ପରାର ଜୀବିତାଂଶକୁ ଗ୍ରହଣ କରି ନୂତନ ଭାବରେ ପ୍ରାଣ ପ୍ରବାହକୁ ଦର୍ଶାଇବା ହେଉଛି ଆଧୁନିକ ସାହିତ୍ୟର ଲକ୍ଷ୍ୟ ।

ଏଠାରେ ପ୍ରଶ୍ନଉଠେ ସଂପ୍ରତି ଆମ ସାହିତ୍ୟର ସ୍ରଷ୍ଟା ଏ ଦିଗରେ କେତେ ସଚେତନ ? କାରଣ ପ୍ରତ୍ୟେକ ସୃଷ୍ଟିର ଉଦ୍ଦେଶ୍ୟ- ବ୍ୟକ୍ତିଗତ ଆବେଗ ମାଧ୍ୟମରେ ସାମୂହିକ ଆବେଗ ଦିଗକୁ ଯାତ୍ରା ଏବଂ ନାନ୍ଦନିକ ଆବେଗ ସୃଷ୍ଟି ଦିଗରେ ଏକନିଷ୍ଠ ଉଦ୍ୟମ । ତତ୍ ସଂଗେ ସଂଗେ ଅତୀତ ସହ ବ୍ୟକ୍ତିକୁ ସଂଯୁକ୍ତ କରିବା ଏବଂ ଗତିଶୀଳ ପୃଥିବୀର ଅବିଚ୍ଛିନ୍ନ ଅଂଶ ଭାବରେ ଉପସ୍ଥାପିତ କରିବା । ଏ ଦିଗରେ ଆଧୁନିକ ସ୍ରଷ୍ଟା ବେଶ୍ ସଚେତନ ଥିଲେ ହେଁ କିଛି ଅସାହିତ୍ୟିକଙ୍କ ସାହିତ୍ୟ ମଧ୍ୟକୁ ଅନୁପ୍ରବେଶ; ସାହିତ୍ୟର ଲକ୍ଷ୍ୟପଥକୁ ଅବରୋଧ କରି ରଖିଅଛି ।

ସଂପ୍ରତି ଏଭଳି କିଛି ସ୍ରଷ୍ଟା ଅଛନ୍ତି ଯେଉଁମାନେ କି ଏକଚାଟିଆ ଭାବେ ସାହିତ୍ୟ ଚାଷ କରୁଛନ୍ତି । ସେମାନେ ସାହିତ୍ୟ ବେକରେ ପଘା ଲଗାଇ ସେମାନଙ୍କ ମନ ଯୁଆଡ଼େ ସିଆଡ଼େ ସାହିତ୍ୟକୁ ଟାଣି ନେଉଛନ୍ତି । ଫଳତଃ ସାହିତ୍ୟ ତା'ର ଲକ୍ଷ୍ୟପଥରୁ କ୍ରମଶଃ ଦୂରେଇ ଯିବାଭଳି ମନେ ହେଉଛି । ଏମାନେ ସାହିତ୍ୟ ରୂପକ ସିଂହାସନ ଉପରେ ବସି କଳେବଳେ କୌଶଳେ ନିଜ ମସ୍ତକରେ ପୁରସ୍କାର ମୁକୁଟ ପିନ୍ଧିବା ଲାଗି ଆପ୍ରାଣ ଚେଷ୍ଟା କରନ୍ତି । ତେଣୁ ତ ସବା ଉପର ମଞ୍ଚରେ ବସିଥିବା ବ୍ୟକ୍ତିବିଶେଷଙ୍କୁ ପ୍ରଚୁର ଦାନ ଦକ୍ଷିଣା ଦେବାରେ ମଧ୍ୟ ତିଳେମାତ୍ର କାର୍ପଣ୍ୟ କରନ୍ତି ନାହିଁ । ଏଇମାନେ ସାହିତ୍ୟକୁ ଏକ କିଣାବିକାର ସାମଗ୍ରୀ କରି ପକାଇଲେଣି । ପ୍ରଭାବ ଅପେକ୍ଷା ପ୍ରଚାର ଯୁଗଧର୍ମ ବୋଲି ସେମାନେ ମତ ପ୍ରକାଶ କରନ୍ତି । ତେଣୁ ତ କାହା ନାମରେ କେତେ ଲେଖା ଛପାଗଲା, କିଏ କେତେ ପୁରସ୍କାର ପାଇଲା ତାକୁ ସାହିତ୍ୟିକ ମାନଦଣ୍ଡ ଭାବେ ଗ୍ରହଣ କରାଗଲାଣି । ଯାହାଫଳରେ ସମ୍ବର୍ଦ୍ଧନା ପତ୍ର ପାଇବା ଓ ବାଣ୍ଟିବାକୁ ନେଇ ଘୋଡ଼ା ବେପାର ବୃଦ୍ଧି ପାଇଲାଣି । ସେଥିପାଇଁ ସେମାନେ ସ୍ୱୀକୃତିର ସଚିବାଳୟ ଭିତରେ ନସର ପସର ହୋଇ ଧାଁ ଧପଡ଼ କରନ୍ତି । ଏସବୁକୁ ସାହିତ୍ୟ ସେବା ବୋଲି ଡିଣ୍ଡିମ ପିଟନ୍ତି । ହେଲେ ଖ୍ୟାତି ଭାଗଟିକୁ ସବା ଆଗରେ ଆବୋରି ବସିଥିବା ଏଇ ସାହିତ୍ୟିକମାନେ; ଅନ୍ତଃସ୍ୱୀକୃତି ହିଁ ସାହିତ୍ୟର ମୂଳଭିତ୍ତି ବୋଲି ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି ।

ତେଣୁ ଆଜି ସାହିତ୍ୟର ଗୁଣାତ୍ମକ ଦିଗ ପ୍ରତି ଦୃଷ୍ଟି ନଦେଇ, କାହା ନାମରେ କେତେ ଲେଖା ଛପାଗଲା, କିଏ କେତେ ଏ ଯୁଗରେ ବଡ଼ପଣ୍ଡାଠାରୁ ପ୍ରଶଂସାପତ୍ର ପାଇଲା ସେସବୁର ବିଚାର କରିବାରେ ଲାଗିଛନ୍ତି । ଫଳରେ ସାହିତ୍ୟ ଆଜି ଗଣର ନ ହୋଇ ଜଣର ହୋଇଛି । ଶନିବାରସୀୟ, ରବିବାରସୀୟ ସାହିତ୍ୟ ଉତ୍ସବମାନ ଛତୁ ଫୁଟିଲା ଭଳି ଗଢ଼ି ଉଠୁଛି । ସେଠାରେ ନିଜ ବନ୍ଦନା ନିଜେ ପଢ଼ି ନିଜକୁ ଅଧିକ ଭାଗ୍ୟବାନ ମନେକରୁଛନ୍ତି । ଫଳସ୍ୱରୂପ ସେମାନେ ସାହିତ୍ୟର ପ୍ରକୃତ ଲକ୍ଷ୍ୟ କ'ଣ ? ସେହି ପଥରୁ ଦୂରେଇ ଯାଇଛନ୍ତି ।

ବର୍ତ୍ତମାନ ସମୟ ଆସିଛି, ଏହି ସମସ୍ୟାର ସୂତ୍ର ଏକକ ସତ୍ତା ଭାବରେ ନୁହେଁ; ବରଂ ସମୂହର ଅଂଶ ଭାବରେ ସମ୍ମୁଖୀନ ହେବାର । ସାହିତ୍ୟ ସହ ସମ୍ପର୍କର ଅବିଚ୍ଛିନ୍ନ ସେତୁ ଭାବରେ ମାନବ ଆପଣା କର୍ତ୍ତବ୍ୟ ନିଷ୍ଠାର ସହ ସମ୍ପାଦନ କଲେ ଯାଇ ସାହିତ୍ୟ ଏହି ବଡ଼ପଣ୍ଡାମାନଙ୍କ କବଳରୁ ମୁକ୍ତି ପାଇ ଏକକ ସହ ସମୂହର ସମନ୍ୱିତ ରୂପକୁ ପରିପ୍ରକାଶ କରିପାରିବ ଏବଂ ଆକାଂକ୍ଷା, ସ୍ୱପ୍ନ, ସମ୍ଭାବନାର କେନ୍ଦ୍ରବିନ୍ଦୁରେ ରହି ଆଗାମୀ ସମୟକୁ ବାର୍ତ୍ତା ପ୍ରଦାନ କରିବ ।

**—ଡକ୍ଟର ମନୋରଞ୍ଜନ ବିଷୋୟୀ**
*ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,*
*ସଂପର୍କ: ୮୮୯୫୧୪୧୭୨୭*

## ଆଜିର ଅନୁଚିନ୍ତା

ଭାଗ୍ୟରେ ଥିଲେ ପିତାମାତା ଓ ଗୁରୁଙ୍କଠାରୁ ଗାଳି ଶୁଣିବାକୁ ମିଳେ ।

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# କାନାଡାରେ ଭାରତ ବିରୋଧୀ ଗୋଷ୍ଠୀ

**••••••••••••••ସୌମେନ୍ଦ୍ର ଜେନା••••••••••••••**



ଗତ ଦୀପାବଳି ଉତ୍ସବ ପାଳନ ସମୟରେ କାନାଡାରେ ଭାରତ ବିରୋଧୀ ଗୋଷ୍ଠୀ ହଙ୍ଗାମା କରିଥିବା ଦେଖିବାକୁ ମିଳିଥିଲା । ଏହାପୂର୍ବରୁ ସେଠାକାର ଖାଲିସ୍ତାନୀ ସମର୍ଥକମାନେ ବାପ୍ସ ମନ୍ଦିର ପାଚେରୀରେ ହିନ୍ଦୁ ବିରୋଧୀ ସ୍ଲୋଗାନମାନ ଲେଖିଥିଲେ । ମନ୍ଦିରର ପ୍ରବେଶ ଦ୍ୱାରରେ ଖାଲିସ୍ତାନକୁ ସମର୍ଥନ କରିବାକୁ ଆହ୍ୱାନ ଦେଇ ଲେଖିଥିଲେ । କାନାଡାରେ ହିନ୍ଦୁ ବିରୋଧୀ ପ୍ରଚାର ପଛରେ ପାକ୍ ଯୋଜନାରେ ଏକ ସଂଗଠିତ ଷଡଯନ୍ତ୍ର ଇସଲାମିକ ଗୋଷ୍ଠୀ ପକ୍ଷରୁ ଚାଲୁରହିଛି । ଏମାନେ ଖାଲିସ୍ତାନୀମାନଙ୍କ ସହ ମିଶି ହିନ୍ଦୁ ଓ ଭାରତ ବିରୋଧୀ ପ୍ରଚାର ଖୁବ୍ ଚଳାଇଛନ୍ତି । ଏମିତି ଏକ ସଂଗଠନ ଜଷ୍ଟିସ୍ ଫର୍ ଅଲ୍ କାନାଡା ୨୦୧୨ରେ ବର୍ମା ଟାସ୍କଫୋର୍ସ ଗୋଷ୍ଠୀ ଆରମ୍ଭ କରିଥିଲେ । କାନାଡାର ସରକାରୀ କଳରେ ଭାରତ ବିରୋଧୀ ବିଚାର ପ୍ରତିଷ୍ଠା କରିବା ପାଇଁ ଏମାନେ କାର୍ଯ୍ୟ କରୁଛନ୍ତି । ସେଠାରେ ଉଇଘୁର ବଞ୍ଚାଅ, କାଶ୍ମିର ବଞ୍ଚାଅ, ଭାରତ ବଞ୍ଚାଅ, ଶ୍ରୀଲଙ୍କା ଟାସ୍କ ଫୋର୍ସ, ସବିର ଶାହକୁ ମୁକ୍ତ କର ପରି କାର୍ଯ୍ୟକ୍ରମ ଚଳାଇ ଆସିଛନ୍ତି । ପାକିସ୍ତାନର ସନ୍ତ୍ରାସୀ ନେତା ଜମାତ-ଉଦ-ଦାୱାର ମୁଖ୍ୟ ହାଫିଜ୍ ସୟିଦ ସହ ସଂପର୍କ ରଖି ପାକ୍‌ରୁ ହାୱାଲା ମାଧ୍ୟମରେ ଅର୍ଥ ଆଣି ଜାମ୍ମୁ ଓ କାଶ୍ମିରରେ ଅସ୍ଥିରତା ସୃଷ୍ଟି କରିବା ଅଭିଯୋଗ ଯୋଗୁ ୨୦୧୯ରେ ଜାତୀୟ ଅନୁସନ୍ଧାନକାରୀ ସଂସ୍ଥା (ଏନ୍‌ଆଇଏ) ସବିରକୁ ଗିରଫ କରି ଜେଲରେ ରଖି ଆସିଛନ୍ତି । କାନାଡାରେ ଏହି ପ୍ରଚାର ପଛରେ ଜେଏଫ୍‌ଏ କାନାଡାର ତଜୀନ ହସନ ନାମରେ ଜଣେ ମହିଳା ସାମ୍ବାଦିକ ରହିଛି । ବ୍ରିଟେନରେ ଏକ ଆଇନ ସଂସ୍ଥା ଷ୍ଟୋକ୍ ହ୍ୱାଇଟ୍ କନ୍‌ସଲଟାନ୍ସୀ ପାଇଁ ଲେଖୁଥିବା ହସନ କାଶ୍ମିରରେ ଗଣହତ୍ୟା ଚାଲିଥିବା କହି ଭାରତ ବିରୋଧୀ ପ୍ରଚାର ଚଳାଇଛି । ଏହି ଆଇନ ପରାମର୍ଶଦାତା ସଂସ୍ଥାର ମାଲିକ ମଧ୍ୟ ଅନ୍ୟ ଜଣେ ତୁର୍କୀ ମୁସଲମାନ ହକନ କାମୁଜ । ସେ ବ୍ରିଟେନରେ ରହି ତୁର୍କୀର ରାଷ୍ଟ୍ରପତି ତୟିପ ଏର୍ଦୋଗାନ ଏବଂ ତାଙ୍କ ପୁଅ ବିଲାଲ ଏର୍ଦୋଗାନଙ୍କ ସମର୍ଥନରେ କାର୍ଯ୍ୟ କରିଆସୁଛି । ୨୦୧୬ରେ ଶିଶୁ ଯୌନ ମାମଲାରେ ସଂପୃକ୍ତ ରହିଥିବା ବ୍ରିଟେନର ମୁସଲିମ ସଂସ୍ଥା ଏନ୍‌ସାର ଫାଉଣ୍ଡେସନ ସହ ତାର ସଂଗଠନ 'ମୁସିଆଦ ୟୁକେ' ଏବଂ 'ତୁର୍ଗେଭ'ର ସଂପର୍କ ରହିଛି । ତଜୀନ ଷ୍ଟୋକ୍ ହ୍ୱାଇଟ କନ୍‌ସଲଟାନ୍ସୀ ସହ ମିଶି ଭାରତର ସେନାମୁଖ୍ୟ ଏବଂ ଗୃହମନ୍ତ୍ରୀଙ୍କୁ ଗିରଫ କରିବା ପାଇଁ ବ୍ରିଟେନ ପୁଲିସ ନିକଟରେ ଅଭିଯୋଗ ଆଣିଥିଲା । ଆମେରିକା ଏବଂ କାନାଡାରେ ସମାନ ଢଙ୍ଗରେ କାର୍ଯ୍ୟାନୁଷ୍ଠାନ କରାଯିବାକୁ ସେ ନିଜେ ବ୍ଲଗରେ ଲେଖିଆସୁଛି ।

ଚଳିତବର୍ଷ ୧୦ ଫେବୃଆରୀ ୨୦୨୨ ଦିନ ସରିମ ନାମକ ଏକ ସଂଗଠନ (ସାଉଥ୍ ଏସିଆ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ ଫର୍ ମାଇନୋରିଟିଜ୍) ପକ୍ଷରୁ ଆୟୋଜିତ ୱେବିନାର 'ପାଶ୍ଚାତ୍ୟ ଜଗତରେ ହିନ୍ଦୁତ୍ୱ ପ୍ରଭାବର ନବୋଦୟ' ଶୀର୍ଷକ ଆଲୋଚନାରେ ସେ ବକ୍ତବ୍ୟ ରଖି ହିନ୍ଦୁବିରୋଧୀ ଘୃଣାତ୍ମକ ମନ୍ତବ୍ୟମାନ ଦେଇଥିଲା । 'ସରିମ୍' ହେଉଛି ପାକିସ୍ତାନର କରାଚୀର ସଂଗଠନ ଯାହା ଦକ୍ଷିଣ ଏସିଆର ପାକିସ୍ତାନ, ଶ୍ରୀଲଙ୍କା, ବଙ୍ଗଳାଦେଶ, ନେପାଳ, ଆଫଗାନିସ୍ତାନ, ମାଳଦ୍ୱୀପ, ଭୁଟାନ ଓ ଭାରତରେ ମାନବାଧିକାର ରକ୍ଷା ପାଇଁ କାର୍ଯ୍ୟ କରୁଥିବା କଥା କହିଥାଏ । ସଂସ୍ଥାର ୱେବସାଇଟ୍ ସରିଫଏମ୍‌ଡଟ୍‌ଓଆର୍‌ଜି ନାମରେ ୨୩ ମଇ ୨୦୧୯ରେ ପାକିସ୍ତାନର ସିନ୍ଧ ପ୍ରଦେଶରେ ପଞ୍ଜିକୃତ ହୋଇଥିଲା । କିନ୍ତୁ ଏହି ୱେବସାଇଟକୁ ଲକ୍ଷ୍ୟ କଲେ ଜଣାପଡିବ ଯେ ଏହା କହୁଥିବା ଦକ୍ଷିଣ ଏସୀୟ ରାଷ୍ଟ୍ରଗୁଡିକ ସଂପର୍କରେ ନୁହେଁ, ବରଂ ଭାରତକୈନ୍ଦ୍ରିକ ପ୍ରଚାର କରିଥାଏ । ଜୁଲାଇ ୨୦୨୦ରେ 'ସରିମ' ଅମ୍ରିକ ସିଂହ ଏବଂ ଅଲ୍‌ଇଣ୍ଡିଆ ବ୍ୟାକ୍‌ୱାର୍ଡ ଏଣ୍ଡ୍ ମାଇନୋରିଟୀ କମ୍ୟୁନିଟିଜ୍ ଏମ୍ପ୍ଲୟିଜ୍ ଫେଡେରେସନର ଉପସଭାନେତ୍ରୀ ମନୀଷା ବାଙ୍ଗରଙ୍କୁ ଗୋଟିଏ ୱେବ ସେମିନାରକୁ ଡାକିଥିଲା, ଯେଉଁମାନେ ସିଧାସଳଖ ସେଠାକୁ ଯାଇପାରି ନ ଥିଲେ । ଆମେରିକାରେ କାର୍ଯ୍ୟରତ ମୁସଲମାନଙ୍କ ସଂଗଠନ ଓଏମ୍‌ଏଫ୍‌ଆଇର ପରାମର୍ଶଦାତା ମଣ୍ଡଳୀରେ ଅମ୍ରିକ ସିଂହ ରହିଛି । ଶିରୋମଣି ଅକାଳୀ ଦଳର ମାନବାଧିକାର ଶାଖାର ତିନିଜଣ ଅଧକ୍ଷଙ୍କ ମଧ୍ୟରୁ ଅମ୍ରିକ ଜଣେ ।

ଜେଏଫ୍‌ଏ ବା ଜଷ୍ଟିସ୍ ଫର ଅଲ୍ କାନାଡା ସନ୍ତ୍ରାସବାଦୀ ଗୋଷ୍ଠୀ ସହ ସଂପର୍କ ରଖି ମାନବାଧିକାର କଥା କହିବାକୁ ଯାଇ ବିଶ୍ୱରେ ହ୍ୟୁମାନ କନ୍‌ସର୍ନ ଇଣ୍ଟରନେସନାଲ (ଏଚ୍‌ସିଆଇ) ଏବଂ ୟାକ୍ୱିନ ଇନ୍‌ଷ୍ଟିଚ୍ୟୁଟ ସହ କାର୍ଯ୍ୟ କରିଥାଏ । ଏଚ୍‌ସିଆଇ କାନାଡାରେ ୧୯୮୦ରେ ଏକ ଏନ୍‌ଜିଓ ଭାବେ କାର୍ଯ୍ୟ ଆରମ୍ଭ କରିଥିଲା । ଏହି ସଂସ୍ଥା କୋରୋନା କାଳରେ ୧୭ ଏପ୍ରିଲ ୨୦୨୧ରେ ଏବଂ ୫ମଇ ୨୦୨୧ରେ ଦୁଇଟି ପ୍ରଚାର ଅଭିଯାନ ଚଳାଇଥିଲା । ଭାରତରେ ପ୍ରଚାର କାର୍ଯ୍ୟ ପାଇଁ ସଂସ୍ଥା ବିଦେଶରୁ ୧୮ହଜାର କାନାଡା ଡଲାର ସଂଗ୍ରହ କରିଥିଲା ।

ଅଲ-କାୟଦା ସନ୍ତ୍ରାସବାଦୀଙ୍କୁ ଅର୍ଥ ଦେବା ଅଭିଯୋଗରେ ପାକିସ୍ତାନର ସରକାର ଏଚ୍‌ସିଆଇର ପାକିସ୍ତାନ ମୁଖ୍ୟ ଅଲି ନୱାଜକୁ ଜୁଲାଇ ୨୦୧୯ରେ ଗିରଫ କରିଥିଲେ । ଏପରିକି ଆଫଗାନିସ୍ତାନର ପୂର୍ବତନ ପାକ୍ ରାଷ୍ଟ୍ରଦୂତ ରୁସ୍ତମ ଶାହ ମହମ୍ମଦଙ୍କ ବିରୋଧରେ ସନ୍ତ୍ରାସବାଦୀଙ୍କୁ ଅର୍ଥ ପ୍ରଦାନ ଅଭିଯୋଗରେ ଅଲି ନୱାଜକୁ ୨୦୧୯ରେ ଗିରଫ କରାଯିବା ପରେ ଜଣାପଡିଲା । ଏଚ୍‌ସିଆଇ ସଂସ୍ଥା ସହ ତାଙ୍କର ସଂପର୍କ ରହିଥିବା ବିଷୟ ପାକିସ୍ତାନୀ ସମ୍ବାଦପତ୍ର ଡନ୍ ପ୍ରକାଶ କରିଥିଲା । ଫଳସ୍ୱରୂପ ୧୬ ଜୁନ୍ ୨୦୨୦ରେ ଅଲି ନୱାଜ, ଶାହ ମହମ୍ମଦ, ମହମ୍ମଦ ନୟିମ, ଶାହିରୁମ୍ ଖାଁ, ମହମ୍ମଦ ଫାରୁକ ଅୱନ, ମହମ୍ମଦ ତାୟବ ଆଦି ଗିରଫ ହୋଇଥିଲେ ।

ଇସଲାମିକ କାଉନସିଲ ଅଫ ନର୍ଥ ଆମେରିକା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଟେକ୍ସାସର ଇସଲାମିକ ସଂଗଠନ ୟାକ୍ୱିନ ଇନ୍‌ଷ୍ଟିଚ୍ୟୁଟର ସଂସ୍ଥାପକ ଶେଖ ଉମର ସୁଲେମାନ ନିୟମିତ ଭାଷଣ ଦେଇଥାଏ । ସେ ମୁସଲିମ ବ୍ରଦରହୁଡକୁ ଖୋଲାଖୋଲି ସମର୍ଥନ କରିଥାଏ । ପାକିସ୍ତାନ ଏବଂ ମୁସଲିମ ବ୍ରଦରହୁଡ ପକ୍ଷରୁ କାଶ୍ମିର ସମସ୍ୟା ପାଇଁ ଆୟୋଜିତ ରସେଲ ଟ୍ରିବ୍ୟୁନାଲ କାର୍ଯ୍ୟକ୍ରମରେ ଓମର ସୁଲେମାନ ଅନ୍ୟତମ ଅତିଥିଭାବେ ଯୋଗ ଦେଇଥିଲା ।

୨ ଡିସେମ୍ବର ୧୯୯୭ରେ ବ୍ରିଟେନର ସାଉଣ୍ଡ ଭିଜନ ସଂସ୍ଥା ଏକ ଭିଡିଓ ପ୍ରସ୍ତୁତକାରୀ କମ୍ପାନୀ ଭାବେ କାର୍ଯ୍ୟାରମ୍ଭ କରିଥିଲା । ବ୍ରିଟେନର ଏକ ବେସରକାରୀ କମ୍ପାନୀ ଭାବେ ଲୁସିନେ ଜେମ୍ସ ଲିମିଟେଡ୍ ନାମରେ ଏହା ପଞ୍ଜିକୃତ ହୋଇଥିଲା । ସଂଗଠନଟି ଜଣେ ଏଜେଣ୍ଟ ଦ୍ୱାରା ପ୍ରଥମେ ପଞ୍ଜିକୃତ ହୋଇଥିଲା, ଯିଏକି ଅଳ୍ପଦିନ ପରେ ଇସ୍ତଫା ଦେଇଥିଲେ । ନିର୍ଦ୍ଦେଶକ ମଣ୍ଡଳୀ ସଦସ୍ୟଙ୍କ ହାତରେ ସଂଗଠନ ସଞ୍ଚାଳନ ରହିଲା । ୨ ଡିସେମ୍ବର ୧୯୯୭ରେ ଜହୁର ଅହମ୍ମଦ ନିଆଜି ସାଉଣ୍ଡ ଭିଜନର ବୋର୍ଡରେ ନିଯୁକ୍ତ ହୋଇଥିଲେ । ଅହମ୍ମଦ ନିଆଜି ନିଜେ ଜଣେ ଲଣ୍ଡନବାସୀ ପାକ୍ ସାମ୍ବାଦିକ । ୧୯୮୧ରେ ବ୍ରିଟେନକୁ ଯିବା ପୂର୍ବରୁ ନିଆଜି ଦି ଡେଲି ହୁରିୟାତରେ କାର୍ଯ୍ୟ କରୁଥିଲେ । ବ୍ରିଟେନର ସେ ଦୈନିକ ମିଲ୍ଲତ (ଲଣ୍ଡନ)ର ସଂପାଦକଭାବେ ନିଯୁକ୍ତି ପାଇଲେ । ସେ ସେଣ୍ଟର ଫର୍ ପାକିସ୍ତାନ ଷ୍ଟଡିଜ୍ ଏବଂ ପାକିସ୍ତାନ ପ୍ରେସ ଇଣ୍ଟରନେସନାଲରେ ମଧ୍ୟ ଯୋଗ ଦେଇଥିଲେ । ୧୯୮୩ରେ ସେ ଦୈନିକ ଜଙ୍ଗ୍ (ଲଣ୍ଡନ)ରେ ଯୋଗ ଦେଇଥିଲେ । ବ୍ରିଟେନର ସାଉଣ୍ଡ ଭିଜନର ଦ୍ୱିତୀୟ ନିର୍ଦ୍ଦେଶକ ଭାବେ ନିଯୁକ୍ତ ଅବଦୁଲ ମାଲିକ ୨୭ ଜାନୁଆରୀ ୧୯୯୮ରେ ଯୋଗ ଦେଇଥିଲେ । ଏବେ ସେ ସାଉଣ୍ଡ ଭିଜନ ଏବଂ ଜେଏଫ୍‌ଏ ଦାୟିତ୍ୱରେ ରହିଛନ୍ତି । ତୃତୀୟ ନିର୍ଦ୍ଦେଶକ ରୂପେ ୧ ଜୁଲାଇ ୧୯୯୮ରେ ତନବୀର ଖୁର୍ସିଦ ମାଲିକ ଯୋଗ ଦେଇଥିଲେ । ତନ୍‌ବୀର ମାଲିକ ହେଉଛନ୍ତି ଡକ୍ଟର ଖୁର୍ସିଦ ମାଲିକଙ୍କ ପୁଅ । ଖୁର୍ସିଦ ଏବେ ସାଉଣ୍ଡ ଭିଜନ ଏବଂ ଜେଏଫ୍‌ଏର ଦାୟିତ୍ୱରେ ରହିଥିଲେ । ସଂସ୍ଥାଟି ୨୦ ଫେବୃଆରୀ ୨୦୧୮ରେ ଭାଙ୍ଗିଯାଇଥିଲା ।

କାନାଡାରେ ଭାରତ ବିରୋଧୀ ପ୍ରଚାର ପାଇଁ ମୁସଲିମ ସଂଗଠନଗୁଡିକ କାନାଡାର ସ୍ଥାନୀୟ ଖାଲିସ୍ତାନୀ ଗୋଷ୍ଠୀଙ୍କୁ ଉସ୍‌କାଇବା ସହ ଅର୍ଥ ଯୋଗାଣ ଜାରି ରଖିଛନ୍ତି । ଭାରତ ବିରୋଧୀ ପ୍ରଦର୍ଶନ ବେଳେ ପଗଡିବାଜ୍ ଏବଂ ଟୋପିବାଜ୍ ଗୋଷ୍ଠୀ ସଡକରେ ଏକାଠି ହେବା ଦେଖାଯାଉଛି । ଟ୍ରୁଡେଉଙ୍କ ସରକାରରେ ଖାଲିସ୍ତାନୀ ଗୋଷ୍ଠୀର ଲୋକେ ଅଂଶୀଦାର ଥିବା ହେତୁ କ୍ଷମତାର ସୁରକ୍ଷା ପାଇଁ ପ୍ରଧାନମନ୍ତ୍ରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବଦଳରେ ଚୁପ୍ ରହିବା ଦେଖାଯାଇଛି । ସନ୍ତ୍ରାସବାଦୀମାନଙ୍କ ପ୍ରତି କାନାଡା ସରକାରଙ୍କ ନୀରବ ସମର୍ଥନ ବହୁ ପୁରୁଣା । ଅତୀତରେ ୨୩ ଅଗଷ୍ଟ ୧୯୮୫ରେ ଏୟାର ଇଣ୍ଡିଆର 'କନିଷ୍କ' ବିମାନକୁ ବବ୍‌ର ଖାଲସାର ସନ୍ତ୍ରାସବାଦୀମାନେ ବୋମା ବିସ୍ଫୋରଣ କରି ଆଟଲାଣ୍ଟିକ ମହାସାଗରରେ ଖସାଇ ଦେଇଥିଲେ । ସେହି ଘଟଣାରେ ବିମାନରେ ଥିବା ଯାତ୍ରୀ ଏବଂ କର୍ମଚାରୀଙ୍କ ସମେତ ମୋଟ ୩୨୯ ଜଣ ମୃତ୍ୟୁବରଣ କରିଥିଲେ । ଯାତ୍ରୀଙ୍କ ମଧ୍ୟରେ ୨୪ ଭାରତୀୟଙ୍କ ସମେତ ୨୭ ବ୍ରିଟେନବାସୀ ରହିଥିଲେ । ବୋଇଂ ୭୪୭-୨୩୭ ବି ପଞ୍ଜିକୃତ ଏହି ବିମାନଟି ମଣ୍ଟ୍ରିଲ -ଲଣ୍ଡନ-ଦିଲ୍ଲୀ -ମୁମ୍ବାଇ ମଧ୍ୟରେ ଚଳାଚଳ କରୁଥିଲା । ମଣ୍ଟ୍ରିଲରୁ ଲଣ୍ଡନ ଆସିବା ବାଟରେ ୩୧ ହଜାର ଫୁଟ ଉଚ୍ଚରେ ଉଡୁଥିଲା ବେଳେ ବିମାନରେ ବୋମା ବିସ୍ଫୋରଣ ହୋଇଥିଲା । ଏହି ଘଟଣା ପଛରେ କାନାଡାର ଶିଖ ସନ୍ତ୍ରାସବାଦୀ ଗୋଷ୍ଠୀ ରହିଥିଲେ । କାନାଡାର ୨୬୮ ନାଗରିକଙ୍କର ଏହି ବିସ୍ଫୋରଣରେ ମୃତ୍ୟୁ ହୋଇଥିଲା । ଘଟଣାର ଅନୁସନ୍ଧାନ ପାଇଁ ସୁପ୍ରିମକୋର୍ଟ ଜଷ୍ଟିସ ଜନ୍. ସି ମେଜରଙ୍କ ଅଧକ୍ଷତାରେ ଏକ କମିଶନ ୨୦୦୬ରେ ବସିଥିଲା । ୧୭ଜୁନ୍ ୨୦୧୦ରେ କମିଶନଙ୍କ ରିପୋର୍ଟ ପ୍ରକାଶ ପାଇଥିଲା । ସେଥିରେ କାନାଡା ସରକାର, ରୟାଲ କାନାଡା ପୁଲିସ, କାନାଡିଆନ ସିକ୍ୟୁରିଟୀ ଇଣ୍ଟେଲିଜେନ୍ସ ସର୍ଭିସେସ୍ ଉକ୍ତ ସନ୍ତ୍ରାସବାଦୀ ଆକ୍ରମଣ ପାଇଁ ଅନୁମତି ଦେଇଥିବା କୁହାଯାଇଥିଲା ।

*-ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*



# ଅଶୋକ ଦାସ : ଏକ ଶ୍ରଦ୍ଧାର୍ଘ୍ୟ

**------------ପ୍ରଦୀପ ସେନାପତି------------**

ସ୍ୱାଭିମାନୀ ସମ୍ରାଟ ଅଶୋକ ଦାସ ଆମ୍ଭମାନଙ୍କୁ ଅପୂର୍ବ ଆଦର୍ଶ ଦେଖାଇ ଯାଇଛନ୍ତି । ସେ ଜଣେ ତ୍ୟାଗୀ ଦେଶସେବକ ଥିଲେ । ତାଙ୍କର ଆଦର୍ଶ ଆମ୍ଭେ ଯେତିକି ଦେଖିଛୁ ସେତିକି ଜାଣିଛୁ । ତେବେ ତାଙ୍କର ଧର୍ମନିଷ୍ଠା, ସତ୍ୟନିଷ୍ଠା, ରାଜନୀତିରେ ସାଧୁତା, ସରଳତା ଓ ବୀରତ୍ୱର ପ୍ରଭାବ ମୋ ରାଜନୈତିକ ଜୀବନ ଉପରେ ପଡ଼ିଛି । ଆଜି ଏ ପୁଣ୍ୟଭୂମିରେ ମୁଁ ତାଙ୍କର ଅଭାବ ଅଧିକ ଅନୁଭବ କରୁଛି । ଯେଉଁ ମହତ୍ ମାର୍ଗରେ ସେ ଚାଲିଯାଇଛନ୍ତି ପ୍ରତ୍ୟେକ ଯୁବକମାନଙ୍କୁ ସେହି ମାର୍ଗରେ ଯିବାକୁ ହିଁ ପଡ଼ିବ । ମୁଁ ବିଶ୍ୱାସ କରୁଛି ଓ ଆପଣମାନେ ବିଶ୍ୱାସ କରନ୍ତୁ ଯେ ତାଙ୍କ ମହତ୍ ଆତ୍ମା ଅମର ହୋଇ ରହିଛି ଓ ଚିରକାଳ ରହିବ । ମୋର ବରାବର ଆଶା ଯେ କେବଳ ଯାଜପୁର କାହିଁକି ସମଗ୍ର ଉତ୍କଳ ଜନନୀ ସେହି ସ୍ୱର୍ଗୀୟ ଅଶୋକ ଦାସଙ୍କର ତ୍ୟାଗମାର୍ଗ ଅନୁସରଣ କରିବ ଏବଂ ତାଙ୍କ ସ୍ମୃତିର ପ୍ରଭାବରେ ନିଜକୁ ଧନ୍ୟ କରିବ ।

ପିଲାଟିବେଳୁ ଜମିଦାର ପରିବାରରେ ଜନ୍ମନେଇ ଘିଅ ସରରେ ବଢ଼ିଥିଲେ । ଛଅ ଭାଇରେ ତାଙ୍କରି ଉପରେ ଗୋଟିଏ ବୋଲି ଭଉଣୀ । ସମସ୍ତଙ୍କର ଗେହ୍ଲା ଓ ଆଦରରେ ଅଶୋକ ଦାସଙ୍କ ବାଲ୍ୟକାଳ ବଢ଼ିବାକୁ ଲାଗିଲା । ଭାରି ହୃଷ୍ଟପୁଷ୍ଟ ଡେଙ୍ଗା ଚେହେରା । ଖୁନ୍ଦିଲା ପରି ଦେହ, ଦିନକୁ ଦିନ ଦେହରେ ଅସୁମାରି ବଳ । ଗାଁଦାଣ୍ଡରେ ଅନ୍ୟ ସାଙ୍ଗସାଥୀଙ୍କୁ ଡୁଡୁ, କବାଡ଼ି, ଦଉଡ଼ା ଦଉଡ଼ି, ପଥର ଟେକା, କୁସ୍ତି, କସରତରେ ଅଶୋକଙ୍କୁ ସାମନା କରିବାକୁ ପଛାଇ ଯାଆନ୍ତି । ଅଶୋକଙ୍କ ଚେହେରା ଯେମିତି ବଳ ବି ସେମିତି ଆଉ ଖାଇବା ବି ସେମିତି । ସେ ଭାରି ସ୍ୱାଧୀନଚେତା । କାହାରି ଆଗରେ ମୁଣ୍ଡ ନୁଆଁଇ ଚଳିବା ତାଙ୍କର ବ୍ୟବହାରରେ ନଥାଏ । ମରିବି ପଛକେ ଡରିବି ନାହିଁ । ଡରିବି ଯଦି କାହାରି ପାଇଁ ? ଏହି ଆହ୍ୱାନ ଏହି ସ୍ଲୋଗାନ ଆମ୍ଭଙ୍କୁ ରାଜନୈତିକ ପ୍ରେରଣାର ଉତ୍ସ ଥିଲା ।

ଅଶୋକ ଦାସ ଓଡ଼ିଶାର ଯୁବନେତାମାନଙ୍କ ମନରେ ରୋମାଞ୍ଚକର ଭାଷଣ ମାଧ୍ୟମରେ ଆତ୍ମଶକ୍ତିର ଜାଗରଣ କରାଇଛନ୍ତି । ଆମେ ଫରେଷ୍ଟ ପାର୍କସ୍ଥିତ ଜନତାଦଳ ରାଜ୍ୟ କାର୍ଯ୍ୟାଳୟଠାରେ ତାଙ୍କର ଚାମ୍ବର ମଧ୍ୟରେ ଭାବାବେଗପୂର୍ଣ୍ଣ କାହାଣୀ ଶୁଣୁ । ଏକ ଯୁବକର୍ମୀ ସମ୍ମିଳନୀରେ ଆତ୍ମଶକ୍ତି ସଂପର୍କରେ ଉଦାହରଣଟିଏ ଦେଇଥିଲେ । ମୁଁ ତାକୁ ହୃଦୟତାର ସହିତ ମନେରଖିଥିଲି । "ସିଂହଟିଏ ଗର୍ଭଣୀ ଥାଏ । ଦିନେ ଭୋକ ଲାଗିଲା । ଆହାର ଖୋଜି ଖୋଜି ଘନଜଙ୍ଗଲ ଛାଡ଼ି ବୁଦୁବୁଦୁକିଆ ଜଙ୍ଗଲ ଭିତରକୁ ଆସିଗଲା । ଆଗରେ ଦେଖିଲା ମେଣ୍ଢାପଲ । ଭୋକର ତାଡି ସମ୍ଭାଳି ପାରିଲା ନାହିଁ । ପଲ ଭିତରକୁ କୁଦା ମାରିଲା । ମେଣ୍ଢାଟିଏ ହେଲା ତା'ର ଶିକାର । ଠିକ୍ ଏତିକିବେଳେ ସିଂହୀଗର୍ଭରୁ ନବଜାତକଟିଏ ମାଟି ଛୁଇଁଲା । ମାତ୍ର ବିଚାରି ସିଂହୀ ତା' ଶାବକକୁ ନେଇପାରିଲା ନାହିଁ । ଜଙ୍ଗଲ ଭିତରକୁ ଚାଲିଗଲା । ଏଥର ସିଂହଛୁଆଟି ରହିଲା ମେଣ୍ଢାପଲ ଭିତରେ । ବଢ଼ିଲା ଏବଂ ଧୀରେ ଧୀରେ ଆଚରଣରେ ସେ ମେଣ୍ଢା ପରି ହୋଇଗଲା ।"

ପୁଣି ଅଶୋକ ଦାସ କଥା ପ୍ରସଙ୍ଗରେ ପୁରାଣରୁ ଦୁଇଟି ଚରିତ୍ରର ଉଦାହରଣ ଦେଇଥିଲେ । ଜଣେ ପ୍ରହ୍ଲାଦ- ଆଉ ଜଣେ ଧ୍ରୁବ । ଜଣେ ଆତ୍ମଶକ୍ତି ବଳରେ କହିଲା- ଈଶ୍ୱର ସବୁଠି ଅଛନ୍ତି । କ୍ଷମତା ମଦମତ୍ତ ହିରଣ୍ୟକଶୀପୁ କହିଲା-କ'ଣ ଏ ଖୁଣ୍ଟରେ ? ପ୍ରହ୍ଲାଦ କହିଲା-ହଁ, ଖୁଣ୍ଟରେ । ହିରଣ୍ୟକଶୀପୁ କ୍ଷମତାମତ୍ତରେ ଖୁଣ୍ଟକୁ ଆଘାତ କଲା ଏବଂ ଖୁଣ୍ଟ ଭିତରୁ ନୃସିଂହ ଆତ୍ମପ୍ରକାଶ କଲେ । ଆଉ ଜଣେ ପିତୃସୁଖ ବଞ୍ଚିତ ପୁତ୍ରକୁ ମାଆ ସୁନୀତି କହିଲେ-ତୁ ସାଧନା ବଳରେ ଆତ୍ମଶକ୍ତି ଜାଗ୍ରତ କଲେ ସବୁକିଛି ପାଇପାରିବୁ । ବାର ବର୍ଷର ବାଳକ ଧ୍ରୁବ । ତପସ୍ୟା ବଳରେ ଦୃଢ଼ ଆତ୍ମଶକ୍ତିର ଅଧିକାରୀ ହେଲେ । ପାଇଲେ ଧ୍ରୁବଲୋକ । ଅଶୋକ ଦାସଙ୍କର ଏ କଥା ଶୁଣି ମୁଁ ପଚାରିଲି- ଅଶୋକ ଭାଇ ! ଏ ଗପ କାହିଁକି ? ଅଶୋକ ଦାସ ଉତ୍ତର ଦେଲେ- ପ୍ରତ୍ୟେକ ରାଜନୈତିକ ବ୍ୟକ୍ତି ପାଖରେ ଯେଉଁ ଶକ୍ତି ରହିଛି ତାହା ସେ ଜାଣିପାରେନି । ତାକୁ ଜଣେଇବାକୁ ପଡ଼ିବ- ସେ କିଏ ? ତା' ଭିତରେ କେତେ ସାମର୍ଥ୍ୟ ଓ ଶକ୍ତି ନିହିତ ଅଛି । ଥରେ



ଆପଣାକୁ ଚିହ୍ନିଗଲା ପରେ ଅଗ୍ରଗତିକୁ ଆଉ କେହି ଅଟକାଇ ପାରିବେ ନାହିଁ । ନିଜକୁ ଜାଣିଲେ, ନିଜର ସାମର୍ଥ୍ୟକୁ କଳନା କଲେ, ବ୍ୟକ୍ତିର ବ୍ୟକ୍ତିତ୍ୱ ପ୍ରକଟିତ ହୁଏ ।

ଏକଥା କହିବାର ଅର୍ଥ, ଅଶୋକ ଦାସ ନିଜ ଭିତରେ ଥିବା ସାମର୍ଥ୍ୟକୁ ଅନୁଭବ କରିଥିଲେ ଏବଂ ଅନୁଭବ କରିଥିଲେ ଉତ୍କଳୀୟମାନଙ୍କ ଭିତରେ ଥିବା ଭୀରୁତାକୁ । ଏହି ଭୀରୁତା ଜନ୍ମଗତ ନୁହେଁ, କି ସ୍ୱଅର୍ଜିତ ନୁହେଁ । ଶହ ଶହ ବର୍ଷର ବୈଦେଶିକ ଶାସନ ଓ ଉପନିବେଶବାଦୀ ମାନଙ୍କ ଚକ୍ରାନ୍ତ ଆମ୍ଭମାନଙ୍କ ମନରେ ଏକପ୍ରକାର ହୀନମନ୍ୟତା ସୃଷ୍ଟି କରିଥିଲା । ଭୀରୁତା ତ ହୀନମନ୍ୟତାର ସନ୍ତାନ । ଆମ୍ଭମାନଙ୍କ ମନରୁ ଏହି ହୀନମନ୍ୟତା ଦୂରେଇବାକୁ ପଡ଼ିବ । ନିଜ ସାମର୍ଥ୍ୟ ସଂପର୍କରେ ସଚେତନ କରାଇବାକୁ ପଡ଼ିବ । ସେମାନଙ୍କୁ ମାନବତାର ମନ୍ତ୍ରରେ ଦୀକ୍ଷିତ କରାଇବାକୁ ପଡ଼ିବ । କେବଳ ଆତ୍ମଶକ୍ତି ନୁହେଁ, ସେମାନଙ୍କ ମନରେ ଓଡ଼ିଶାର ଐତିହ୍ୟ, ସଂସ୍କୃତି ଓ ବୀରତ୍ୱ ଉଜ୍ଜୀବିତ କରାଇବାକୁ ପଡ଼ିବ । ତା' ହେଲେ ସେମାନେ ଭୀରୁତା ଓ ରାଜନୈତିକ ପରାଧୀନତାବୋଧରୁ ମୁକ୍ତ ହୋଇ ଜଣେ ଜଣେ ସ୍ୱାଭିମାନୀ ସାଲିସବିହୀନ ସମ୍ରାଟ ହୋଇପାରିବେ । ଯାହା କି ଆମ୍ଭମାନଙ୍କୁ ଏଭଳି ପ୍ରେରଣା ଦେଇଅଛନ୍ତି ।

ଆଜି ଓଡ଼ିଶାର ସାଂପ୍ରତିକ ରାଜନୈତିକ ପରିସ୍ଥିତି ସଂପୂର୍ଣ୍ଣ ଓଲଟାପାଲଟା ହୋଇଯାଇଛି । ଆମ ରାଜ୍ୟରେ ଯେଉଁଭଳି ଭାବରେ ବିଜୁଜନତା ଦଳର ପ୍ରାର୍ଥୀ ହେବାପାଇଁ ଟିକେଟ ଖଣ୍ଡେ ଦେଲେ ସେମାନଙ୍କୁ ଲକ୍ଷଲକ୍ଷ ଟଙ୍କା ଦେବାକୁ ପଡେ, ଜିତିବା ପାଇଁ ମଧ୍ୟ କୋଟିକୋଟି ଟଙ୍କା ବଣ୍ଟାଯାଇ ଭୋଟକିଣା ହୁଏ । ଟଙ୍କା ନଦେଲେ ଭୋଟ ମିଳେନାହିଁ । ତେବେ ଏତେ ଟଙ୍କା ସବୁ ଆସେ କେଉଁଠୁ ବୋଲି ଅଶୋକ ଦାସ ଆମ୍ଭଙ୍କୁ ସଦାସର୍ବଦା ପ୍ରଶ୍ନ ପଚାରନ୍ତି । ଏହି ପ୍ରଶ୍ନର ଉତ୍ତର ସମସ୍ତେ ଜାଣନ୍ତି ଏବଂ ମାନିବା ପାଇଁ ବାଧ୍ୟ । ସେଥିପାଇଁ ନବୀନ ପଟ୍ଟନାୟକ ଆଜି ଅପ୍ରତିଦ୍ୱନ୍ଦ୍ୱୀ ସମ୍ରାଟର ମୁକୁଟ ପିନ୍ଧିଛନ୍ତି । ଲୋକଙ୍କୁ କେବଳ ଭୁଆଁ ବୁଲାଇ ନିର୍ମଳ ସ୍ୱଚ୍ଛ ଶାସନର ଡିଣ୍ଡିମ ପିଟୁଛନ୍ତି । ଗଣମାଧ୍ୟମ ମଧ୍ୟ ନତଃମସ୍ତକ ତାଙ୍କ ପାଖରେ । ନିଜର ଗାରିମା ସୁନାମ ଆଜି ମଳିନ ପଡ଼ିଯାଇଛି । ଶତକଡ଼ା ୯୫ ଭାଗ ବିଧାୟକ, ସାଂସଦ ଏବଂ ମନ୍ତ୍ରୀ ଦୁର୍ନୀତିର ପାହାଡ଼ ଉପରେ ଛିଡ଼ା ହୋଇଛନ୍ତି ତ ଆଉ କେତେକ ସେକ୍ସ ସ୍କାଣ୍ଡାଲରେ ସଂପୃକ୍ତ ରହି ଲୋକଙ୍କ ପାଇଁ ତ୍ୟାଗ ବଦଳରେ ଉପଭୋଗ, ବିଳାସବ୍ୟସନରେ ବୁଡ଼ିରହିଛନ୍ତି । ତାହା କେବେହେଲେ ପୂର୍ବରୁ "ଅଶୋକ ଦାସ"ଙ୍କ ସମୟରେ ଭୋଗବିଳାସରେ ନେତାମାନେ ବୁଡ଼ିରହୁ ନ ଥିଲେ । ଭୟ କରୁଥିଲେ ଏମାନେ, ଲୋକଙ୍କ ପଇସାକୁ କଳାଟଙ୍କା ଭାବରେ ଉପାର୍ଜନ କରି ଟଙ୍କାଦେଇ ନିର୍ବାଚନ ବୈତରଣୀ ପାରି ହୋଇପାରୁଛନ୍ତି । ପୂର୍ବରୁ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ ଏବଂ "ଅଶୋକ ଦାସ" ଥିବା ସମୟରେ ଦଳ ପକ୍ଷରୁ ଏହାର ଓଲଟା କାର୍ଯ୍ୟକ୍ରମ ଦେଖିବାକୁ ମିଳୁଥିଲା । ଅଶୋକ ଦାସ ଟିକେଟ ଖଣ୍ଡିଏ ଦେଲେ, ତା' ସହିତ ଆବଶ୍ୟକୀୟ ଟଙ୍କା ମଧ୍ୟ ଦିଆଯାଉଥିଲା । ଆଜି ସେ ଦିନର ନେତାମାନେ ଆଉ ନାହାନ୍ତି ସତ, ଯାହା ଅଶୋକ ଦାସଙ୍କ ଅନୁଭୂତି ଅମର ସ୍ମୃତି ହୋଇ ରହିଛି, ରହିବ ମଧ୍ୟ । ଯାହା ପାଖରେ କଳାଟଙ୍କା ଅଛି, ସେ ବିଜୁ ଜନତା ଦଳର ପ୍ରାର୍ଥୀପାଇଁ ଯୋଗ୍ୟ ବିବେଚିତ ହେବେ । ଯେଉଁ ସଚ୍ଚୋଟତା ଭିତ୍ତିରେ ଯୁବ-ଶକ୍ତି ପ୍ରାର୍ଥୀ ହେବାପାଇଁ ଆଗ୍ରହୀ, ସେମାନେ ଏହି ଦଳରେ ସ୍ଥାନ ପାଇପାରିବେ ନାହିଁ ।

ତେଣୁ ହେ ଅଶୋକ ଦାସ, କେଉଁଠାରେ ଅଛ ପଳାଇ ଆସ- ତୁମଙ୍କୁ ଖୋଜୁଛି ଆଜି ଯୁବପୁରୁଷ । ତୁମ୍ଭେ ନ ଆସିଲେ ଆମ୍ଭେ ହେବୁ ହତାଶ । ଆପଣ ଆଜି ନାହାନ୍ତି ବୋଲି ଆମକୁ କାହାକୁ ବି ଲାଗୁନି, ତାହାହିଁ ଆପଣଙ୍କ ରାଜନୈତିକ ଜୀବନର ସଫଳତା । ଆଜିର ଏହି ପବିତ୍ର ଶ୍ରାଦ୍ଧ ଦିବସ ଅବସରରେ ପବିତ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ଜୟ ଅଶୋକ ଦାସ, ଜୟ ଉତ୍କଳ ଜନନୀ, ଜୟ ଭାରତ ମାତା । ଜୟ ତୁମ ଗାଥା ।

*-ସଭାପତି, ରାଜ୍ୟସ୍ତରୀୟ ଅଶୋକ ଦାସ ଜୟନ୍ତୀ କମିଟି ତଥା ପୂର୍ବତନ ରାଜ୍ୟ ସଭାପତି-ଯୁବ-ଜନତା ଦଳ (ଏସ୍) ସାମନ୍ତରାପୁର, ପୁରୁଣା ଭୁବନେଶ୍ୱର-୨, ଜିଲ୍ଲା-ଖୋର୍ଦ୍ଧା ମୋ- ୭୮୪୮୮୯୮୪୫୬*




# ଏନଏସଏସର ସ୍ୱତନ୍ତ୍ର ଶୀତ ଶିବିର ଉଦଯାପିତ

ଜୟପୁର, (ପି.ଏନ): ସରକାରୀ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନଏସଏସ) ଆନୁକୁଲ୍ୟରେ ପୈାଷ୍ୟଗ୍ରାମ ଫୁଲବାଡ ଠାରେ ଆୟୋଜିତ ସପ୍ତ ଦିବସୀୟ ଶୀତ ଶିବିର ଉଦଯାପିତ ହୋଇଯାଇଛି । ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ଼. ମନୋରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଏହି ସ୍ୱତନ୍ତ୍ର ଶୀତ ଶିବିର ୨୩/୧୨/୨୦୨୨ ରୁ ୨୯/୧୨/୨୦୨୨ ପର୍ଯ୍ୟନ୍ତ ଚାଲିଥିଲା । ପଚାଶ ଜଣ ଛାତ୍ରୀ ସ୍ୱେଚ୍ଛାସେବୀଙ୍କୁ ନେଇ ଅନୁଷ୍ଠିତ ହେଉଥିବା ଏହି ସ୍ୱତନ୍ତ୍ର ଶୀତ ଶିବିରର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ପ୍ରାକ୍ତନ ସହଯୋଗୀ ପ୍ରଫେସର ତଥା ସରକାରୀ ମହିଳା ମହାବିଦ୍ୟାଳୟର ପରିଚାଳନା ସମିତିର ସଭାପତି ପ୍ରେମାନନ୍ଦ ଦାଶ ଯୋଗଦେଇ ସ୍ୱେଚ୍ଛାସେବୀ ମାନଙ୍କ ନିଷ୍ଠା ଓ ସେବା ବ୍ରତୀ ମନୋବୃତିକୁ ପ୍ରଶଂସା କରିବା ସହ ଚାକିରି ସମୟରେ ଜାତୀୟ ସେବା ଯୋଜନାର ଅନୁଭୂତି ସମ୍ପର୍କରେ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ଭାବେ ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେନ୍ଦ୍ର ପଟ୍ଟନାୟକ ସ୍ୱେଚ୍ଛାସେବୀ ମାନଙ୍କୁ ଭବିଷ୍ୟତରେ ଭଲ ନାଗରିକ ଭାବରେ ଦେଶର ବିକାଶରେ ଭାଗିଦାରୀ ହେବାପାଇଁ ନିଜ ବକ୍ତବ୍ୟରେ ସମ୍ବୋଧିତ କରିବା ସହ ସାତ ଦିନ ସ୍ୱେଚ୍ଛାସେବୀ ମାନେ କରିଥିବା ବିଭିନ୍ନ ସେବା, ସଚେତନତା ଓ ଶିକ୍ଷାଦାନ ସମ୍ପର୍କରେ ବିଶଦ ବର୍ଣନା ସହ ଭବିଷ୍ୟତରେ ଭଲ ମଣିଷ ହୋଇ ରାଷ୍ଟ୍ର ହିତରେ ନିଜକୁ ସମର୍ପିତ କରିବାକୁ ପିଲାଙ୍କୁ ଆହ୍ୱାନ ଦେଇଥିଲେ ।ସମ୍ମାନୀତ ଅତିଥି ଭାବରେ ବିଜ୍ଞାନ ଇଂଟରନ୍ୟାସନାଲ ସ୍କୁଲର ସଭାପତି ପ୍ରକାଶ କୁମାର ନାୟକ ଫୁଲବାଡ ଗାଁର ବିକାଶ ପାଇଁ ବିଦ୍ୟାଳୟ ପ୍ରତିଶ୍ରୁତିବଦ୍ଧ ଏବଂ ଲୋକମାନଙ୍କ ପାଇଁ ବ୍ୟବହାର ଯୋଗ୍ୟ ଶୈାଚାଳୟ ନିର୍ମାଣ କରି ଖୋଲା ମଳମୁକ୍ତ ଗ୍ରାମ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ପ୍ରଶାସନକୁ ନିବେଦନ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ତଥା ଜାତୀୟ ସେବା ଯୋଜନାର ଜିଲ୍ଲା ସଂଯୋଜକ ସୁଶାନ୍ତ କୁମାର ବେହେରା ଡ଼. ପ୍ରଧାନଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀ ମାନଙ୍କ ବିବିଧ ସେବାକାର୍ଯ୍ୟ, ସଚେତନତା ଓ ବ୍ୟକ୍ତିତ୍ୱ ବିକାଶ ପାଇଁ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଡାକି ପ୍ରେରଣାଦାୟୀ ଚର୍ଚ୍ଚା ଆଲୋଚନାକୁ ଭୂୟସୀ ପ୍ରଶଂସା କରିଥିଲେ । ଏଥିସହ ଉମୁରୀ ସରପଂଚ ସବିତା ନାୟକ, ଡ଼. ପ୍ରଦୀପ କୁମାର ମିଶ୍ର ଓ ସାମ୍ବାଦିକ ଦୀପକ ପଣ୍ଡା ଅତିଥି ଭାବେ ଯୋଗଦେଇ ସ୍ୱେଚ୍ଛାସେବୀ ମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରଦୀପ ପ୍ରଜ୍ୱଳନ, ଆଜିର ଅନୁଚିନ୍ତା, ଭକ୍ତି ଗୀତ, ବୋଧ କଥା ଓ ପୂର୍ଣ୍ଣିମା ସାହୁ, ଶ୍ରୁତି ନାୟକଙ୍କ ଗଣେଶ ବନ୍ଦନାରେ ନୃତ୍ୟରୁ ଆରମ୍ଭ ହୋଇଥିବା ଉଦଯାପନୀ ଉତ୍ସବରେ ଡ଼. ପ୍ରଧାନ ସାତ ଦିବସୀୟ ଶିବିରର ସଂପୂର୍ଣ୍ଣ ବିବରଣୀ ପାଠ କରିଥିଲେ । କବିତା ଲିଖନ, ଚିତ୍ରାଙ୍କନ, ଅଦରକାରୀ ଜିନିଷକୁ ନେଇ ସ୍ୱେଚ୍ଛାସେବୀ ତିଆରି କରିଥିବା ବିଭିନ୍ନ ଜିନିଷ ପ୍ରସ୍ତୁତି ପାଇଁ ଶିବିରାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା ।ଉଦଯାପନୀ ଉତ୍ସବ ପରେ ଶିବିରାର୍ଥୀ ମଧ୍ୟାହ୍ନ ଭୋଜନ କରି ଫୁଲବାଡ ଗାଆଁରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ସ୍ୱଚ୍ଛ ଭାରତ, ଶୌଚାଳୟ ବ୍ୟବହାର ଓ ପିଲାଙ୍କ ପାଠ ପଢା ଉପରେ ସଚେତନ କରାଇ ଗ୍ରାମବାସୀଙ୍କୁ ନିଶାଦ୍ରବ୍ୟ ବର୍ଜନ ପାଇଁ ଶପଥ କରାଇଥିଲେ । ଶେଷରେ କ୍ୟାମ୍ପ ଫାୟର କାର୍ଯ୍ୟକ୍ରମ ପରେ ଶିବାରାର୍ଥୀ ନିଜ ନିଜ ଘରକୁ ଫେରିଥିଲେ ।ସୂଚନାଯୋଗ୍ୟ, ଏହି ଶିବିରରେ କାର୍ଯ୍ୟସୂଚୀକୁ ଦୁଇ ଭାଗରେ ବିଭକ୍ତ କରାଯାଇ ମଧ୍ୟାହ୍ନ ଭୋଜନ ପର୍ଯ୍ୟନ୍ତ ସ୍ୱେଚ୍ଛାସେବୀ ମାନେ ଗାଁରେ ବିଭିନ୍ନ ସେବା କାମ ତଥା ବୟୋଜ୍ୟେଷ୍ଠ ମାନଙ୍କୁ ସାକ୍ଷର, ବିଦ୍ୟାଳୟ ପଢୁଆ ଛାତ୍ର ଛାତ୍ରୀ ମାନଙ୍କୁ ମୌାଳିକ ଅକ୍ଷର ଶିକ୍ଷା ଓ ଗଣନ ଦକ୍ଷତାର ବିକାଶ, ସ୍ୱଚ୍ଛ ଭାରତ ଅଭିଯାନ, ଗାଁ ସଫେଇ, ସ୍ୱାସ୍ଥ୍ୟ ସଚେତନତା, ବାହାରେ ମଳ ତ୍ୟାଗ ନକରି ପାଇଖାନାର ଉପଯୋଗ, ନିଶାଦ୍ରବ୍ୟ ମୁକ୍ତ ଗ୍ରାମ ନିର୍ମାଣ ପାଇଁ ସଚେତନତା ଆଦି ସଚେତନଧର୍ମୀ କାର୍ଯ୍ୟ କରିଥିଲେ । ମଧ୍ୟାହ୍ନ ଭୋଜନ ପରେ ଶିବାରାର୍ଥୀ ମାନଙ୍କର ବ୍ୟକ୍ତିଗତ ଦକ୍ଷତା ବୃଦ୍ଧି ନିମନ୍ତେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ଅଭିଭାଷଣ ଓ ଆଲୋଚନାଚକ୍ର ସହ ନୃତ୍ୟ, ସଙ୍ଗୀତ, ପଥପ୍ରାନ୍ତ ନାଟକ, ବିଭିନ୍ନ ଶାରୀରିକ ଓ ମାନସିକ ଖେଳ ଆଦି କାର୍ଯ୍ୟ ଦ୍ୱିତୀୟ ଅଧିବେଶନରେ କରାଯାଇଥିଲା । ଆଠ ଜଣ ବିଶିଷ୍ଟ ବ୍ୟକ୍ତି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ସମ୍ବନ୍ଧରେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଏଥିପାଇଁ ଡ଼. ପ୍ରଧାନ ସ୍ୱେଚ୍ଛାସେବୀ ମାନଙ୍କୁ ପ୍ରଶଂସା କରିବା ସହ ବିଜ୍ଞାନ ଇଂଟରନ୍ୟାସନାଲ ସ୍କୁଲର ସମସ୍ତ କର୍ମକର୍ତାମାନଙ୍କୁ କୃତଜ୍ଞତା ଜଣାଇଥିଲେ । ସବୁଠାରୁ ଉଲ୍ଲେଖନୀୟ କଥା ହେଉଛି, ଶିବିରର ପ୍ରଥମ ଓ ଶେଷ ଦିବସ ବ୍ୟତୀତ ବାକି ପାଂଚ ଦିନ ସ୍ୱେଚ୍ଛାସେବୀ ମାନଙ୍କ ମଧ୍ୟରୁ ପାଂଚ ଜଣ ସଭାଧ୍ୟକ୍ଷ, ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଓ ଦୁଇ ଜଣ ସମ୍ମାନିତ ଅତିଥି ଭାବେ ପ୍ରତିଦିନ ସଭାକାର୍ଯ୍ୟ ଅତି ସୁନ୍ଦର ଭାବରେ ପରିଚାଳନା କରି ନିଜର ଦକ୍ଷତା ପ୍ରତିପାଦନ କରିଥିଲେ ।

# ବିକାଶକୁ ଚାହିଁ ବସିଛି, ଇନ୍ଦ୍ରଧନୁର ପ୍ରପାତ ଝିଙ୍କିରା ଜଳପ୍ରପାତ

ଯୋଡ଼ା, (ପି.ଏନ): କେନ୍ଦୁଝର ଜିଲ୍ଲା ହେଉଛି ପ୍ରକୃତିର ଗନ୍ତାଘର । ଏହି ଗନ୍ତାଘରେ ରହିଛି ଅନୁପମ ପ୍ରାକୃତିକ ପର୍ଯ୍ୟଟନସ୍ଥଳୀ । ହେଲେ ଅନେକ ଦୃଷ୍ଟି ଆଢୁଆଳରେ ରହିଯାଇଥିବା ବେଳେ ଅନେକ ପର୍ଯ୍ୟଟନସ୍ଥଳୀ ବିକାଶକୁ ଚାହିଁ ବସିଛି । ସେହିପରି ପ୍ରକୃତିର ଅପରୂପ ପର୍ଯ୍ୟଟନସ୍ଥଳୀ ଭାବରେ ପରିଚିତ ଝିଙ୍କିରା ନାଳ ପର୍ଯ୍ୟଟନସ୍ଥଳୀ ମାନ୍ୟତାକୁ ଅପେକ୍ଷା କରି ବସିଛି । ଜିଲ୍ଲାର ସୀମାନ୍ତ ଖଣି ଅଂଚଳ ଭାରତୀୟ ଇସ୍ପାତ ପ୍ରାଧିକରଣ(ସେଲ) ଅଧିନସ୍ଥ ବଲାଣି ଲୌହ ଖଣିର ଲିଜ କ୍ଷେତ୍ରର ବଲାଣି ପଂଚାୟତରେ ରହିଛି ଝିଙ୍କିରା ଜଳପ୍ରପାତ । ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର । ବଲାଣି ଠାରୁ ମାତ୍ର ୪ କିଲୋମିଟର ହୋଇଥିବା ବେଳେ ଖଣି ସହର ବଡ଼ବିଲ ଠାରୁ ମାତ୍ର ୧୦ କିଲୋମିଟର ଦୂରରେ ଅବସ୍ଥିତ । ବଲାଣି ଲୌହ ଖଣିର ଝିଙ୍କିରା ପମ୍ପ ହାଉସ ନିକଟରେ ଏକ ପ୍ରାକୃତିକ ଝରଣା ବାହାରି ୮୦୦ ଫୁଟ ପାହାଡ଼ରୁ ତଳକୁ ଖସିବା ସମୟରେ ପାହାଡ଼ର ସୂର୍ଯ୍ୟ କିରଣରେ ଇନ୍ଦ୍ରଧନୁ ସୃଷ୍ଟି କରିଥାଏ । ସେଥିପାଇଁ ଏହାକୁ ପର୍ଯ୍ୟଟକ ଇନ୍ଦ୍ରଧନୁର ପ୍ରପାତ ମଧ୍ୟ କହିଥାନ୍ତି । ଘଂଚ ଜଙ୍ଗଲରେ ପରିପୂର୍ଣ୍ଣ ଏହି ଝରଣା ପାଦ ଦେଶରେ ବୋହି ଯାଉଥିବା ଝରଣା ଜଳର କୁଳୁକୁଳୁ ଶବ୍ଦ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । ଏହି ଜାଗାକୁ ପହଂଚିବାକୁ ବଲାଣି ଖଣିର କଚ୍ଚା ରାସ୍ତା ଦେଇ ଯିବାକୁ ପଡିଥାଏ । ପରେ ଏକ ସଂକୀର୍ଣ୍ଣ ରାସ୍ତା ଦେଇ କୁଳୁକୁଳୁ କରି ବୋହିଯାଉଥିବା ଝରଣା ଓ ଛୋଟଛୋଟ ପାହାଡ଼ ଚଢ଼ିବା ସହିତ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରି କିଛି ବାଟ ଉପରକୁ ଗଲେ ଝିଙ୍କିରା ପ୍ରପାତର ପାଦ ଦେଶରେ ପହଂଚି ହୁଏ । ପ୍ରପାତ ନିକଟକୁ ପହଂଚିବା ରାସ୍ତାରେ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଏତେ ମନୋରମ ଯେ ବର୍ଷ ତମାମ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ । ବିଶେଷ କରି ପଡୋଶୀ ରାଜ୍ୟ ଝାଡ଼ଖଣ୍ଡ ଓ ପଶ୍ଚିମ ବଙ୍ଗର ଅନେକ ପର୍ଯ୍ୟଟକ ବର୍ଷ ତମାମ ଏହି ସ୍ଥାନରେ ପହଂଚି ପର୍ଯ୍ୟଟନର ମଜା ନେଇଥାନ୍ତି । ପୂର୍ବରୁ ତତ୍କାଳୀନ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଉକ୍ତ ପର୍ଯ୍ୟଟନସ୍ଥଳୀ ପରିଦର୍ଶନ କରି ସେଲ୍ ବଲାଣି ଖଣିର ବରିଷ୍ଠ ଅଧିକାରୀଙ୍କୁ ଏହି ପର୍ଯ୍ୟଟନସ୍ଥଳୀର ବିକାଶ ନିମନ୍ତେ କହିଥିଲେ ସୁଦ୍ଧା ଖଣି କର୍ତ୍ତୃପକ୍ଷ ନାମକୁ ମାତ୍ର ରାସ୍ତାକୁ ସମତଳ କରିବା ବ୍ୟତୀତ ଅନ୍ୟ କୌଣସି ବିକାଶ କରିନଥିବା ପରିଲକ୍ଷିତ ହୋଇଛି । ତେବେ ଏକ ବିଶିଷ୍ଟ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇବାର ସମସ୍ତ ସମ୍ଭାବ୍ୟ ରହିଥିବା ସୁଦ୍ଧା ଜିଲ୍ଲା ପର୍ଯ୍ୟଟନ ବିଭାଗ ଓ ବଲାଣି ଖଣିର ଉଦାସୀନ ମନୋଭାବ ଯୋଗୁଁ ଉକ୍ତ ସ୍ଥାନର ବିକାଶ ଅଟକି ରହିଛି । ଯଦି ଏହାର ବିକାଶ ପର୍ଯ୍ୟଟନ ସ୍ଥଳ ଭାବରେ କରାଯାଏ ତେବେ ସ୍ଥାନୀୟ ଅଂଚଳର ଅନେକ ବେକାର ଯୁବକ ଯୁବତୀ ରୋଜଗାରକ୍ଷମ ହେବା ସହିତ ପାରିପାର୍ଶ୍ୱିକ ବିକାଶରେ ଉନ୍ନତି ଘଟିବାର ସମ୍ଭାବନା ରହିଛି ।

## ନୂଆବର୍ଷରେ ଫୁଲ ନୁହେଁ ଗଛ ଉପହାର ଦେବା ଓ ଲଗାଇବା ପାଇଁ ପ୍ରେରଣା ପକ୍ଷରୁ ନିବେଦନ

ଭୁବନେଶ୍ୱର, (ପି.ଏନ): ବର୍ତମାନ ଦିନକୁ ଦିନ ବଢ଼ିଚାଲିଛି କଳ କାରଖାନା, ଗାଡ଼ିମଟର, ଜନସଂଖ୍ୟା । କିନ୍ତୁ ସେହି ଅନୁପାତରେ ବୃକ୍ଷ ରୋପଣ ହେଉନାହିଁ । ଯାହାଦ୍ୱାରା ବର୍ତମାନ ବାୟୁ ପ୍ରଦୂଷଣ ଉତ୍କଟରୁ ଉତ୍କଟତର ହେବା ସହ ଜଳବାୟୁ ପରିବର୍ତନ ଓ ବିଶ୍ୱ ତାପନ ଆଦି ବୃଦ୍ଧି ପାଉଛି । ଏହି ପରିପ୍ରେକ୍ଷୀରେ ଅମ୍ଳଜାନର ଆବଶ୍ୟକତା ଆମେ ବିଚାର କଲେ କରୋନା ସମୟରେ ତାହା କେତେ ଦୁର୍ଲଭ ହୋଇପଡ଼ିଲା ଆମେ ଅଙ୍ଗେ ଲିଭେଇଛେ । ବର୍ତମାନ ଚୀନରେ କେବଳ ଅମ୍ଳଜାନ ପାଉଚ୍ ଦୋକାନ ବଜାରରେ ବିକ୍ରି ହେଉଛି ତାହା ନୁହେଁ, ଆମ ରାଜଧାନୀ ଦିଲ୍ଲୀରେ ଅମ୍ଳଜାନ ପାର୍ଲରମାନ ଖୋଲିସାରିଲାଣି । ସେହିପରି ଆମ ରାଜ୍ୟ ରାଜଧାନୀରେ ବାୟୁ ପ୍ରଦୂଷଣ ହେବା ୩୦୦ ମାଇକ୍ରୋଗ୍ରାମ ଛୁଇଁବାକୁ ଯାଉଥିବା ବେଳେ ରାଜ୍ୟର ଅନେକ ସହର ଅତିମାତ୍ରାରେ ପ୍ରଦୂଷିତ । ଏପରିସ୍ଥଳେ ନୂଆବର୍ଷରେ ବାଣ ନ ଫୁଟାଇ, ଅତିଥିମାନଙ୍କୁ ଅଭିଜଣାଇବା ବେଳେ ଫୁଲଗୁଚ୍ଛ ଉପହାର ନଦେଇ ଗଛଚାରାଟିଏ ଉପହାର ପ୍ରଦାନ କରିବା ସହିତ ନିଜେ ଗଛଟିଏ ଲଗାଇ ତାକୁ ନୂଆବର୍ଷର ସ୍ମୃତିର ସ୍ମାରକୀ ଭାବେ ବଂଚାଇ ରଖିବାକୁ ପ୍ରେରଣାର ସଭାପତି ଡଃ ଦିଲ୍ଲୀପ ଶ୍ରୀଚନ୍ଦନ ଏକ ପ୍ରେସ୍ ବିବୃତିରେ ନିବେଦନ କରିଛନ୍ତି । ସେ କହିଛନ୍ତି ଯେଉଁ ବ୍ୟକ୍ତି ଅଧିକ ଗଛ ନୂଆବର୍ଷରେ ଲଗାଇ ତାକୁ ବଂଚାଇବ ଓ ବର୍ଷ ଶେଷରେ ସ୍ଥାନୀୟ ସରପଂଚ, କର୍ପୋରେଟରଙ୍କ ଠାରୁ ସେ ଲଗାଇଥିବା ଗଛ ସମ୍ପର୍କରେ ତଥ୍ୟ ପ୍ରଦାନ କରିପାରିବ, ଜୁଲାଇ ମାସ ୧ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ପ୍ରେରଣା ପକ୍ଷରୁ ପାଳନ କରାଯାଉଥିବା ବନ ମହୋତ୍ସବ ସପ୍ତାହରେ ସେ ବ୍ୟକ୍ତିଙ୍କୁ ଉପଯୁକ୍ତ ମାନପତ୍ର ସହ ସମ୍ବର୍ଦ୍ଧନା ପ୍ରଦାନ କରାଯିବ । ଏ ସମ୍ପର୍କରେ ସବିଶେଷ ତଥ୍ୟ ପାଇଁ ଶାଶ୍ୱତଙ୍କୁ ଫୋନ୍ ନଂ- ୯୫୫୬୪୭୧୮୦୪ରେ ଯୋଗାଯୋଗ କରିପାରିବେ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି ।

# ମେସିନରେ ଚାଲିଛି ମନରେଗା କାର୍ଯ୍ୟ, ପ୍ରଶାସନ ଜାଣି ବି ଅଜଣା

ଘଟଗାଁ, (ପି.ଏନ): କେନ୍ଦୁଝର ଜିଲ୍ଲା ସଦର ଉପଖଣ୍ଡ ଅନ୍ତର୍ଗତ ଆଦିବାସୀ ବହୁଳ ଘଟଗାଁ ବ୍ଲକରେ ସରକାରଙ୍କ ଏମଜିଏନଆରଇଜିଏସ୍ (ନରେଗା) କାର୍ଯ୍ୟ ଠିକାଦାରୀ ଓ ମେସିନରେ ଚାଲିଥିବା ଅଭିଯୋଗ ହୋଇଛି ।ପ୍ରକାଶ ଯେ, କେନ୍ଦ୍ର ସରକାର ଠାରୁ ରାଜ୍ୟ ସରକାର ଠିକାଦାରୀ ବ୍ୟବସ୍ଥାକୁ ଉଚ୍ଛେଦ କରି ଗରୀବ ଲୋକଙ୍କ ଜୀବନ ଜୀବିକା ପାଇଁ ଜବ କାର୍ଡ ମାଧ୍ୟମରେ ବର୍ଷକୁ ୧୦୦ ଦିନର କାମ ଯୋଗାଇ ଦେବା ପାଇଁ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମଜିଏନ ଆର ଇଜିଏସ୍) ପ୍ରଚଳନ କରିଛନ୍ତି । ଏହି କାର୍ଯ୍ୟର ସୁପରିଚାଳନା ନିମନ୍ତେ ଗ୍ରାମରୁ ପଂଚାୟତ ଏବଂ ବ୍ଲକରେ କର୍ମଚାରୀ ନିଯୁକ୍ତି ଦିଆଯାଇଛି । ଆଇନ ଅନୁଯାଇ ଗ୍ରାମ ସଂଯୋଜକଙ୍କ ନାମରେ କାର୍ଯ୍ୟାଦେଶ ଥାଇ ଜବକାର୍ଡଧାରୀଙ୍କ ଦ୍ୱାରା କାର୍ଯ୍ୟ କରିବା ଓ ଏହାକୁ ଗ୍ରାମ ରୋଜଗାର ସେବକ(ଜିଆରଏସ୍) ମଷ୍ଟର ରୋଲରେ ଲିପିବଦ୍ଧ କରି ମଜୁରୀଆଙ୍କୁ ପାସବୁକ ମାଧ୍ୟମରେ ମଜୁରୀ ପ୍ରଦାନ କରିବା । (ଇତି ପୂର୍ବରୁ କନିଷ୍ଠଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ ଦ୍ୱାରା ମେଜରମେଣ୍ଟ କରାଇ) ଆଦି ନିୟମ ରହିଛି । କିନ୍ତୁ, ଏସବୁ ନିୟମକୁ ଘଟଗାଁ ବ୍ଲକରେ ଉଲଘଂନ କରାଯାଇ ଯନ୍ତ୍ରୀ ଓ ଠିକାଦାରଙ୍କ ସଲାସୁତୂରାରେ ଚାଲିଥିବା ସହିତ ଗରିବଙ୍କ ପେଟରେ ନାତ ମାରି ମେସିନରେ କାର୍ଯ୍ୟ ଚାଲିଛି । ଫଳରେ ଗରୀବ ଲୋକମାନେ କାମ ଧନ୍ଦା ନପାଇ ଦାଦନ ଖଟିବାକୁ ବାହରକୁ ଚାଲିଯାଉଥିବା ବୁଦ୍ଧିଜୀବି ମହଲରେ ଉଦବେଗ ପ୍ରକାଶ ପାଇଛି । ଏହି ଠିକାଦାରୀ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ସହିତ କାମକରି କେତେକ ଜବ କାର୍ଡଧାରୀ ମଜୁରୀ ପାଇନଥିବା ଅଭିଯୋଗ ହୋଇଛି । ଏତଦଭିନ୍ନ ଆଦୌ କାମ କରିନଥିବା ଜବ କାର୍ଡଧାରୀଙ୍କ ନାମରେ ବିଲ, କରାଯିବା ସହିତ ନିମ୍ନମାନର କାମ ହେଉଥିବା ଅଭିଯୋଗ ହେଉଥିଲେ ମଧ୍ୟ ବ୍ଲକ ପ୍ରଶାସନ ଏହାକୁ ଚପାଇ ରଖି କାମକୁ ପ୍ରୋତ୍ସାହିତ କରୁଥିବା ଓ ରାଜନୈତିକ ଦଳର କର୍ମୀଙ୍କୁ ଠିକାଦାରୀରେ ଅଗ୍ରାଧିକାର ଦେଇ କାମ କରାଯାଉଥିବାରୁ ସାଧାରଣରେ ଅସନ୍ତୋଷର ଦାନା ବାନ୍ଧୁଛି ।ସୂଚନାଯୋଗ୍ୟ ଯେ, ଏମଜିଏନଆରଇଜିଏସ୍ କାମରେ କାର୍ଯ୍ୟାଦେଶ ପାଇଁ ଗ୍ରାମ ସଭାର ୭ ଜଣ ଗ୍ରାମ୍ୟ ସଂଯୋଜକଙ୍କ ମଧ୍ୟରୁ ଜଣକ ନାମରେ କାର୍ଯ୍ୟାଦେଶ ଥାଇ କାର୍ଯ୍ୟ କରାଯିବା ନିୟମ ଥିଲେ ହେଁ ତାହା କରାଯାଉନଥିବା କାର୍ଯ୍ୟଦକ୍ଷତାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ସବୁଠାରୁ ବିଡମ୍ବନାର ବିଷୟ ସରକାରଙ୍କର କୌଣସି କାମର ବିବରଣୀ ଜନସାଧାରଣ ଜାଣିବା ପାଇଁ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ପ୍ରଥମେ ସୂଚନା ଫଳକରେ ଲିପିବଦ୍ଧ କରିବା ନିୟମ ରହିଛି । ହେଲେ କେତେକ ସ୍ଥାନରେ କାର୍ଯ୍ୟ ଶେଷରେ ସୂଚନା ଫଳକ କରାଯାଉଥିବା ଦେଖିବାକୁ ମିଳୁଛି । ଏଣୁ ଜିଲ୍ଲାପାଳ ଓ ପିଡି ଡିଆରଡିଏ କେନ୍ଦୁଝର ଏ ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

## ସାତ ମାସ ହେଲା ଦରମା ପାଇନାହାନ୍ତି ରାତ୍ର ଜଗୁଆଳି

ମାଲକାନଗିରି, (ପି.ଏନ): ଜାତୀୟ ଶିଶୁ ଶ୍ରମିକ କାର୍ଯ୍ୟାଳୟରେ ରାତ୍ର ଜଗୁଆଳି ଭାବେ କାର୍ଯ୍ୟ କରୁଥିବା ଜଣେ ବୃଦ୍ଧଙ୍କୁ ଗତ ୭ ମାସ ହେଲା ଦରମା ମିଳୁନଥିବାରୁ ସେ ଚିନ୍ତାରେ ପଡ଼ିଛନ୍ତି । ଦରମା ନମିଳିଲେ ମୁଁ ବଂଚିବି କିପରି ଓ ପରିବାର କିଭଳି ଚଳାଇବି ବୋଲି ପ୍ରଶ୍ନ କରିଛନ୍ତି ପିଅନ ଓ ରାତ୍ରି ଜଗୁଆଳି ରାମଚନ୍ଦ୍ର ଡଙ୍ଗରି ।୧୯୯୭ ମସିହା ଏପ୍ରିଲ୍ ୨୪ ତାରିଖରୁ ଆଜି ପର୍ଯ୍ୟନ୍ତ ମାଲକାନଗିରିର ଜାତୀୟ ଶିଶୁ ଶ୍ରମିକ କାର୍ଯ୍ୟାଳୟରେ ରାତ୍ର ଜଗୁଆଳି ଭାବେ ରାମଚନ୍ଦ୍ର ଡଙ୍ଗରି କାର୍ଯ୍ୟ କରି ଆସୁଛନ୍ତି । ପ୍ରଥମେ ତାଙ୍କୁ ୫୫୦ ଟଙ୍କା ଦରମା ମିଳୁଥିବା ବେଳେ ୨୦୦୦ ମସିହାରେ ୭୫୦ ଟଙ୍କା ଓ ୨୦୦୫ରେ ୧୫୦୦ ଟଙ୍କା ହୋଇଥିଲା । ୨୦୧୬ ଜାନୁଆରି ୨୮ ତାରିଖରେ ଭାରତ ସରକାରଙ୍କ ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟର ସଚିବ ବି . ନିରଜାଙ୍କ ଆଦେଶ ମୁତାବକ ସହାୟକମାନଙ୍କ ଦରମା ୨୦୦୦ ଟଙ୍କାରୁ ବୃଦ୍ଧି ହୋଇ ୩୫୦୦ କରାଯାଇଥିଲା । ଭାରତ ସରକାରଙ୍କ ଉପସଚିବ ଅନିତା ତ୍ରିପାଠୀ ୨୦୧୬ ମାର୍ଚ୍ଚ ୨୧ ତାରିଖରେ ଏହି ଆଦେଶର ପୁନରାବୃତି ମଧ୍ୟ କରିଥିଲେ । କିନ୍ତୁ, ଏହାସତ୍ତ୍ୱେ ବି ରାମଚନ୍ଦ୍ରଙ୍କୁ ମାତ୍ର ୨୦୦୦ ଟଙ୍କା ଦରମା ଅଧିକାରୀଙ୍କ ସହମତିରେ ଅନିମିୟତତା ଭାବେ ମିଳୁଛି । ଗତ ୨୫ ବର୍ଷ ଧରି ସେ ନିୟମିତ କାର୍ଯ୍ୟ କରୁଥିଲେ ମଧ୍ୟ ଗତ ୭ ମାସ ହେବ ଦରମା ମିଳିନଥିବା ରାମଚନ୍ଦ୍ର କ୍ଷୋଭର ସହ କହିଛନ୍ତି । ରାମଚନ୍ଦ୍ର ଜଣେ ନିହାତି ଗରିବ ତଥା ଆଦିବାସୀ ବୃଦ୍ଧ ଅଟନ୍ତି । ଏହି ଦରମା ତାଙ୍କ ନିତ୍ୟ ବ୍ୟବହାର ଖର୍ଚ୍ଚରେ ଲାଗୁଛି । କିନ୍ତୁ, ଦରମା ମିଳୁନଥିବାରୁ ୬ ମାସରୁ ଅଧିକ ହେବ ବକେୟା ସୁଝିପାରୁନାହାନ୍ତି ରାମଚନ୍ଦ୍ର । ବର୍ତମାନ ବଜାରରେ ତାଙ୍କୁ ଆଉ କେହି ବାକି ଦେଉନଥିବା ସେ କହିଛନ୍ତି ।

## କିଡ଼ନୀ ରୋଗରେ ସାମ୍ବାଦିକ ପୀଡିତ, ଆର୍ଥିକ ସହାୟତା ପାଇଁ ପରିବାର ଲୋକଙ୍କ ନିବେଦନ

ମାଲକାନଗିରି, (ପି.ଏନ): ମାଲକାନଗରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ଅଂଚଳରେ ଦୀର୍ଘ ବର୍ଷ ଧରି ସମାଜସେବା ସହ ସାମ୍ବାଦିକତା କରିଥିବା କ୍ଷୀରୋଦ ବେହେରା ( ୩୯ ) କିଡନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ଅବସ୍ଥାରେ ଦିନ କାଟୁଛନ୍ତି । ସ୍ୱାଭିମାନ ଅଂଚଳର ବିଭିନ୍ନ ସମସ୍ୟା ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନର ଦୃଷ୍ଟିକୁ ଆଣିବା ସହ ସେହି ସବୁ ଅଂଚଳରେ ଝରଣା ପାଣିକୁ ଅଟକାଇ କିପରି ଜଳ ସଂରକ୍ଷଣ ସହ ବିଭିନ୍ନ ଚାଷ କରାଯାଇ ପାରିବ ସେ ସମ୍ବନ୍ଧରେ ଅଂଚଳବାସୀଙ୍କୁ ସଚେତନ କରାଉଥିଲେ କ୍ଷୀରୋଦ । ଦୁଃଖର ବିଷୟ କ୍ଷୀରୋଦ ପେଟ ଯନ୍ତ୍ରଣା ଯୋଗୁଁ ଦୀର୍ଘ ଛଅ ମାସ ପୂର୍ବରୁ ଭୁବନେଶ୍ୱର ଏମ୍ସ୍ ଚିକିତ୍ସାଳୟରେ ଚିକିତ୍ସିତ ହୋଇଥିଲେ । କିନ୍ତୁ, ପରେ ତାଙ୍କର ବାମପାର୍ଶ୍ୱ କିଡ୍ନୀ ସମ୍ପୂର୍ଣ ଖରାପ ହୋଇ ଯାଇଥିବା ବେଳେ ଡାହାଣ ପାଖ କିଡନୀ ଉପରେ ଏହାର ପ୍ରଭାବ ଧୀରେ ଧୀରେ ପଡୁଥିବା ଡାକ୍ତରମାନେ ସୂଚନା ଦେଇଥିଲେ । ତେଣୁ ଏହାର ପ୍ରତିକାର ନିମନ୍ତେ କିଡନୀ ବଦଳାଇବା ଏକ ମାତ୍ର ମାର୍ଗ ବୋଲି ଡାକ୍ତର ପରାମର୍ଶ ଦେଇଛନ୍ତି । ତେବେ କିଡନୀ ବଦଳାଇବା ନିମନ୍ତେ ପ୍ରଚୁର ଅର୍ଥର ଆବଶ୍ୟକତା ପଡୁଛି, ଯାହାକି ଶ୍ରୀ ବେହେରାଙ୍କ ପରିବାର ପକ୍ଷରୁ ସମ୍ଭବପର ନୁହେଁ ।

## ଜାନୁଆରୀ ୪ରୁ ୧୪ ତାରିଖ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ ଭିତରକନିକା ଜାତୀୟ ଉଦ୍ୟାନ

ପଟ୍ଟାମୁଣ୍ଡାଇ,(ପି.ଏନ): କୁମ୍ଭୀର ଗଣନା ପାଇଁ କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ସ୍ଥିତ ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ ୧୦ ଦିନ ଧରି ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ । ବଉଳା କୁମ୍ଭୀରଙ୍କ ଏନ୍ତୁଡ଼ିଶାଳ ଭିତରକନିକା ଜାତୀୟ ଉଦ୍ୟାନ ଓ ଉଦ୍ୟାନ ବାହାରେ ଥିବା ନଦୀ, ନାଳଗୁଡିକରେ କୁମ୍ଭୀରମାନଙ୍କ ଗଣନା କରାଯିବ । ଆସନ୍ତା ଜାନୁଆରୀ ୪ରୁ ୧୪ ତାରିଖ ଯାଏ କୁମ୍ଭୀରମାନଙ୍କ ଗଣନା କରାଯିବ । ଏଥିପାଇଁ ୧୦ ଦିନ ଧରି ଭିତରକନିକା ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ । ଜାନୁଆରୀ ୧୫ ତାରିଖ ଠାରୁ ପୁଣି ଭିତରକନିକା ଦେଶବିଦେଶର ପର୍ଯ୍ୟଟକଙ୍କ ପାଇଁ ଖୋଲିବ । ଭିତରକନିକାରେ ୨୦୨୨ ଜାନୁଆରିରେ ହୋଇଥିବା ଗଣନା ଅନୁସାରେ, ୧୭୮୪ ବଉଳା କୁମ୍ଭୀର ଅଛନ୍ତି ।୧୯୭୦ ମସିହା ମଧ୍ୟଭାଗରେ କରାଯାଇଥିବା ଏକ ସର୍ଭେରେ ଭାରତବର୍ଷରେ କୁମ୍ଭୀରମାନଙ୍କ ସଂଖ୍ୟା ନଗଣ୍ୟ ବୋଲି ଜଣାପଡିଥିଲା ।

# କିଶୋରାବସ୍ଥାର ସ୍ୱାସ୍ଥ୍ୟ ଓ ବିକାଶର ଅଧିକାର ସମ୍ପର୍କରେ ଜ୍ଞାନ ଆଦାନ ପ୍ରଦାନ କର୍ମଶାଳା

ବଲାଙ୍ଗୀର,(ପି.ଏନ): ଓ୍ୱାଇସିଡିଏ ବାଉଁଶୁଣୀର ଆୟୋଜନରେ ତଥା ଅଜିମ ପ୍ରେମଜୀ ଫାଉଣ୍ଡେସନର ସହଯୋଗରେ କିଶୋରାବସ୍ଥାର ସ୍ୱାସ୍ଥ୍ୟ ଓ ବିକାଶର ଅଧିକାର ସଂପର୍କରେ ଜ୍ଞାନ ଆଦାନ ପ୍ରଦାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ହୋଟେଲ ତ୍ରିବେଣୀର ସଭାକକ୍ଷରେ ଆୟୋଜିତ ଏହି କର୍ମଶାଳା ଉଦଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ମଂଚାସୀନ ହୋଇଥିଲେ ସହକାରୀ ଜିଲ୍ଲା ମଙ୍ଗଳ ଅଧିକାରୀ ଲଳିତ କୁମାର ଶବର, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ଅଧିକାରୀ ଲକ୍ଷ୍ମୀ ସିଂ, ଲୋଇସିଂହା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ପ୍ରଜ୍ଞା ବାରିକ, ବୌଦ୍ଧ ଜିଲ୍ଲା ଜେଣ୍ଡର୍ ସଂଯୋଜିକା ରାଜଲକ୍ଷ୍ମୀ ପଣ୍ଡା, ବୌଦ୍ଧ ଜିଲ୍ଲାର ଆଦ୍ରିଜା ସଂଯୋଜିକା ପ୍ରତିଜ୍ଞା ଦାସ । ଉତ୍କଳ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଡକ୍ଟର ଭାସ୍ୱତୀ ପଟନାୟକ ଓ ଗବେଷଣା ସହକାରୀ କିଶୋରାବସ୍ଥାର ସ୍ୱାସ୍ଥ୍ୟ ଓ ବିକାଶର ଅଧିକାର ସଂପର୍କରେ ଜ୍ଞାନ ଆଦାନ ପ୍ରଦାନ କର୍ମଶାଳା ଶ୍ରୀମନ୍ତ ଖୁଂଟିଆ ଏହି ପ୍ରକଳ୍ପ ସଂପର୍କରେ କାର୍ଯ୍ୟ ଅଗ୍ରଗତିର ସୂଚନା ଦେଇ ଗତ ତିନି ବର୍ଷ ଭିତରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇ ୧୦୦ ଟି ଗ୍ରାମ, ୩୧୯ଟି ଉଡାନ କ୍ଲବ ମାଧ୍ୟମରେ କିଶୋର କିଶୋରୀ ଛାତ୍ରଛାତ୍ରୀ, ସେମାନଙ୍କ ମାତାପିତା, ଶିକ୍ଷକ ତଥା ଗ୍ରାମବାସୀ ମାନଙ୍କୁ ସଚେତନ କରାଯାଇଥିଲା । ମାସିକ ରତୁଚକ୍ର ସ୍ୱାସ୍ଥ୍ୟ ଓ ଶରୀରର ପରିବର୍ତନର ସୂଚନା ତଥା ସ୍ୱାସ୍ଥ୍ୟର ଯତ୍ନ ସଂପର୍କରେ ତିନି ବର୍ଷର କାର୍ଯ୍ୟକ୍ରମ ପରେ ବହୁ ପରିବର୍ତନ ଆସିଥିବା ତଥା କିଶୋର କିଶୋରୀ ମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ବଢୁଥିବା ଓ ଏହା ଆହୁରି ଅଧିକ ବଢ଼ିବାରେ ସମ୍ଭାବନା ଉପରେ ସମସ୍ତେ ଗୁରୁତ୍ୱାରୋପ କରିଥିଲେ । ସୁରେଶ ପଧାନ କର୍ମଶାଳା ପରିଚାଳନା କରିଥିବା ବେଳେ ଆନନ୍ଦିନୀ ରଥ, ସୁବ୍ରତା ଜେନା, ଆନିଗା ଥୋମାସ ଓ ଲିଜି ମୋଲ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।ଅନ୍ୟ ସହଯୋଗୀ ସଂଗଠନ ଯଥା ପଲ୍ଲୀଆଲୋକ ପାଠାଗାର ସଂପାଦକ ପ୍ରଶାନ୍ତ କୁମାର ନାୟକ, କାର୍ଯ୍ୟକ୍ରମ ସଂଯୋଜକ ହୀରାଲାଲ ମିଶ୍ର, ପ୍ରଦୀପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ଓ ବୌଦ୍ଧ ଜିଲ୍ଲାର ବିଭିନ୍ନ ପଂଚାୟତରେ ଚାଲିଥିବା ଉଡାନ କ୍ଲବ ତରଫରୁ ୭୦ ରୁ ଅଧିକ ବାଳିକା, ଆଶା କର୍ମୀ, ଶିକ୍ଷକ ଓ ଅଭିଭାବକ ମାନେ ଅଂଶଗ୍ରହଣ ଗ୍ରହଣ କରିଥିଲେ ।

## ସିଆରପିଏଫ୍ ପାର୍ବତୀ ଗିରି ବାଲ ନିକେତନ ଶିଶୁମାନଙ୍କୁ ଭିମ ଡୁଙ୍ଗୁରି ବନ ବିହାର କଲା

ବଲାଙ୍ଗିର,(ପି.ଏନ): ସଦ୍ଭାବନା ସଂକେତ ରୂପରେ ବଲାଙ୍ଗିର ସ୍ଥିତ ସିଆରପିଏଫ୍ ବାଟାଲିୟନ ୧୮୯ ର କମାଣ୍ଡେଂଟ ପବନ ତିଓ୍ୱାରୀ ବଲାଙ୍ଗିର ପଥରଚେପା ସ୍ଥିତ ପାର୍ବତୀଗିରି ବାଲ ନିକେତନର ଶିଶୁମାନଙ୍କୁ ଦେଓଗାଁ ବ୍ଲକ ସ୍ଥିତ ଭିମଡୁଙ୍ଗୁରି ପର୍ଯ୍ୟଟନସ୍ଥଳରେ ବଣ ଭୋଜି କରିବା ପାଇଁ ବାହାନ ସହିତ ସହାୟତା ବ୍ୟବସ୍ଥା କରିଥିଲେ । ଶ୍ରୀ ତିଓ୍ୱାରୀ ପିଲା ମାନଙ୍କୁ କହିଥିଲେ ଯେ, ଯେତେବେଳେ ମଧ୍ୟ ଆବଶ୍ୟକତା ହେବ ଆମେ ସହାୟତା ସହିତ ସବୁପ୍ରକାର ସହଯୋଗ କରିବୁ । ଇନ୍ସପେକ୍ଟର ସନ୍ତୋଷ କୁମାର, ସବ୍ ଇନ୍ସପେକ୍ଟର ସମରଜିତ ସିଂ, ଏ.ଏସ୍.ଆଇ ବଳଦେବ ମଧ୍ୟ ଉପସ୍ଥିତ ଥିଲେ ।ଏହି ବାଲ ନିକେତନ ପିଲାଙ୍କୁ ଦୁର୍ଗା ପୂଜା ଦୀପାବଳି, ରଥଯାତ୍ରା ସହିତ ଏବେ ଭିମଡୁଙ୍ଗୁରି ପିକନିକ୍ ବ୍ୟବସ୍ଥା ଆମୋଦ ପ୍ରଦାନ କରିଛି ।

# ଅଧିକାର ମାଇକ୍ରୋଫାଇନାନ୍ସ: ମହିଳା ଉଦ୍ୟୋଗୀଙ୍କ ସ୍ୱପ୍ନକୁ ସାକାର କରୁଛି

ସମ୍ବଲପୁର(ପିଏନ) : ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ମାଇକ୍ରୋଫାଇନାନ୍ସ ଏକ ଗୁରୁତ୍ୱପୂର୍ଣ୍ଣ ସହାୟକ ଭୂମିକା ନିର୍ବାହ କରୁଛି । ଓଡ଼ିଶାର ବଲାଙ୍ଗୀର ଜିଲା ଅନ୍ତର୍ଗତ ଖଇରଟିକ୍ରା ଗ୍ରାମର ଜଣେ ଅଧିବାସୀ ପୁଷ୍ପାଞ୍ଜଳି ମେହେରଙ୍କ ଅଭିବୃଦ୍ଧି କାହାଣୀ ତାଙ୍କ ସମେତ ଅନ୍ୟ ବହୁ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ମହିଳାଙ୍କ ଜୀବନରେ ମାଇକ୍ରୋ-କ୍ରେଡିଟର ଗୁରୁତ୍ୱକୁ ପ୍ରଦର୍ଶିତ କରୁଛି, ଯେଉଁମାନଙ୍କ ପାଇଁ ମୁଖ୍ୟସ୍ରୋତ ବ୍ୟାଙ୍କିଙ୍ଗ୍ ସେବା ପାଇବାକୁ ସୀମିତ ସୁଯୋଗ ରହିଥିଲା । ତାଙ୍କ ସାହସ ଏବଂ ଏକାଗ୍ରତାର କାହାଣୀ ତାଙ୍କୁ ତାଙ୍କ ପରିବାରକୁ ଦାରିଦ୍ର୍ୟ ମଧ୍ୟରୁ ଆର୍ଥିକ ସ୍ଥିରତା ଆଡକୁ ଅଗ୍ରସର କରାଇବାର ଦୀର୍ଘପଥ ଅଗ୍ରସର କରାଇଛି । ପୁଷ୍ପାଞ୍ଜଳିଙ୍କର ଚାରିଜଣିଆ ପରିବାରରେ ତାଙ୍କ ସ୍ୱାମୀ ଏବଂ ଦୁଇଜଣ ବଡ ପିଲା ଅଛନ୍ତି, ଯେଉଁମାନେ ପରିବାରର ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ସଂଗ୍ରାମ କରୁଥିଲେ । ପୁଷ୍ପାଞ୍ଜଳିଙ୍କ ସ୍ୱାମୀ ଏକ କ୍ଷୁଦ୍ର ତନ୍ତ ଦୋକାନରେ ଜଣେ ସହାୟକ ଭାବେ କାମ କରନ୍ତି । ତାଙ୍କ କାର୍ଯ୍ୟରୁ ମିଳୁଥିବା ଅତି ସ୍ୱଳ୍ପ ଆୟ ପରିବାରର ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ନଥିଲା । ସେମାନଙ୍କ ଅବସ୍ଥା ଏତେ ଖରାପ ଥିଲା ଯେ ସେମାନେ ପରିବାର ପାଇଁ ଦିନକରେ ଗୋଟିଏ ଥର ପେଟପୁରା ଖାଇବା ଯୋଗାଡ କରିବାକୁ ଅସମର୍ଥ ଥିଲେ । ପ୍ରତିଟି ଦିନ ଅତିବାହିତ ହେବାସହିତ



ସେମାନଙ୍କ ଅବସ୍ଥା ଅଧିକରୁ ଅଧିକ ଖରାପ ହେବାକୁ ଲାଗିଲା, ଏବଂ ସେମାନଙ୍କୁ ଅଣଆନୁଷ୍ଠାନିକ ଋଣଦାତାଙ୍କ ଉପରେ ନିର୍ଭର କରିବାକୁ ପଡିଲା, ଯାହା ମାତ୍ରାଧିକ ସୁଧହାର ଯୋଗୁଁ ସେମାନଙ୍କ ପାଇଁ ଅଧିକ ବୋଝ ହୋଇପଡିଲା । ଏଭଳି ପରିସ୍ଥିତିରେ ଭାଙ୍ଗିପଡିଥିବା ପୁଷ୍ପାଞ୍ଜଳି ନିଜେ ଆର୍ଥିକ ସ୍ୱାବଲମ୍ବୀ ହୋଇ ପରିବାରର ସ୍ଥିତିରେ ଉନ୍ନତି ଆଣିବାକୁ ସ୍ଥିରକଲେ । ସେ ଅଧିକାର ମାଇକ୍ରୋଫାଇନାନ୍ସର ମାଇକ୍ରୋଫାଇନାନ୍ସ ସୁବିଧା ସମ୍ପର୍କରେ ଅବଗତ ହେଲେ, ଅଧିକାରର ଟିମ୍ ନିକଟରୁ ସେମାନଙ୍କ ସେବା ସମ୍ପର୍କରେ ବିସ୍ତୃତ ଭାବେ ବୁଝିବା ପରେ ସେ ତୁରନ୍ତ ଅଧିକାରର ଜଣେ ସଦସ୍ୟ ହୋଇଗଲେ । ଏକ କ୍ଷୁଦ୍ର ତନ୍ତ ଦୋକାନ ଆରମ୍ଭ କରିବାକୁ ପ୍ରଥମେ ସେ ୧୦,୦୦୦ ଟଙ୍କା ଋଣ ନେଲେ । ନିଜ ସ୍ୱାମୀଙ୍କର ବୁଣାବୁଣି ଅଭିଜ୍ଞତାକୁ ଉପଯୋଗ କରି ସେମାନେ ସୁନ୍ଦର ସୁନ୍ଦର ସମ୍ବଲପୁରୀ ଶାଢୀ ତିଆରି କରିବା ଆରମ୍ଭକଲେ, ଯାହାକୁ ଗ୍ରାହକମାନେ ଅତ୍ୟନ୍ତ ପସନ୍ଦକଲେ ଏବଂ ସେମାନଙ୍କର ଆୟ ବୃଦ୍ଧିପାଇବାକୁ ଲାଗିଲା । ତାଙ୍କର ନିରବଚ୍ଛିନ୍ନ ପ୍ରୟାସ ବଳରେ ତାଙ୍କ ବ୍ୟବସାୟ ଲୋକପ୍ରିୟତା ହାସଲ କଲା ଏବଂ ତାହା ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିଲା । ସେମାନେ ମାସକୁ ୬୦୦୦ରୁ ୭୦୦୦ ଟଙ୍କା ପର୍ଯ୍ୟନ୍ତ ଆୟ କରିବା ଆରମ୍ଭକଲେ । ତାଙ୍କର ପ୍ରଥମ ଋଣ ଅର୍ଥ ସଫଳତାର ସହିତ ପରିଶୋଧ କରିବାପରେ ସେ ନିଜ ବ୍ୟବସାୟ ସମ୍ପ୍ରସାରଣ କରିବାକୁ ଆଉ ୩୫,୦୦୦ ଟଙ୍କା ଋଣ ନେଲେ । କଠିନ ପରିଶ୍ରମ, ଅଧ୍ୟବସାୟ ଏବଂ ଅଧିକାର ନିକଟରୁ ସାମାନ୍ୟ ସମର୍ଥନ ପାଇ ପୁଷ୍ପାଞ୍ଜଳି ତାଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବାକୁ ସମର୍ଥ ହେଲେ ।

# ପଣ୍ଡାପଡ଼ା ଟସର ସୋସାଇଟିରେ ମହା ଘୋଟାଲା : ରୋପଣ ବଦଳରେ ଟ୍ରିପ ଟ୍ରିପ ଚାରା ଫିଙ୍ଗିଦେଲେ

ହରିଚନ୍ଦନପୁର, (ପି.ଏନ): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ପଣ୍ଡାପଡା ଟସର ସୋସାଇଟରେ ବୃକ୍ଷରୋପଣ ନାମରେ ଲକ୍ଷାଧିକ ଟଙ୍କା ହରିଲୁଟ, ରାଜସ୍ୱରୁ ଟ୍ରିପ ଟ୍ରିପ ଚାରା ନଷ୍ଟ ଉଦ୍ୟମ ହୋଇଛି । ଗ୍ରାମାଚଂଳର ବିକାଶ ଧାରାରେ ଦୁର୍ନୀତି ଅନ୍ତରାୟ ସୃଷ୍ଟି କରୁଛି । ଦୁର୍ନୀତିକୁ ରୋକିବାକୁ ବିଭିନ୍ନ ସ୍ତରରେ ନିଯୁକ୍ତ ହୋଇଥିବା ସରକାରୀ ଅଧିକାରୀଙ୍କ ନିଷ୍କ୍ରିୟତାକୁ ଦାୟୀ କରାଯାଇଛି । ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନର ଅଭାବ ଯୋଗୁଁ ଦୁର୍ନୀତି କରିବାକୁ ଆହୁରି ଖୋରାକ ଯୋଗାଉଛି । ଏପରି ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମଳିଛି, ହରିଚନ୍ଦନପୁର ବ୍ଲକ ବୁଢ଼ାଖମଣ ଗ୍ରାମପଂଚାୟତ ସୋମଗିରି ଗାଁରେ ।ସୂଚନା ଅନୁଯାୟୀ, ଆର୍ଥିକ ବର୍ଷ ୨୦୨୨/୨୩ ରେ ପଣ୍ଡାପଡ଼ା ଟସର ସୋସାଇଟି ଦ୍ୱାରା ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୧୦ ହେକ୍ଟର ଚାଷ ଜମିରେ ଅସନ ଓ ଅର୍ଜୁନ ବୃକ୍ଷ ରୋପଣ ପ୍ରକଳ୍ପ ନିମନ୍ତେ ୧୮ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିଲା । ବିନା ଡିସପ୍ଲେ ବୋର୍ଡରେ ଠିକାଦାର ଓ ଟସର ବିଭାଗ ଅଧିକାରୀ ଅତି ଚଞ୍ଚଳତାରେ କାର୍ଯ୍ୟ ଆରମ୍ଭ କରିଥିଲେ । ଯେନତେନେ ଉପାୟରେ କିଛି ସ୍ଥାନରେ ବୃକ୍ଷ ରୋପଣ ହୋଇଥିବା ବେଳେ ପ୍ରାୟ ଦୁଇ ଟ୍ରିପ ଅସନ ଓ ଅର୍ଜୁନ ଗଛର ଚାରାକୁ ଜଙ୍ଗଲର ବିଭିନ୍ନ ସ୍ଥାନରେ ଫିଙ୍ଗି ଦେଇଥିବା ଦେଖିବାକୁ ମିଳିଛି । ରୋପଣ ହୋଇଥିବା କିଛି ଗଛ ଗୁଡ଼ିକର ସାର, ପାଣି ଓ ବାଡ ଅଭାବରୁ ମରି ନଷ୍ଟ ହୋଇଗଲାଣି । କେଉଁଠି ଗାତ ଭିତରେ ଜରି ସହ ଗଛ ଲାଗିଛି ତ ଆଉ କେଉଁଠି ପଡିଆ ସାରା ଫାଙ୍କା ଗାତ ରହିଛି । ଜଗୁଆଳୀ, ସାହିବାସୀ କାମ କରୁଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ସେମାନେ ନିଜର ପାରିଶ୍ରମିକ ପାଇନଥିବା ଅଭିଯୋଗ କରିଛନ୍ତି । ସରକାରୀ ଯୋଜନାକୁ ବାଟବଣା କରି ଏଯାବତ୍ ୭ ଲକ୍ଷ ୫୯ ହଜାର ୭ ଶହ ୫ ଟଙ୍କା ଉଠାଇଥିବା ସରକାରୀ ପ୍ରୋଟାଲରୁ ଜଣାପଡିଛି । ନିରୀହ ଜୁଆଙ୍ଗ ଆଦିବାସୀଙ୍କୁ ଲୋଭ ଦେଖାଇ ସେମାନଙ୍କ ଠାରୁ ଜମି ହାତେଇ ବୃକ୍ଷରୋପଣ କରିବା ଉଦ୍ଦେଶ୍ୟରେ ପଣ୍ଡାପଡ଼ା ଟସର ବିଭାଗ ଅଧିକାରୀମାନେ ଆଦିବାସୀଙ୍କ ଜୀବିକା ନଷ୍ଟ କରୁଛନ୍ତି । ସରକାରୀ ତହବିଲରୁ ଯୋଜନାକୁ କାଗଜପତ୍ରରେ ରୂପାନ୍ତରିତ କରାଯିବା ପାଇଁ କିଭଳି ଲକ୍ଷ ଲକ୍ଷ ଟଙ୍କା ଚଳୁ କରାଯାଉଛି । ଜଙ୍ଗଲରେ ଫିଙ୍ଗା ଯାଇଥିବା ଟ୍ରିପ ଟ୍ରିପ ଅସନ ଓ ଅର୍ଜୁନ ଗଛକୁ ଦେଖିଲେ ତାହା ସ୍ପଷ୍ଟ ଅନୁମେୟ । ବର୍ତମାନ ଏହି ପ୍ରକଳ୍ପର ବାସ୍ତବିକତା ସମ୍ପୂର୍ଣ ଭିନ୍ନ ରହିଛି । ଯେଉଁ ଉଦ୍ଦେଶ୍ୟ ରଖି ଅର୍ଥ ମଞ୍ଜୁର କରଯାଇଥିଲା ତାହା ସଫଳ ହୋଇ ନଥିବା ବେଳେ କେବଳ କାଗଜ କଲମରେ କାର୍ଯ୍ୟ ଦର୍ଶାଇ ଅର୍ଥ ହରିଲୁଟ ହୋଇଥିବା ଜଣାପଡ଼ିଛି ।ଏନେଇ ପଣ୍ଡାପଡ଼ା ଟସର ସୋସାଇଟିର ସେକ୍ରେଟାରୀ ମନୋରଞ୍ଜନ ସୋରେନଙ୍କୁ ଘଟଣା ବାବଦରେ ପଚାରିବାରୁ ସବୁ ଠିକ୍ ଠାକ୍ ଥିବା ସୂଚନା ଦେଇଛନ୍ତି । ଟସର ବିଭାଗର ଜିଲ୍ଲା ଅଧିକାରିଣୀ ସଙ୍ଗୀତା ମିଞ୍ଜଙ୍କୁ ପଚାରିବାରୁ ତଦନ୍ତ ପରେ ଯାହା ଜଣାପଡ଼ିବ, ସେହି ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ କହିଥିଲେ । ଯେଉଁ ଅଧିକାରୀଙ୍କ ପାଇଁ ଯୋଜନା ବାଟବଣା ହୋଇଛି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜନସାଧାରଣରେ ଦାବି ହୋଇଛି । ଏଥିସହ କାମ କରିଥିବା ଲୋକଙ୍କୁ ନିଜ ନିଜର ପାରିଶ୍ରମିକ ପ୍ରଦାନ କରିବାକୁ ଗ୍ରାମର ପିତାମ୍ବର ଜୁଆଙ୍ଗ, କୃଷ୍ଣ ଜୁଆଙ୍ଗ, ଶ୍ରୀକାନ୍ତ ଜୁଆଙ୍ଗ, ନିରଞ୍ଜନ ଜୁଆଙ୍ଗ, ସୁନୁ ଜୁଆଙ୍ଗ, ମୁରଲୀ ଜୁଆଙ୍ଗ, ଶରତ ଜୁଆଙ୍ଗ, ହେମନ୍ତ ଜୁଆଙ୍ଗ ପ୍ରମୁଖ ଦାବି କରଛନ୍ତି ।




# ରି-କରେଣ୍ଟ ମିସକ୍ୟାରେଜ



**ମା'** ହେବା ନାରୀ ଜୀବନର ସବୁଠୁ ସୁଖଦ ଅନୁଭବ ହୋଇଥାଏ। କିନ୍ତୁ କିଛି ମହିଳା ଏଥିରୁ ବଞ୍ଚିତ ହୋଇଥାନ୍ତି। ଗର୍ଭପାତ ଏକ ଏପରି ଘଟଣା ଯାହାର ସାମ୍ନା କରିବା ଓ ସେଥିରୁ ବାହାରିବା ଅତ୍ୟନ୍ତ କଷ୍ଟସାଧ ହୋଇଥାଏ। ବିଶେଷକରି ସେହି ମହିଳାଙ୍କ ପାଇଁ ଯେଉଁମାନେ ଏହି ପର୍ଯ୍ୟାୟ ଦେଇ ବାରମ୍ବାର ଗତି କରିଥାନ୍ତି। ବାରମ୍ବାର ହେଉଥିବା ଏହି ଗର୍ଭପାତକୁ ରି-କରେଣ୍ଟ ମିସକ୍ୟାରେଜ ବୋଲି କୁହାଯାଏ। ମିସକ୍ୟାରେଜ ବା ଗର୍ଭପାତ କୌଣସି ମହିଳା ପାଇଁ ସହଜ ହୋଇନଥାଏ। ଗର୍ଭାବସ୍ଥାର ଆରମ୍ଭରୁ ହିଁ ନାରୀର ଗର୍ଭସ୍ଥ ଭ୍ରୁଣ ସହିତ ଏକ ନିବିଡ଼ ସମ୍ପର୍କ ଯୋଡ଼ି ହୋଇଯାଇଥାଏ ଏବଂ ଏପରି ସ୍ଥିତିରେ ଗର୍ଭପାତର ଯନ୍ତ୍ରଣା ସହିବା ଖୁବ କଷ୍ଟସାଧ ହୋଇଥାଏ। ଅନେକ ମହିଳାଙ୍କର ରି-କରେଣ୍ଟ ମିସକ୍ୟାରେଜ ଭଳି ସମସ୍ୟା ଦେଖାଦେଇଥାଏ। ରି-କରେଣ୍ଟ ମିସକ୍ୟାରେଜର ଲକ୍ଷଣକୁ ଚିହ୍ନିବା ବେଳେ ବେଳେ କଷ୍ଟକର ହୋଇପଡ଼େ କାରଣ ଗର୍ଭାବସ୍ଥାର ପ୍ରାରମ୍ଭିକ ଅବସ୍ଥାରେ ଏହା ହୋଇଥାଏ। ତେବେ ରି-କରେଣ୍ଟ ମିସକ୍ୟାରେଜ କଣ ଓ ଏହା କାହିଁକି ଘଟେ ତାହା ଜାଣିବା ନିହାତି ଦରକାର, ଯେପରି ସମୟ ଥାଉ ଥାଉ ଏହାର ଚିକିତ୍ସା କରାଯାଇପାରିବ।

**ରି-କରେଣ୍ଟ ମିସକ୍ୟାରେଜ ସମ୍ଭାବ୍ୟ କାରଣ:** ପ୍ରତ୍ୟେକ ମହିଳାଙ୍କ ଗର୍ଭାଶୟ ଶାରୀରିକ ଗଠନ ଭିତ୍ତିରେ ଭିନ୍ନ



ହୋଇଥାଏ। ଯାହାଦ୍ୱାରା ସେମାନଙ୍କ ଗର୍ଭ ଧାରଣ ସମ୍ଭାବନା କମ ବା ବେଶୀ ହୋଇପାରେ। ବେଳେ ବେଳେ ଗର୍ଭାଶୟର ଅସ୍ୱାଭାବିକ ଆକୃତି ଓ ଗର୍ଭାଶୟର ଦୁର୍ବଳତା ମଧ୍ୟ ଗର୍ଭପାତର କାରଣ ହୋଇପାରେ। ଗର୍ଭପାତ ସରଭାଇକଲ, ଫ୍ରାଇବ୍ରଏଡ, ଗର୍ଭାଶୟରେ ଆଘାତ କିମ୍ବା ଜନ୍ମଗତ ସମସ୍ୟା ଗର୍ଭପାତର ଆଶଙ୍କା ବଢ଼ାଇ ଦେଇଥାଏ। ଅନେକ ସମୟରେ ଗର୍ଭାଶୟରେ ରକ୍ତ ଜମାଟ ବାନ୍ଧିବା କାରଣରୁ ବି ଗର୍ଭପାତ ହୋଇପାରେ। ଏହାକୁ ଡାକ୍ତରୀ ଶବ୍ଦରେ ଆଣ୍ଟିଫାସ୍ଫୋଲିପିଡ଼ ସିଣ୍ଡ୍ରୋମ କୁହାଯାଏ। ଏହା ବ୍ୟତୀତ ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ଏଥିପାଇଁ ଦାୟୀ ଅଟେ। ହର୍ମୋନାଲ ସମସ୍ୟା ମଧ୍ୟ ବାରମ୍ବାର ହେଉଥିବା ଗର୍ଭପାତର କାରଣ ହୋଇପାରେ। ଶରୀରରେ ପ୍ରୋଜେଷ୍ଟେରନର ଅଭାବ ଗର୍ଭପାତର ଆଶଙ୍କା ବଢ଼ାଇଦିଏ। ଏହା ବ୍ୟତୀତ ଏଲିବେଟିଡ ପ୍ରୋଲେକ୍ଟିନ, ଇନ୍ସୁଲିନ ରେଜିସଟେନ୍ସ ଏବଂ ଥାଇରଏଡ ଡିସଅର୍ଡ଼ର ମଧ୍ୟ ରି-କରେଣ୍ଟ ମିସକ୍ୟାରେଜର କାରଣ ହୋଇପାରେ। ବେଳେ ବେଳେ ବାରମ୍ବାର ହେଉଥିବା ଗର୍ଭପାତର କାରଣ ବଂଶାନୁଗତ ମଧ୍ୟ ହାଇପାରେ। ମହିଳା ବା ପୁରୁଷଙ୍କ ପରିବାରରେ ହୋଇଥିବା ଗର୍ଭପାତ ମଧ୍ୟ ଏହାସହ ଯୋଡ଼ି ହୋଇପାରେ। ସାଧାରଣ ଭାବେ ଏହି ବଂଶାନୁଗତ କାରଣର ସମ୍ଭାବପନା ଖୁବ କମ ଥାଏ। ରି-କରେଣ୍ଟ ମିସକ୍ୟାରେଜକୁ ହାଲୁକା ଭାବେ ନିଅନ୍ତୁ ନାହିଁ। କିନ୍ତୁ ସଠିକ ସମୟର ଚିକିତ୍ସା କରି ଏହାକୁ ରୋକାଯାଇପାରିବ। ସେଥିପାଇଁ ଡାକ୍ତରଙ୍କ ସହ ପରାମର୍ଶ କରି ଏହାକୁ ବିଭିନ୍ନ ମାଧ୍ୟମରେ ଉପଚାର କରିହେବ।

**ଡାକ୍ତର ଶୁଭଶ୍ରୀ ମିଶ୍ର**, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, ଦୂରଭାଷ : ୯୮୬୧୪୬୩୪୦୬, E-mail : drsubhashreemishra890@gmail.com

# ଆନ୍ତର୍ଜାତୀୟ ସଂଖ୍ୟାଲଘୁ ଅଧିକାର ଦିବସ ପାଳିତ




ଭୁବନେଶ୍ୱର (ପିଏନ୍): ସଂଖ୍ୟାଲଘୁ ସେଲ୍ ପକ୍ଷରୁ ଆନ୍ତର୍ଜାତୀୟ ସଂଖ୍ୟାଲଘୁ ଅଧିକାର ଦିବସ ଭୁବନେଶ୍ୱରର ଗୀତଗୋବିନ୍ଦ ସଦନ ଠାରେ ପାଳିତ ହୋଇଯାଇଛି। ଓଡିଶା ସଂଖ୍ୟାଲଘୁ ସଂପ୍ରଦାୟ ତରଫରୁ ଆୟୋଜିତ ଓ ବିଜେଡି ଭୁବନେଶ୍ୱର ଜିଲ୍ଲା ଉପସଭାପତି ମୁଶାରଫ ଖାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ସମ୍ମାନୀତ ଅତିଥି ଭାବେ ଓଡିଶା ସଂଖ୍ୟାଲଘୁ ସଂପ୍ରଦାୟର ଅଧ୍ୟକ୍ଷ ତଥା ଆଇନଜୀବୀ ଡଃ ହାସନ ଖାନ୍, କର୍ପୋରେଟର ଆଏସା ବେଗମ୍, ବାପୁଜୀ ନଗର ଚାମ୍ବର୍ସ ଅଫ୍ କମର୍ସର ସଭାପତି ମିର ମହମ୍ମଦ ଖାନ୍, ସମାଜସେବୀ ମିର୍ଜା ରିୟାଜ ବେଗ୍, ବିଜୁ ଜନତା ଦଳ ସଂଖ୍ୟାଲଘୁ ସେଲର ରାଜ୍ୟ ଉପସଭାପତି ଅବତାର ସିଂ ଭୁର୍ଜୀ, ପୂର୍ବତନ କର୍ପୋରେଟର ନିଜାମ ଉଦ୍ଦିନ୍, ଆଇନଜୀବୀ ସମରେନ୍ଦ୍ର ସାହୁ , ଲୀନା ନନ୍ଦିତା ପରିଡା, ହବିଉଲ୍ଲା ଖାନ୍, ଦିଲଦାର ଖାନ୍, ଏମ୍ ଆର ଖାନ୍ ପ୍ରମୁଖ ଯୋଗଦେଇ ସଂଖ୍ୟାଲଘୁ ମାନଙ୍କର ଅଧିକାର ବିଷୟରେ ଆଲୋଚନା କରିଥିଲେ। ସଂଖ୍ୟାଲଘୁ କମିଶନ ଗଠନ ପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା। ଏହି ଅବସରରେ ସମାଜସେବା କ୍ଷେତ୍ରରେ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ସଂଗଠନ ଏଲ୍ ପି ଟିମ୍ ଓ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ସଂଖ୍ୟାଲଘୁ ସଂପ୍ରଦାୟର ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁକାନ୍ତ ରାଉତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲା ବେଳେ ସଂପ୍ରଦାୟର ଆବାହକ ବାବୁ ରାଜା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସିପିଆଇର ପ୍ରତିଷ୍ଠା ଦିବସ ପାଳିତ




ଭୁବନେଶ୍ୱର (ପିଏନ୍)-ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ୯୭ତମ ପ୍ରତିଷ୍ଠା ଦିବସ ସମାରୋହ ସିପିଆଇର ରାଜ୍ୟ ଦପ୍ତର ଭଗବତୀ ଭବନଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଭଗବତୀ ଭବନ ପ୍ରାଙ୍ଗଣରେ ସିପିଆଇର ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା ପାର୍ଟିର ଲାଲ୍ ପତାକାକୁ ଉତ୍ତୋଳନ କରି ୧୯୨୫ ଡିସେମ୍ବର ୨୬ ତାରିଖରେ କାନପୁରଠାରେ କିଭଳି କମ୍ୟୁନିଷ୍ଟ ପାର୍ଟି ଗଠିତ ହୋଇଥିଲା ତାହା ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ବର୍ତ୍ତମାନ ଦେଶର ସମ୍ବିଧାନ, ଗଣତନ୍ତ୍ର ଓ ଧର୍ମନିରପେକ୍ଷତାକୁ ରକ୍ଷା କରିବା ପାଇଁ ସମସ୍ତ ବାମପନ୍ଥୀ, ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ ଶକ୍ତି ଐକ୍ୟବଦ୍ଧ ହେବା ପାଇଁ ଆହ୍ୱାନ ଦେଇଥିଲେ। ରାଜ୍ୟ କାର୍ଯ୍ୟକାରୀ କମିଟିର ସଭ୍ୟ ସୁର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ସିପିଆଇର ବରିଷ୍ଠ ନେତା ଦିବାକର ନାୟକ ଉଦ୍‌ବୋଧନ ଦେଇ ପାର୍ଟିର ୯୭ବର୍ଷର ତ୍ୟାଗ ଓ ସଂଗ୍ରାମର ଗୌରବୋଜ୍ଜ୍ୱଳ ଇତିହାସ ସମ୍ପର୍କରେ ଆଲୋଚନା କରିବା ସହିତ ସ୍ୱାଧୀନତା ସଂଗ୍ରାମର ଅଗ୍ନିଗର୍ଭରୁ ଜାତ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଦେଶର ଖଟିଖିଆ ଓ ମଧ୍ୟବିତ୍ତ ଜନସାଧାରଣଙ୍କ ସ୍ୱାର୍ଥ ପାଇଁ କିଭଳି ଅହରହ ସାଲିସ୍‌ବିହୀନ ସଂଗ୍ରାମ ଚଳାଇଆସିଛି, ସେ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ଏହି ସମାରୋହରେ ବିଶ୍ୱ ଶିକ୍ଷକ ସଂଘର ସଭାପତି ଅମିୟ ମହାନ୍ତି, ଏଆଇଟିୟୁସିର ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା, ମାୟାଧର ନାୟକ, ସତୀଶ ମିଶ୍ର, ରାଜ୍ୟ ପରିଷଦ ସଭ୍ୟ ବିଜୟ ମହାନ୍ତି ଓ ଉତ୍କଳ ମହିଳା ସମିତିର ସୁବାସିନୀ ଭଦ୍ର, ନୂଆ ଦୁନିଆ ସମ୍ପାଦକମଣ୍ଡଳୀ ସଭ୍ୟ ରମେଶ ପ୍ରଧାନ, କୈଳାସ ପୁହାଣ, ସର୍ବେଶ୍ୱର ମାର୍ଥା, ଶରତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଶୀତଦିନେ ସାବୁନ ଓ ଫେସୱାସର ବ୍ୟବହାର କମ କରନ୍ତୁ



**ଶୀ**ତଦିନେ ଦେହକୁ ଆରାମ ଦେଲେ ମଧ୍ୟ ଶରୀର ପାଇଁ ବିଭିନ୍ନ ସମସ୍ୟା ଆଣିଥାଏ। ବିଭିନ୍ନ ଲୋକଙ୍କ ଠାରେ ଭିନ୍ନ ଭିନ୍ନ ସମସ୍ୟା ଦେଖିବାକୁ ମିଳିଥାଏ ଏହି ଋତୁରେ। ବିଶେଷକରି ସାବୁନ ଓ ଫେସୱାସ ତ୍ୱଚାର ଶୁଷ୍କତାକୁ ବଢ଼ାଇବା ସହ ବହୁ ସମସ୍ୟା ଡାକିଆଣେ। ତେବେ କେମିତି ଏସବୁର ସମାଧାନ କରିପାରିବେ ଚାଲନ୍ତୁ ଜାଣିବା।

**ପ୍ରଶ୍ନ :** ଶୀତଦିନ ଆସିବା ମାତ୍ରେ ମୋର ଓଠ ଏବଂ ମୁହଁ ଚମଡ଼ା ରୁକ୍ଷ ହୋଇଯାଏ। ବିଶେଷକରି ଓଠ ଫାଟି ରକ୍ତ ବାହାରେ। ନଡ଼ିଆ ତେଲ, ଗ୍ଲିସେରିନ୍ ଲଗାଇଲେ ବି କିଛି ଲାଭ ହୁଏନାହିଁ। କ'ଣ କଲେ ଶୀତଦିନେ ମୋ ଓଠ ଆଉ ଫାଟିବ ନାହିଁ ?

**ଉତ୍ତର :** ଓଠ ନଫାଟିବା ପାଇଁ ନିୟମିତ ୪/୫ ଥର ଭେସଲିନ ଲଗାନ୍ତୁ। ଓଠାରେ ଜିଭ ଲଗାନ୍ତୁ ନାହିଁ। ଯଦି ତେଲ ଲଗାଇବା ପରେ ମଧ୍ୟ ମୁହଁ ଫାଟୁଛି, ତେବେ କୌଣସି ଭଲ କମ୍ପାନୀର ମଏଶ୍ଚରାଇଜର ବ୍ୟବହାର କରନ୍ତୁ। ଆଉ ସାବୁନ ଓ ଫେସୱାସର ବ୍ୟବହାର କମ କରନ୍ତୁ। ଏହା ଶୀତଦିନେ ତ୍ୱଚାକୁ ଅଧିକ ଶୁଷ୍କ କରିଥାଏ।

**ପ୍ରଶ୍ନ :** ହାଲୁକା ଶୀତ ଅନୁଭବ ହେଲା ମାତ୍ରେ ମୋ ପାଦ ତଳର ତ୍ୱଚା ଫାଟି ରକ୍ତ ବାହାରେ। ଚଲାବୁଲା କରିବାରେ ସମସ୍ୟା ହୁଏ। ମୁଁ ଭେସଲିନ, ଗ୍ଲିସେରିନ ଲଗାଏ। ରାତିରେ ଶୋଇବା ବେଳେ ନଡ଼ିଆ ତେଲ ମାଲିସ କରେ। ତଥାପି ସମସ୍ୟା କମେ ନାହିଁ। କ'ଣ କରିବି ?

**ଉତ୍ତର :** ଏହି ସ୍ଥିତିରେ ନିୟମିତ ପାଦରେ ମୋଜା ପିନ୍ଧନ୍ତୁ। ଖାଲି ପାଦରେ ଚାଲନ୍ତୁନାହିଁ। ଅଧିକ ସାବୁନ ବା ସର୍ଫ ପାଣି ପାଦରେ ବାଜିବାକୁ ଦିଅନ୍ତୁ ନାହିଁ। ରାତିରେ ଶୋଇବା ପୂର୍ବରୁ ପାଦରେ ଭେସଲିନ କିମ୍ବା ରନ୍ଧା ନଡ଼ିଆ ତେଲ ମାଲିସ କରି ଶୁଅନ୍ତୁ। ପାଦ ଫାଟିବା କମିଯିବ।

**ପ୍ରଶ୍ନ :** ଶୀତ ଆସିଲା ମାତ୍ରେ ମୋ କେଶ ରୁକ୍ଷ ହୋଇଯାଏ। କିନ୍ତୁ ଅଧିକ କଷ୍ଟ ଦିଏ ରୂପି ଏବଂ ମୁଣ୍ଡର ଇନଫେକସନ। ଏଥିରୁ କିପରି ମୁକ୍ତି ପାଇବି ?

**ଉତ୍ତର :** ଫଙ୍ଗାଲ ଇନଫେକସନ ଦୂର କରିବା ପାଇଁ ସପ୍ତାହକୁ ଦୁଇଥର କୌଣସି ଆଣ୍ଟି ଫଙ୍ଗାଲ ଶାମ୍ପୋ ବ୍ୟବହାର କରନ୍ତୁ। କେଶରେ କମ ତେଲ ଲଗାନ୍ତୁ। ମୁଣ୍ଡ ସଫା କରିବା ପୂର୍ବଦିନ ରାତିରେ ତେଲ ଲଗାଇ ସକାଳୁ ସଫା କରିନିଅନ୍ତୁ। କେଶରେ ଅଧିକ ସମୟ ତେଲ ରହିବାକୁ ଦିଅନ୍ତୁ ନାହିଁ।

**ପ୍ରଶ୍ନ :** ଶୀତଦିନେ ସନ୍ଧ୍ୟା ସମୟରେ ବାହାରକୁ ବାହାରିଲା ମାତ୍ରେ ମୋର ସମଗ୍ର ଶରୀର କୁଣ୍ଡେଇହେଲା ଭଳି ଲାଗେ। ଘରକୁ ଆସି ଧୁଆଧୁଇ ହୋଇଗଲେ କମିଯାଏ। ଦିନ ଅପେକ୍ଷା ରାତିରେ ଏହି ସମସ୍ୟା ଅଧିକ ହୁଏ। ଏପରି ହେବାର କାରଣ କ'ଣ ?

**ଉତ୍ତର :** କିଛି ଲୋକଙ୍କର ଚର୍ମ ଅତ୍ୟଧିକ ସ୍ପର୍ଶକାତର ହୋଇଥାଏ। ସେମାନଙ୍କ ଠାରେ ଏଭଳି ସମସ୍ୟା ଦେଖା ଦେଇଥାଏ। ଏହି ସମସ୍ୟାର କୌଣସି ଘରୋଇ ଉପଚାର ନାହିଁ। ତେଣୁ ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସା କରାଇ ନିଅନ୍ତୁ। ଆପଣଙ୍କ ସମସ୍ୟା ଦୂର ହୋଇଯିବ।

**ପ୍ରଫେସର ଡାକ୍ତର ବିନୋଦିନୀ ବେହେରା,** ପ୍ରଫେସର, ଚର୍ମ ଓ ଯୌନ ରୋଗ ବିଭାଗ, ପିଏମଆରଆଇ ମେଡ଼ିକାଲ କଲେଜ ଓ ହସ୍ପିଟାଲ, ବାରିପଦା

# ପାଣି ପମ୍ପ ଚୋରୀ ବେଳେ ଚାଷୀଙ୍କ ହାତରେ ଧରା ପଡିଲା ଚୋର



ଚମ୍ପୁଆ (ପିଏନ୍): ଚମ୍ପୁଆ ବ୍ଲକ ଅନ୍ତର୍ଗତ ସରେଇ ପଂଚାୟତର ଟୁଣୁଟୁଣାଠାରେ ଗତ ୧୭ ତାରିଖ ରାତି ୨ ଘଟିକା ସମୟରେ ଘର ବାରଣ୍ଡାରୁ ପାଣି ପମ୍ପ ଚୋରୀ କରୁଥିବା ବେଳେ ଚାଷୀମାନେ ଜଣେ ଚୋରକୁ ଧରି ପୋଲିସର ଜିମା ଦେଇଥିବା ଜଣାଯାଇଛି। ସୂଚନା ଅନୁସାରେ ଟୁଣୁଟୁଣାଠାରେ ଥିବା ଉଠା ଜଳସେଚନ ପଏଂଟ ନୋ-୪ର ଦୁଇ ଗୋଟି ମୋଟର ଉକ୍ତ ପାଣି ପଂଚାୟତର ଚାଷୀ ପ୍ରଦୀପ ନାଏକଙ୍କ ଘର ବାରଣ୍ଡାରେ ରହିଥିଲା। ଅଭିଯୋଗ ଅନୁଯାୟୀ ଚୋରମାନେ ରାତି ୨ଟା ବେଳେ ଉକ୍ତ ବାରଣ୍ଡାରୁ ଗୋଟାଏ ମୋଟର ନେଇ ଯାଉଥିବା ସମୟରେ ପ୍ରଦୀପ ନାଏକଙ୍କ ସ୍ତ୍ରୀ ଘରୁ ବାହାରକୁ ଆସି ଡାକ ପକାଇବାରୁ ସ୍ଥାନୀୟ ଘରର ଲୋକମାନେ ଚୋରଙ୍କୁ ଦୌଡାଇଥିଲେ ଏବଂ ଜଣଙ୍କୁ ଧରିବାରେ ସକ୍ଷମ ହୋଇଥିବା ବେଳେ ଚୋରମାନେ ଛାଡିଯାଇଥିବା ଟିଭିଏସ ଭିକ୍ଟୋର ମୋଟର ସାଇକେଲ ସହ ନମ୍ବର ବିହିନ ଏକ ଟିଭିଏସ ଲୁନାକୁ ଜବଦ କରିଥିଲେ। ଧରାପଡିଥିବା ଚୋରନାମ ମିରଜମାମ ଶେଖ ଘର ମୁର୍ସିଦାବାଦ ବୋଲି ଚାଷୀଙ୍କୁ ଚୋରଟି କହିଥିଲା ଏବଂ ଦୁଇ ଜଣ ଚୋର ଉକ୍ତ ସ୍ଥାନରୁ ଦୌଡି ପଳାଇବାରେ ସକ୍ଷମ ହୋଇଥିଲେ। ଏ ନେଇ ପାଣି ପଂଚାୟତ ସଭାପତି ପୁରୁଷତମ ନାଏକ ଚମ୍ପୁଆ ଥାନାରେ ଅଭିଯୋଗ କରିବା ସହିତ ପୋଲିସକୁ ଜିମା ଦେଇଥିଲେ। ସୂଚନା ଯୋଗ୍ୟକି ବାହାର ରାଜ୍ୟରୁ ବିଭିନ୍ନ ଜିନିଷ ବିକ୍ରି ପାଇଁ ଓଡିଶା ମଧକୁ ଯୁବକମାନେ ପ୍ରବେଶ କରୁଥିଲେ ମଧ୍ୟ ଏମାନଙ୍କ ପ୍ରତି ପ୍ରଶାସନିକ ଅଙ୍କୁଶ ନଥିବାରୁ ଏଭଳି ଘଟଣା ଘଟୁଥିବା ବୁଦ୍ଧିଜିବୀମାନେ ମତ ଦେଇଛନ୍ତି। ଅନ୍ୟ ପକ୍ଷରେ ଦୁଇ ଦିନ ତଳେ ଚମ୍ପୁଆ ବ୍ଲକର ରଙ୍ଗାମାଟିଆ ପଂଚାୟତର ରରୁଆଁଠାରୁ ୩ ଗୋଟି ପାଣି ମୋଟର ଚୋରୀ ହୋଇଯାଇଥିଲେ ମଧ୍ୟ ବର୍ତମାନ ସୁଦ୍ଧା ଏହାର ସୁରାକ ମିଳିପାରିନାହିଁ।

# ଧଉଳି ସାହିତ୍ୟ ସଂସଦର ଶୀତ ଆସର ଅନୁଷ୍ଠିତ



ଭୁବନେଶ୍ୱର (ପିଏନ୍): କୌଶଲ୍ୟାଗଙ୍ଗ ସ୍ଥିତ ସିଫା ପ୍ରେକ୍ଷାଳୟରେ ଧଉଳି ସାହିତ୍ୟ ସଂସଦର ଶୀତ ଆସର ଅନୁଷ୍ଠିତ ହୋଇଯାଇଛି। ସ୍ୱାମୀ ପ୍ରାଣରୂପାନନ୍ଦ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ଏଥିରେ ପଚିଶରୁ ଉର୍ଦ୍ଧ୍ୱ କବି କବିତା ପାଠ କରିଥିଲେ। କବିତା ସମ୍ପର୍କିତ ଆଲୋଚନା କରିଥିଲେ ଡ. ଅଜୟ ସ୍ୱାଇଁ, ଡ. ରଜନୀ ରଞ୍ଜନ, ଦିଲ୍ଲୀପ ସୁବୁଦ୍ଧି, ଦିବାକର ମାନସିଂହ, ଡ. କାଳନ୍ଦୀ ସାହୁ, ମାଧବ ବେହୁରା, ବଙ୍କିମ ଚନ୍ଦ୍ର ନାୟକ ଏବଂ ଲକ୍ଷ୍ମୀଧର ପ୍ରଧାନ। କବିତା ଗୁଡ଼ିକୁ ସଂଯୋଜନା କରିଥିଲେ ବିପିନ୍ ବେହେରା ଏବଂ ଆଶୁତୋଷ ଦାସ। ଏହି ଅବସରରେ କବି କୈଳାସ ବେହେରାଙ୍କ କବିତା ପୁସ୍ତକ 'ଆଞ୍ଜୁଳାଏ ଜହ୍ନରାତି' ଲୋକାର୍ପିତ ହୋଇଥିଲା। ଜୟଦେବ ସଙ୍ଗୀତର ଗାୟକ ବିଜୟରାମ ତ୍ରିପାଠୀ ଗୀତ ଗୋବିନ୍ଦ ସହ ଆଉ କିଛି ସଙ୍ଗୀତ ପରିବେଷଣ କରି ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରି ଦେଇଥିଲେ। ଅନୁଷ୍ଠାନର ସଭାପତି କବି ଅକ୍ଷୟ ସ୍ୱାଇଁ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ନିରଞ୍ଜନ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ ସଂସଦର ପ୍ରମୁଖ ସଦସ୍ୟ ସୁମନ୍ତ କୁମାର ସୁବୁଦ୍ଧି ଓ ସବିତା ମହାପାତ୍ର।

# ହାତ ଧରିଲେ ଗୁଡ୍‌ଲି



ଭୁବନେଶ୍ୱର (ପିଏନ୍)-ଓଡ଼ିଆ ସିନେ ଜଗତର ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ଶ୍ରୀ ଗୁଡ୍‌ଲି ରଥ ଓଡ଼ିଶା ପ୍ରଭାରୀ ଡ. ଏ ଚେଲ୍ଲା କୁମାରଙ୍କ ଉପସ୍ଥିତିରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ କଂଗ୍ରେସ ଦଳରେ ଯୋଗଦାନ କଲେ। ଡ. ଏ ଚେଲ୍ଲା କୁମାର ଓ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ଶ୍ରୀ ରଥ ଏବଂ ସୁନାମଧନ୍ୟା କଣ୍ଠଶିଳ୍ପୀ ପମି ମିଶ୍ର, ରଶ୍ମିତା ସାହୁ ଏବଂ କାକଟପୁର ନିର୍ବାଚନ ମଣ୍ଡଳୀର ସ୍ୱପ୍ନଲିପ୍ସା ମହାନ୍ତି, ବିଶ୍ୱଜିତ ଲେଙ୍କାଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବରେ ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଂଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଶରତ ରାଉତ, ଗଣେଶ୍ୱର ବେହେରା, ବିଧାୟକ ସୁରେଶ କୁମାର ରାଉତରାୟ, ଶସନ୍ତୋଷ ସିଂ ସାଲୁଜା, ରାଜନ ଏକ୍କା, ଅଧିରାଜ ମୋହନ ପାଣିଗ୍ରାହୀ, ରମେଶ ଜେନା ଓ ବହୁ କଂଗ୍ରେସ ନେତୃବର୍ଗ ଉପସ୍ଥିତ ଥିଲେ।

# ଉତ୍କଳମଣି ଗୋପବନ୍ଧୁ ସେବା ସଂଘର ବାର୍ଷିକ ଉତ୍ସବ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜାରକାସ୍ଥିତ ସିଭିକ ସେଂଟର ପରିସରରେ ଉତ୍କଳମଣି ଗୋପବନ୍ଧୁ ସେବା ସଙ୍ଘର ନବମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ସିଡିଏମଓ ତଥା ସେବାସଙ୍ଘର ସଭାପତି ଡାକ୍ତର ବିଜୟ କୁମାର ଶତପଥୀ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ସ୍ତମ୍ଭକାର ତଥା ସୁସାହିତ୍ୟିକା ଛନ୍ଦା ମିଶ୍ର ଯୋଗଦେଇ ଗୋପବନ୍ଧୁଙ୍କ ପ୍ରତି ଶ୍ରଦ୍ଧାଂଜଳି ଅର୍ପଣ କରି ଜଣେ ମାଆ ଚାହିଁଲେ ତାର ପରିବାର ସହ ସମାଜକୁ ବଦଳାଇଦେଇ ପାରିବ । ଯାହାର ଦୃଷ୍ଟାନ୍ତ ହେଉଛନ୍ତି ଉତ୍କଳମଣି ଗୋପବନ୍ଧୁ ଓ କୁଳବୃଦ୍ଧ ତାଙ୍କ ମାଆ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ସୁଶାନ୍ତ କୁମାର ପଣ୍ଡା ଯୋଗଦେଇ ଭଗବତ ଗୀତା ମଣିଷକୁ ମାର୍ଗ ଦର୍ଶନ କରାଇଥାଏ ବୋଲି ମତପ୍ରକାଶ କରିଥିଲେ । ପ୍ରତିଷ୍ଠାତା ସହସମ୍ପାଦକ ଅକ୍ଷୟ କୁମାର ଜେନା ମଂଚ ଆମନ୍ତ୍ରଣ କରିଥିବା ବେଳେ ରୋଟାରିଆନ ହରିହର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ରୋଟାରିଆନ ନିରଂଜନ ପାଣିଗ୍ରାହି ଓ ଇନରହୁଇଲ ପ୍ରାକ୍ତନ ସଭାନେତ୍ରୀ ମାଧୁରୀ ଶତପଥୀ ଅତିଥିମାନଙ୍କୁ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିବା ବେଳେ ଉପାସନା ଶତପଥୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ସଙ୍ଘ ସମ୍ପାଦକ ପ୍ରବୋଧ କୁମାର ପାତ୍ର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଧର୍ମଶାଳା କଲେଜ ପ୍ରାକ୍ତନ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ମାଙ୍କଡ଼ ଆକ୍ରମଣରେ ମହିଳା ମୃତ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଉତରପ୍ରତାପ ଗ୍ରାମର ଅରକ୍ଷିତ ପ୍ରଧାନଙ୍କ ପତ୍ନୀ ଶାନ୍ତିଲତା ପ୍ରଧାନ (୫୬) ମାଙ୍କଡ଼ ଆକ୍ରମଣରେ ମୃତ୍ୟୁବରଣ କରିଛନ୍ତି । ରୋଷେଇ କରିବା ପାଇଁ ସେ ମଧ୍ୟାହ୍ନରେ ପରିବା କାଟୁଥିଲେ । ଏହି ସମୟରେ ପରିବା ନେବାପାଇଁ କେତେକ ମାଙ୍କଡ଼ ହଠାତ୍ ଘର ଭିତରକୁ ପଶି ଆସି ଟଣାଭିଡ଼ା କରିଥିଲେ । ଶାନ୍ତିଲତା ମାଙ୍କଡ଼ ମାନଙ୍କୁ ଘଉଡ଼ାଉଥିବା ବେଳେ ଏକ ଦନ୍ତାମାଙ୍କଡ଼ ତାଙ୍କୁ ଚାପୁଡ଼ା ମାରିବା ସହ ଠେଲି ଦେଇଥିଲା । ଶାନ୍ତିଲତା ତଳେ ପଡ଼ିଯାଇ ଗୁରୁତର ଆହତ ହୋଇଥିଲେ । ପରିବାର ଲୋକେ ତାଙ୍କୁ ନେଇ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ହେଲେ କଟକ ଯିବା ରାସ୍ତାରେ ତାଙ୍କର ପ୍ରାଣବାୟୁ ଉଡ଼ି ଯାଇଥିଲା । ପୂର୍ବରୁ ମାଙ୍କଡ଼ ମାନଙ୍କ ଆକ୍ରମଣରେ ଗ୍ରାମର ୧୦ରୁ ଅଧିକ ବ୍ୟକ୍ତି ଆହତ ହୋଇଛନ୍ତି । ଏ ସଂପର୍କରେ ଗ୍ରାମବାସୀ ପ୍ରଶାସନ ଓ ବନ ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି । ମାତ୍ର କେହି ଏଥିପ୍ରତି ଦୃଷ୍ଟି ଦେଲେନାହଁ । ଫଳସ୍ୱରୂପ ମାଙ୍କଡ଼ଙ୍କ ପାଇଁ ଆଜି ଜଣେ ମହିଳାଙ୍କ ଅକାଳ ମୃତ୍ୟୁ ହେଲା ବୋଲି ଗ୍ରାମବାସୀ ଅଭିଯୋଗ ଉଠାଇଛନ୍ତି । ମୃତା ଶାନ୍ତିଲତା ଜଣେ ଗରିବଶ୍ରେଣୀୟ ମହିଳା ହୋଇଥିବାରୁ ପ୍ରଶାସନ ପକ୍ଷରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

# ମୋ ସହର

## ଖଲ୍ଲିକୋଟ ବ୍ଲକରେ ବସୁଧା ଓ ଜଳ ଜୀବନ ମିଶନ ଦ୍ୱାରା ବ୍ୟାପକ ହେରଫେର ଓ ହରିଲୁଟ ଅଭିଯୋଗ

ଗଞ୍ଜାମ, (ପି.ଏନ): ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଖଲ୍ଲିକୋଟ ବ୍ଲକରେ ଥିବା ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ତରଫରୁ ବିଭିନ୍ନ ପଂଚାୟତରେ କାର୍ଯ୍ୟକାରୀ ହୋଇ ଚାଲୁ ରହିଥିବା ବସୁଧା ଓ ଜଳ ଜୀବନ ମିଶନ ଯୋଜନାରେ ବ୍ୟାପକ ହରିଲୁଟ ହୋଇଥିବା ଅଭିଯୋଗ ହୋଇଛି । ଆଂଚଳିକ ସଚେତନ ଜନସାଧାରଣ ଓ ବୁଦ୍ଧିଜୀବୀଙ୍କ ଅଭିଯୋଗ ପ୍ରକାରେ ଗୋଟିଏ ଯୋଜନାକୁ ବିଭିନ୍ନ କିସମର ରୂପ ଦେଇ ତଥା ପୁରୁଣା କାର୍ଯ୍ୟକ୍ଷମ ପାଣି ଟ୍ୟାଙ୍କ କୁ ନୂତନ ରଙ୍ଗେଇ କରି ନୂତନ ଭାବେ ପରିଚାଳିତ ଯୋଜନାର ଫଳକ ଲେଖେଇ ଅର୍ଥକୁ ଚଳୁ କରୁଥିବା ଅଭିଯୋଗ ହୋଇଛି । ଉକ୍ତ ଜଳ ସମସ୍ୟାକୁ ପ୍ରତିହତ କରିବା ନିମନ୍ତେ ଆସୁଥିବା ବିଭିନ୍ନ ଅର୍ଥ ବା ଅନୁଦାନକୁ ଗୋଟିଏ ପ୍ରକଳ୍ପକୁ ଦେଖାଇ ଓ ଫଳକ ପରିବର୍ତନ କରି ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା କରି ସମ୍ପୂର୍ଣ୍ଣ ଅର୍ଥର ହେରଫେର କରାଯାଉଥିବା ଅଭିଯୋଗ ହୋଇଛି । ଏହି ବ୍ଲକ୍ ଅନ୍ତର୍ଗତ ଡିମ୍ବିରିଆ ପଂଚାୟତ ଏନ. ବରପଲ୍ଲୀ, ବି. ବରପଲ୍ଲୀ ଗ୍ରାମରେ ଜଳ ଯୋଗାଣ ନିମିତ୍ତ ଷ୍ଟାଣ୍ଡପୋଷ୍ଟ ଓ ଘରୋଇ ପାନୀୟ ଜଳ ଯୋଗାଣ ପାଇଁ ପାଇପ ଲାଇନ ବିଛାଯାଇଥିଲେ ମଧ କିଛି ଜାଗାରେ ସାମାନ୍ୟ ମରାମତି କରାଯାଇ ଜଳ ଯୋଗାଣ ଗୃହ ଏବଂ ପାଣି ଟ୍ୟାଙ୍କ ରଙ୍ଗେଇ କାର୍ଯ୍ୟକ୍ରମ ସହ ନୂତନ ଜୋଜାନାର ସମସ୍ତ ଅର୍ଥ ରାଧେ ରାଧେ ତମର ଅଧେକୁ ଆମର ଅଧେ କରି ଅର୍ଥ ଚଳୁ କରିଦେଇଥିବା ଅଭିଯୋଗ ହେଉଛି । ଏହିଭଳି କୋମଣ୍ଡ ପଂଚାୟତ ଗୁଡିଝରରେ ମଧ ଅର୍ଥ ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି । ବସୁଧା ଓ ଜଳ ଜୀବନ ମିଶନ ଯୋଜନାରେ କୋଟି କୋଟି ଟଙ୍କା ଆସୁଥିଲେ ମଧ ନୂତନ କାର୍ଯ୍ୟକ୍ରମର ଦର୍ଶନ ମିଳୁନାହିଁ । ଏଭଳିକି ବିଶୁଦ୍ଧ ପାନୀୟ ଜଳ ଯୋଗାଣରେ ବହୁବାର ବ୍ୟତିକ୍ରମ ହେଉଥିବା ଓ ଯୋଗାଣରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି । ଏପରିକି ଏମିତି ପଂଚାୟତ ଅଛି ଜନ ସଂଖ୍ୟା ବୃଦ୍ଧି ହୋଇଥିଲେ ମଧ ପୁରୁଣା ଢାଂଚାରେ ନିର୍ମିତ ଜଳ ଯୋଗାଣ ପ୍ରକଳ୍ପ ମାଧ୍ୟମରେ ପାନୀୟ ଜଳ ଯୋଗାଇ ଦିଆଯାଉଥିବାରୁ ଜନସାଧାରଣ ପାନୀୟ ଜଳ ପାଇବାରେ ଅସୁବିଧା ହେଉଛି । ଏହି ବିଷୟରେ ସ୍ଥାନୀୟ ବିଭାଗୀୟ ଯନ୍ତ୍ରୀଙ୍କୁ ବାରମ୍ବାର ଅଭିଯୋଗ ହେଉଥିଲେ ମଧ ସେ ଏହାକୁ କର୍ଣ୍ଣପାତ କରୁନାହାନ୍ତି । ବିଭାଗୀୟ ଉପରିସ୍ଥ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବୀ ହୋଇଛି । ଆଗାମୀ ଦିନରେ ଏହାର ସୁବନ୍ଦୋବସ୍ତ ନ ହେଲେ ଜନସାଧାରଣ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବେ ବୋଲି ଚେତାଇ ଦେଇଛନ୍ତି ।

## ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ଏମଡ଼ିଏମ୍ ସଂଘର ମୟୂରଭଞ୍ଜ ଶାଖା ପକ୍ଷରୁ ବିକ୍ଷୋଭ

ବାରିପଦା,(ପିଏନ)- ମୟୂରଭଞ୍ଜ ଜିଲ୍ଲାରେ ଥିବା ବିଭିନ୍ନ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଏମ୍‌ଡ଼ିଏମ୍ ପାଚିକା ଓ ସହାୟିକାମାନଙ୍କର ୨୮ ମାସର ଏରିଆର ପ୍ରଦାନ ସହ ବକେୟା ୩ ମାସର ଦରମା ଏବଂ ବେଆଇନ ଭାବେ ଛଟେଇ ହୋଇଥିବା ପାଚିକା ଓ ସହାୟିକାମାନଙ୍କୁ ପୁନଃ ନିଯୁକ୍ତି ଦାବିରେ ଆଜି ଓଡ଼ିଶା ଏମଡ଼ିଏମ ୱାର୍କାରସ୍ ୟୁନିୟନର ମୟୂରଭଞ୍ଜ ଶାଖା ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ କରୋନା ମାର୍ଗଦର୍ଶୀକା ଅନୁପାଳନ ପୂର୍ବକ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଓଡ଼ିଶା ଏମଡ଼ିଏମ ୱାର୍କାରସ୍ ୟୁନିୟନର କୋଷାଧକ୍ଷ ଅମଲ ଦେଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିକର୍ତନ କବି, ପ୍ରଶାନ୍ତ ପରିଡ଼ା, କୁଞ୍ଜଲତା ମହାନ୍ତ, ସନ୍ଧ୍ୟା ବେହେରା, ମାଳତୀ ମହାନ୍ତ, ରଞ୍ଜିତା ରାଉତ, ମେରିଆ ହାଁସଦାଃ, ବୀଣାପାଣି ନାୟକ, ଆଲାଦି ହେମ୍ବ୍ରମ, କାଲୁ ଦେହୁରୀ, ମଞ୍ଜୁଳା ମହାନ୍ତ, ଆରତୀ କବି, ଅନ୍ନପୂର୍ଣ୍ଣା ବାରିକ ପ୍ରମୁଖ ଯୋଗ ଦେଇ ନିଜ ନିଜର ମତ ଉପସ୍ଥାପନ କରାଇଥିଲେ । ଏହାପରେ ଏକ ପ୍ରତିଧି ଦଳ କାର୍ଯ୍ୟାଳୟକୁ ଯାଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ ସେମାନଙ୍କ ୮ ଦଫା ଦାବିଗୁଡ଼ିକ ଉପରେ ଆଲୋଚନା କରିଥିଲେ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ୩ ମାସର ବକେୟା ଦରମା ପ୍ରଦାନ ନିମନ୍ତେ ବିଲ ଯାଇଛି । ପାଶ ହୋଇ ଆସିବା ପରେ ପ୍ରଦାନ କରାଯିବ । ଏଥି ସହିତ ୨୮ ମାସର ଏରିଆର ଟଙ୍କା ପ୍ରଦାନ ନିମନ୍ତେ ବିଲ ଯାଇଛି । ଭୁବନେଶ୍ୱରରୁ ପାଶ ହୋଇ ଆସିଲେ ମିଳିଯିବ ଏବଂ ଛଟେଇ ପାଚିକା ଓ ସହାୟିକାମାନଙ୍କ ଫାଇଲକୁ ଅନୁଧ୍ୟାନ କରି ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ସେହିପରି ଯେଉଁ ଦାବିଗୁଡ଼ିକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କ୍ଷମତା ପରିସରର ବାହାରେ ସେଗୁଡ଼ିକ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଇବେ ବୋଲି ପ୍ରକାଶ କରିଥିଲେ ।

## ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ପାଳିତ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ୱୟଂଶାସିତ କଲେଜ ଠାରେ ଯୁବ ରେଡକ୍ରସ ଓ ୱାଟର କ୍ଲବ ତରଫରୁ ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ଗୁରୁବାର ପାଳିତ ହୋଇଯାଇଛି । ପ୍ରଥମେ ମହାବିଦ୍ୟାଳୟ ସମ୍ମୁଖରେ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଯୁବ ରେଡକ୍ରସ ପରାମର୍ଶଦାତା ଡଃ ତରୁଣ କୁମାର ପ୍ରଧାନ ହସ୍ତ ପ୍ରକ୍ଷାଳନର ବିଭିନ୍ନ ନିୟମ ଦର୍ଶାଇଥିଲେ । ଏଥିରେ ଡିନ୍ ପ୍ରମୋଦ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସାବୁନ ଓ ଜଳ ଦ୍ୱାରା ହସ୍ତ ପ୍ରକ୍ଷାଳନ କରି ବିଭିନ୍ନ ରୋଗ ଓ ଭୂତାଣୁ ଠାରୁ ନିଜକୁ ରକ୍ଷା କରିପାରିବା ବୋଲି ପ୍ରକାଶ କରିଥିଲେ । ପରେ କଲେଜ ଅଧକ୍ଷା ଅନୁପମା ପାଢୀଙ୍କ ଅଧକ୍ଷତାରେ ଏକ ଭର୍ଚୁଆଲ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧକ୍ଷା ଓ ରେଡକ୍ରସ ପରାମର୍ଶଦାତା ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସର ମହତ୍ୱ ଉପରେ ଆଲୋକପାତ କରିଥିଲେ । ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ସଂସ୍କୃତି ବାବୁ ହସ୍ତ ପ୍ରକ୍ଷାଳନର ନିୟମ ଓ ଅନୁଶୀଳନ ଉପରେ ପାୱାର ପାଏ ମାଧ୍ୟମରେ ବକ୍ତବ୍ୟ ରଖିଥିଲେ । ସମସ୍ତେ ରୋଗ, ମହାମାରୀ, ଭୂତାଣୁ, ଜୀବାଣୁ, କରୋନା ପ୍ରଭାବରୁ ରକ୍ଷା ପାଇବା ପାଇଁ ନିୟମିତ ସାବୁନରେ ଭଲ ଭାବରେ ହାତ ଧୋଇବା ଦ୍ୱାରା ହିଁ ଏହି ରୋଗ କମ କରିପାରିବା ବୋଲି ଜଣାଇଥିଲେ । ଏହା ପ୍ରତିବର୍ଷ ଅକ୍ଟୋବର ମାସ ୧୫ ତାରିଖରେ ୨୦୦୮ ମସିହାରୁ ମିଳିତ ଜାତିସଂଘ ତରଫରୁ ସମଗ୍ର ବିଶ୍ୱରେ ପାଳିତ ହୋଇ ଆସୁଅଛି । ଶେଷରେ ଅଧାପିକା ସଙ୍ଗୀତା ନେତାମ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଇରଙ୍ଗପୁର ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଅଗ୍ନିକାଣ୍ଡ : ୨କୋଟିରୁ ଅଧିକ ମୂଲ୍ୟର ସମ୍ପତି ନଷ୍ଟ

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦର ବଜାର ଗୋଲେଇ ଛକ ନିକଟରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଗତ ବୁଧବାର ରାତି ପ୍ରାୟ ୩ଟା ପାଖାପାଖି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାମନଘାଟି ଉପଖଣ୍ଡସ୍ଥିତ ଏକ ଦମକଳ ଗାଡ଼ି ୪ଟା ପାଖାପାଖି ପହଁଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଚଳାଇଥିବା ସମୟରେ ଗାଡ଼ିରେ ପାଣି ଶେଷ ହୋଇଯାଇଥିଲା । ଏହାପରେ ଅନ୍ୟ ଗାଡ଼ିଗୁଡ଼ିକ ପହଁଚିବା ନିମନ୍ତେ ପ୍ରାୟ ଏକ ଘଂଟାରୁ ଅଧିକ ବିଳମ୍ବ କରିଦେଇଥିବାରୁ ନିଆଁ ସମସ୍ତ ଚାରିଆଡ଼େ ମାଡ଼ି ଯାଇଥିଲା । ପରବର୍ତି ସମୟରେ ପ୍ରାୟ ୯ରୁ ଅଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ପ୍ରାୟ ୫ ଘଂଟାରୁ ଅଧିକ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା । ସପିଂ ମଲରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର, ଫ୍ରେଣ୍ଡସ୍ ଏମ୍ପୋରିଆଲ, ଫ୍ରେଣ୍ଡସ୍ ଡ଼ିପାଟମେଂଟାଲ, ଫ୍ରେଣ୍ଡସ୍ ୟୁଟିଲିଟି ଓ ଫ୍ରେଣ୍ଡସ୍ ଗାର୍ମେଂଟ ଆଦି ୫-ଟି ବ୍ୟବସାୟ ପ୍ରତିଷ୍ଠାନରେ ଥିବା ଷ୍ଟେସନାରୀ ଓ ଗିଫ୍ଟ ସାମଗ୍ରୀ, କପଡ଼ା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଫ୍ରିଜ୍, ଟିଭି, ମୋବାଇଲ ଆଦି ସମସ୍ତ ଜିନିଷପତ୍ର ସହ ଆସବାବପତ୍ର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ସପିଂ ମଲ୍ କୋଠାଟି ପୋଡ଼ି ଯାଇଥିଲା । ଫଳରେ ମଲରେ ଥିବା ରତନ ରାମ, ମନୋହର ରାମ, ଉମେଶ ରାମ, ଅଜୟ ରାମ ଓ ରିତେଶ ରାମ ପ୍ରମୁଖ ବ୍ୟବସାୟୀମାନଙ୍କର ପ୍ରାୟ ୨ କୋଟିରୁ ଅଧିକ ମୂଲ୍ୟର ଜିନିଷପତ୍ର ଓ ଆସବାବପତ୍ରଗୁଡ଼ିକ ଆଖି ସମ୍ମୁଖରେ ପୋଡ଼ି ପାଉଁଶ ପାଲଟି ଯାଇଥିଲା । ନିଆଁ ଲାଗିଥିବା ସପିଂ ମଲର ଅଳ୍ପ ଦୂରରେ ଥିବା ଏକ ପେଟ୍ରୋଲ ପମ୍ପ ରହିଥିବାରୁ ସେଥିରେ ଯେପରି ନିଆଁ ନ ଧରିବ ସେଥି ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଥିଲା । ରାଇରଙ୍ଗପୁର ପୁଲିସ ଘଟଣାସ୍ଥଳରେ ପହଁଚି ମୁଖ୍ୟ ରାସ୍ତାକୁ ସିଲ୍ କରିଦେଇଥିଲେ । ସପିଂ ମଲରେ ଅଗ୍ନିକାଣ୍ଡ ଘଟିବାର ସଠିକ୍ କାରଣ ବର୍ତମାନ ପର୍ଯ୍ୟନ୍ତ ଜଣାପଡ଼ିନଥିବା ସମୟରେ ସଟ୍ ସର୍କଟ୍ କାରଣରୁ ଘଟିଥାଇ ପାରେ ବୋଲି ସନ୍ଦେହ କରାଯାଇଥିବା ସମୟରେ ରାଇରଙ୍ଗପୁର ଉପଖଣ୍ଡରେ ଏହି ପ୍ରକାରର ଭୟାବହ ଅଗ୍ନିକାଣ୍ଡ ପ୍ରଥମ ଘଟଣା ବୋଲି ଜଣାପଡ଼ିଛି ।

## ଚିହ୍ନଟ ହେଲେ ନୂଆ ୬୭ ଆକ୍ରାନ୍ତ

ଭଦ୍ରକ, (ପିଏନ)- ଭଦ୍ରକ ଜିଲ୍ଲାରୁ ଆଜି ନୂଆ କରୋନା ଆକ୍ରାନ୍ତ ୬୭ଜଣ ଚିହ୍ନଟ ହୋଇଛନ୍ତି । ଜିଲ୍ଲାରୁ ମୋଟ ୧ ଲକ୍ଷ ୩୦୪୯ ଜଣଙ୍କ ନମୁନା ପରୀକ୍ଷା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ପହଂଚିଛି ୬୧୬୬ରେ । ତେବେ ଏମାନଙ୍କ ମଧ୍ୟରୁ ୫୫୯୧ଜଣ ସୁସ୍ଥ ହୋଇ ସାରିଛନ୍ତି । ଗତକାଲି ୧୧୪ ଜଣ ସୁସ୍ଥ ହେବା ପରେ ନୂଆ ଆକ୍ରାନ୍ତଙ୍କୁ ମିଶାଇ ଏବେ ମୋଟ ୫୬୦ଜଣ ଆକ୍ରାନ୍ତ ସକ୍ରିୟ ରହି ଚିକିତ୍ସିତ ହେଉଛନ୍ତି । ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତମାନେ ବାସୁଦେବପୁର ବ୍ଲକର ୨ଜଣ, ଭଦ୍ରକ ବ୍ଲକର ୪ଜଣ, ଭଦ୍ରକ ପୌରପାଳିକାର ୬ଜଣ, ବନ୍ତ ବ୍ଲକର ୧୯ଜଣ, ଭଣ୍ଡାରିପୋଖରୀ ବ୍ଲକର ୩ଜଣ, ଚାନ୍ଦବାଲି ବ୍ଲକର ଜଣେ, ଧାମନଗର ବ୍ଲକର ୨୬ଜଣ, ତିହିଡି ବ୍ଲକର ୬ଜଣ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ଅନୁଗୁଳରେ ମୁଖ୍ୟମନ୍ତ୍ରୀ ଓ ତିନି କେନ୍ଦ୍ରମନ୍ତ୍ରୀ

ଅନୁଗୁଳ, (ପି.ଏନ): ଆଜି ଅନୁଗୁଳ ଗସ୍ତରେ ଆସିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତିନି କେନ୍ଦ୍ରମନ୍ତ୍ରୀ ଯଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କୋଇଲା ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ। ଅନୁଗୁଳ ରେଳଷ୍ଟେସନରେ ମୁଖ୍ୟମନ୍ତ୍ରୀ ଓ ତିନି କେନ୍ଦ୍ରମନ୍ତ୍ରୀ ପତକା ଦେଖାଇ ସମ୍ବଲପୁର - ହାୱଡ଼ା ଶାଳିମାର ଏକ୍ସପ୍ରେସ ଟ୍ରେନର ଶୁଭାରମ୍ଭ କରିଛନ୍ତି । ଆଜି ମୁଖ୍ୟମନ୍ତ୍ରୀ ଅନୁଗୁଳ ଗସ୍ତରେ ଯାଇ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିଛନ୍ତି । କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାୟୀ କ୍ୟାମ୍ପସ୍ ର ଶିଳାନ୍ୟାସ କରିବା ସହ ସେଠାରେ ଆୟୋଜିତ ସାଧାରଣ ସଭାକୁ ସମ୍ବୋଧନ କରିଛନ୍ତି । ପ୍ରକଳ୍ପ ଉଦଘାଟନ ଓ ଭିତିପ୍ରସ୍ତର ସ୍ଥାପନ ପରେ ମୁଖ୍ୟମନ୍ତ୍ରୀ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ରାଜ୍ୟରେ ନିଯୁକ୍ତି ବଢିଛି, ଆଗକୁ ବିକାଶର ଧାରା ଆହୁରି ମଜବୁତ ହେବ । ଅନୁଗୁଳ ଜିଲ୍ଲାରେ ୨ଟି ବଡ଼ ପାନୀୟ ଜଳ ପ୍ରକଳ୍ପ କରାଯିବ । ମିଶନ ଶକ୍ତି ମୋର ସବୁଠାରୁ ପ୍ରିୟ କାର୍ଯ୍ୟକ୍ରମ । ଏଥିରେ ଆଗାମୀ ୫ ବର୍ଷରେ ୫୦ ହଜାର କୋଟି ପର୍ଯ୍ୟନ୍ତ ଋଣ ମଞ୍ଜୁର ହେବ ।

## ଓଡ଼ିଶାରେ ଖୁବ୍ ଶିଘ୍ର ପ୍ରତିଷ୍ଠା ହେବ ଜାତୀୟ ରୋଗ ନିୟନ୍ତ୍ରଣ କେନ୍ଦ୍ର

ଭୁବନେଶ୍ୱର,(ପି.ଏନ): ଭୁବନେଶ୍ୱରରେ ଜାତୀୟ ରୋଗ ନିୟନ୍ତ୍ରଣ କେନ୍ଦ୍ର (ନେସ୍ନାଲ ସେଂଟର ଫର ଡ଼ିଜିଜ୍ କଂଟ୍ରୋଲ-ଏନ୍.ସି.ଡି.ସି) ପ୍ରତିଷ୍ଠା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି । ଏଥି ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଶାସନ ସଚିବ ଶ୍ରୀମତୀ ଶାଳିନୀ ପଣ୍ଡିତ୍‌ଙ୍କ ଅଧ୍ୟକ୍ଷତାରେ ଆଜି ଏକ ପଞ୍ଜିକୃତ-ଜମି ହସ୍ତାନ୍ତର ସଭା ଅନୁଷ୍ଠିତ ହୋଇଥିଲା । ଲୋକସେବା ଭବନ ସଭାଗୃହରେ ଆୟୋଜିତ ଏହି ବୈଠକରେ ଶ୍ରୀମତୀ ପଣ୍ଡିତ୍ କହିଥିଲେ ଯେ ଆରଏମ୍.ଆରସି, ଆଇ.ଏଲ୍.ଏସ୍, ଏମ୍ସ ଆଦି କେନ୍ଦ୍ରୀୟ ଅନୁଷ୍ଠାନ ସହ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପୂର୍ଣ୍ଣ ସହଭାଗିତାରେ କାର୍ଯ୍ୟକରି ଆସୁଛି ଯାହାକି ବିପର୍ଯ୍ୟୟ ସଂପର୍କିତ ରୋଗ ଏବଂ ମହାମାରୀ ନିୟନ୍ତ୍ରଣରେ ବହୁ ଫଳପ୍ରଦ ହୋଇଛି । ଏନ୍.ସି.ଡ଼ି.ସି. ରାଜ୍ୟର ଜନ ସ୍ୱାସ୍ଥ୍ୟ (ପବ୍ଲିକ୍ ହେଲ୍ଥ) ସେବା ବର୍ଦ୍ଧନରେ ବେଶ୍ ସହାୟକ ହେବ । କେନ୍ଦ୍ରୀୟ ସ୍ୱାସ୍ଥ୍ୟ ସେବା ମହାନିର୍ଦ୍ଦେଶକ ପ୍ରଫେସର ଡ଼ାକ୍ତର ଅତୁଲ୍ ଗୋଏଲ କହିଥିଲେ ଯେ ଏନ୍.ସି.ଡ଼ି.ସି. ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଆଂଚଳିକ କେନ୍ଦ୍ର ଭାବେ କାର୍ଯ୍ୟ କରିବ । ରୋଗ ନିରୀକ୍ଷଣ ଏବଂ ନିୟନ୍ତ୍ରଣ କ୍ଷେତ୍ରରେ ଏହା ରାଜ୍ୟର ଦକ୍ଷତାକୁ ବହୁଗୁଣିତ କରିବ । ବୈଠକର ଆଲୋଚନାରୁ ଜଣାପଡିଥିଲା ଯେ ଏନ୍.ସି.ଡ଼ି.ସି ପ୍ରତିଷ୍ଠା ନିମନ୍ତେ ରାଜ୍ୟ ସରକାର ବିନା ପ୍ରିମିୟମ୍‌ରେ ଜମି ଯୋଗାଇ ଦେବା ପାଇଁ ନିଷ୍ପତି କରିଥିଲେ । ତଦନୁଯାୟୀ ଭୁବନେଶ୍ୱର ଅନ୍ତର୍ଗତ ଅନ୍ଧାରୁଆ ମୌଜାରେ ୩.୧୨୫ ଏକର ଜମି ଚିହ୍ନଟ କରାଯାଇଥିଲା । ଆଜି ଏହି ଜମିର ପଞ୍ଜୀକରଣ ଏବଂ ହସ୍ତାନ୍ତର କାର୍ଯ୍ୟ ସଂପନ୍ନ ହେଲା । ରାଜ୍ୟ ସରକାରଙ୍କ ତରଫରୁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ାକ୍ତର ଆର୍ତବନ୍ଧୁ ନାୟକ ଏବଂ ଭାରତ ସରକାରଙ୍କ ତରଫରୁ ମହାନିର୍ଦ୍ଦେଶକ ପ୍ରଫେସର ଗୋଏଲ୍ ଏହି ପଞ୍ଜୀକରଣ କବଲା ସ୍ୱାକ୍ଷର କରିଥିଲେ । ଏହି କେନ୍ଦ୍ର ରାଜ୍ୟରେ ସମନ୍ୱିତ ରୋଗ ନିରୀକ୍ଷଣ, ମହାମାରୀ ପରବର୍ତୀ ନିରୀକ୍ଷଣ, ପବ୍ଲିକ୍ ହେଲ୍ଥ କ୍ଷେତ୍ରରେ ସୃଷ୍ଟି ହେଉଥିବା ନୂଆ ଆହ୍ୱାନ, ବିଭିନ୍ନପ୍ରକାର ଭୁତାଣୁର ପୁନଃପୌନିକ ଦୃଶ୍ୟମାନତା ଆଦି କ୍ଷେତ୍ରରେ ଓଡ଼ିଶା ତଥା ପୂର୍ବାଂଚଳ ରାଜ୍ୟମାନଙ୍କର ଦକ୍ଷତା ବୃଦ୍ଧି କରିବ । ଏହି କେନ୍ଦ୍ରର ପ୍ରତିଷ୍ଠା ଓ ସଫଳ କାର୍ଯ୍ୟକାରିତା ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବେ ବୋଲି ଶାସନ ସଚିବ ଶ୍ରୀମତୀ ପଣ୍ଡିତ୍ କହିଥିଲେ । ଏନ୍.ସି.ଡ଼ି.ସି.ର ଯୁଗ୍ମ ନିର୍ଦ୍ଦେଶକ ଡ଼ାକ୍ତର ଶିଖା ବର୍ଦ୍ଧନ୍, ଆଂଚଳିକ ନିର୍ଦ୍ଦେଶକ ଡ଼ାକ୍ତର ସୁଚିତ୍ରା ସାସମଲ୍, ଓଡ଼ିଶା ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ଼ାକ୍ତର ନିରଞ୍ଜନ ମିଶ୍ର, ଖୋର୍ଦ୍ଧା ସି.ଡ଼ି.ଏମ୍.ଓ ଡ଼ାକ୍ତର ଆର୍ତବନ୍ଧୁ ନାୟକଙ୍କ ସମେତ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ ।

## ଗାଁରୁ ବାସନ୍ଦ ଘଟଣାରେ ସରପଞ୍ଚଙ୍କ ସମେତ ୬ ଜଣଙ୍କ ନାଁରେ ମାମଲା



ବଲାଙ୍ଗିର , (ପି.ଏନ): ବଲାଙ୍ଗିର ସଦର ଥାନା ମିର୍ଦ୍ଧାପାଲି ଗାଁରେ ଗୋଟିଏ ପରିବାରକୁ ସାମାଜିକ ବାସନ୍ଦ ଘଟଣାରେ ସରପଞ୍ଚ ପିଙ୍କୁ ପଟେଲଙ୍କ ସମେତ ୬ ଜଣଙ୍କ ନାଁରେ ଥାନାରେ ମାମଲା ରୁଜୁ ହୋଇଛି । ଗଣମାଧମରୁ ଘଟଣା ସମ୍ପର୍କରେ ଜାଣି ବଲାଙ୍ଗିର ଜିଲ୍ଲାପାଳ ଚଞ୍ଚଳ ରାଣା ତଦନ୍ତ ନିର୍ଦ୍ଦେଶ ଦେବା ପରେ ହୋଇଛି ଏହି ପ୍ରାଥମିକ କାର୍ଯ୍ୟାନୁଷ୍ଠାନ ।ଗତ ୨୭ ତାରିଖରେ ଗାଁରେ ଶୁଳିଆ ଯାତ୍ରା ବେଳେ ସାଇକେଲ ଷ୍ଟାଣ୍ଡ କରି ଫି' ଆଦାୟ କରିବା ଘଟଣାକୁ ବିରୋଧ କରିବାରୁ ସରୋଜ ରାଉତଙ୍କ ପରିବାରକୁ ବାସନ୍ଦ କରାଯାଇଥିବା ଅଭିଯୋଗ ହୋଇଛି । ଗାଁରେ କଙ୍ଗାରୁ କୋର୍ଟ ବସି ତାଙ୍କ ପରିବାରକୁ ଗାଁରୁ ନିଆଁପାଣି ବାସନ୍ଦ କରାଯାଇଛି । କଙ୍ଗାରୁ କୋର୍ଟରେ ନିର୍ଦ୍ଦେଶ ଦିଆଯାଇଛି ଯେ ରାଉତ ପରିବାର ସହ ଗାଁର କୌଣସି ଲୋକ କଥାବାର୍ତ୍ତା କରିବେ ନାହିଁ । ଗାଁ ଦୋକାନରୁ ସେମାନେ ଜିନିଷ କିଣି ପାରିବେ ନାହିଁ । ଯଦି କେହି ଏହି ନିର୍ଦ୍ଦେଶକୁ ବେଖାତିର କରିବେ, ତେବେ ଗାଁ କମିଟି ନିଷ୍ପତ୍ତି ଅନୁଯାୟୀ ତାଙ୍କୁ ୫ ହଜାର ଏକ ଟଙ୍କା ଜୋରିମାନା ଦେବାକୁ ପଡିବ ।ମିର୍ଦ୍ଧାପାଲି ସରପଞ୍ଚ ପିଙ୍କୁ ପଟେଲ ରାଜନୀତିକ ଆକ୍ରୋଶ ରଖି ସରୋଜଙ୍କ ପରିବାରକୁ ଷଡଯନ୍ତ୍ର କରି ଏଭଳି ଦଣ୍ଡ ଦେଇଥିବା ମଧ ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ, ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ବେଳେ ସରପଞ୍ଚ ପିଙ୍କୁ ପଟେଲଙ୍କ ବିରୋଧୀ ଗୋଷ୍ଠୀରେ ରାଉତ ପରିବାର ରହିଥିଲେ । ଏଥିପାଇଁ ସେମାନଙ୍କୁ ପାନେ ଦେବାକୁ ସରପଞ୍ଚ ସୁଯୋଗ ଅପେକ୍ଷା ରହିଥିଲେ । ଗତ ୨୭ ତାରିଖ ମିର୍ଦ୍ଧାପାଲି ଗାଁରେ ଆୟୋଜିତ ହୋଇଥିଲା ଶୁଳିଆ ଯାତ୍ରା । ଭିଡ ଯୋଗୁ ସାଇକଲେ ଓ ମୋଟର ସାଇକେଲ ଷ୍ଟାଣ୍ଡ କରାଯାଇଥିଲା । ଗାଁ କମିଟି ନିଷ୍ପତ୍ତି କ୍ରମେ ଗାଁର ମହାକାଳ କ୍ଲବ ଷ୍ଟାଣ୍ଡରୁ ନିର୍ଦ୍ଦିଷ୍ଟ ଫି ଆଦାୟ କରୁଥିଲେ । ତେବେ ସାଇକେଲ ଷ୍ଟାଣ୍ଡରୁ ଫି' ଆଦାୟକୁ ବିରୋଧ କରିଥିଲେ ସରୋଜ ରାଉତ । ଏଥିପାଇଁ ସେଠାରେ କ୍ଲବ ସଦସ୍ୟ ଓ ସରୋଜଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ସେହିପରି ଘଟଣାକୁ ନେଇ ଗତକାଲି ପୋଖରୀ ତୁଠରେ ରାଉତ ପରିବାର ଓ କ୍ଲବ ପିଲାଙ୍କ ଭିତରେ ପୁଣିଥରେ ବଚସା ହୋଇଥିଲା । ତା'ପରେ ରାତିରେ ବସିଥିଲା କଙ୍ଗାରୁ କୋର୍ଟ । ସେଠାକୁ ରାଉତ ପରିବାରକୁ ଡକାଯାଇଥିଲା । ଭୁଲ ମାଗିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । କିନ୍ତୁ ଦୋଷ ସ୍ୱୀକାର କରି ରାଉତ ପରିବାର ଭୁଲ ନ ମାଗିବାରୁ ସେମାନଙ୍କୁ ସାମାଜିକ ବାସନ୍ଦ କରାଯିବାକୁ ନିଷ୍ପତ୍ତି ହୋଇଥିଲା ।




# ଖେଳ



ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK ପର୍ୟବେକ୍ଷକ






## ପାରାଦୀପ ବନ୍ଦର ମଧ୍ୟରୁ କୁକିଙ୍ଗ କୋଲ୍ ଚୋରି ମାମଲା : ଥାନାରେ ହାଜର ହେଲେ ବ୍ୟବସାୟୀ ହରିହର ମିଶ୍ର



ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ମଧ୍ୟରୁ କୁକିଙ୍ଗ କୋଲ୍ ଚୋରି ମାମଲାରେ ପାରାଦୀପ ଆଦର୍ଶ ଥାନାରୁ ଡାକରା ପାଇ ବୁଧବାର୍ ରାତିରେ ହାଜର ହୋଇଛନ୍ତି ସ୍ୱସ୍ତିକ ଷ୍ଟିଭେଡୋର୍ସର ମାଲିକ ହରିହର ମିଶ୍ର । ପାରାଦୀପ ବନ୍ଦରରେ ଶ୍ରୀ ମିଶ୍ର ଷ୍ଟିଭେଡୋରିଙ୍ଗଯଗ ବ୍ୟବସାୟ କରନ୍ତି । ପାରାଦୀପ ବନ୍ଦର ନିଷିଦ୍ଧାଂଚଳ ମଧ୍ୟରେ ଥିବା ଏକ ପ୍ଲଟ୍‌ରୁ କୁକିଙ୍ଗ କୋଲ୍ ଚୋରି ହୋଇଥିବା ନେଇ ଇଣ୍ଡିଆ କୋକ୍ ଆଣ୍ଡ ପାଓାର ପକ୍ଷରୁ ସୁନୀଲ ଝା ପାରାଦୀପ ଥାନାରେ ଅଭିଯୋଗ କରିଥିଲେ । ଏହି ଅଭିଯୋଗ ଆଧାରରେ ପୋଲିସ୍ ୪୨୯/୨୨ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ପ୍ଲଟ୍‌ରୁ ଟ୍ରକ୍ ଯୋଗେ ଏହି କୋଇଲ୍ ଚୋରି ହୋଇଥିବା ପୋଲିସ୍ ତଦନ୍ତରୁ ଜାଣିବା ପରେ ଓଡି-୦୫-ଏଜେ-୪୧୬୯ ଟ୍ରକ୍‌କୁ ଜବତ କରିଥିଲା । ଏଥି ସହିତ ଟ୍ରକ୍ ମାଲିକ କେନ୍ଦ୍ରାପଡା ଜିଲ୍ଲା ପାଟକୁରା ଥାନା ଅନ୍ତର୍ଗତ ଧନିଆପଡା ଗ୍ରାମର ବିଜୟ ବେହେରା ଓ ସାଜନ ବେହେରାଙ୍କୁ ଗିରଫ କରି ପୋଲିସ୍ କୋର୍ଟ ଚାଲଣ କରିଛି । ସେମାନଙ୍କ ଠାରୁ ମିଳିଥିବା ତଥ୍ୟ ଅନୁଯାୟୀ ପାରାଦୀପ ପୋଲିସ୍ ବୁଧବାର ଦିନ ଥାନାରେ ହାଜର ହେବା ପାଇଁ ସ୍ୱସ୍ତିକ ଷ୍ଟିଭେଡୋର୍ସର ମାଲିକ ହରିହର ମିଶ୍ରଙ୍କୁ ନୋଟିସ୍ କରିଥିଲା । ତଦନୁଯାୟୀ ବୁଧବାର ଦିନ ଶ୍ରୀ ମିଶ୍ର ପାରାଦୀପ ଥାନାରେ ହାଜର ହୋଇଥିଲେ । ପୋଲିସ୍ ତାଙ୍କୁ ଦୀର୍ଘ ଦେଢ ଘଣ୍ଟା ଧରି ଜେରା କରିଥିବା ବୁଧବାର ରାତିରେ ପାରାଦୀପ ପୋଲିସ୍ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଥାନା ଅଧିକାରୀ ସବ୍ୟସାଚୀ ରାଉତ ସୂଚନା ଦେଇଛନ୍ତି । ପୋଲିସ୍ ଘଟଣା ସମ୍ପର୍କରେ ବହୁ ପ୍ରଶ୍ନ ପଚାରିଥିବା ବେଳେ ତଦନ୍ତରେ ସହଯୋଗ କରିଥିଲେ ଶ୍ରୀ ମିଶ୍ର । ଏହା ପରେ ଯଦି ଆବଶ୍ୟକ ପଡେ ପୁଣି ଶ୍ରୀ ମିଶ୍ରଙ୍କୁ ଥାନାକୁ ଡକାଯିବ ବୋଲି ଥାନା ଅଧିକାରୀ ଶ୍ରୀ ରାଉତ କହିଛନ୍ତି ।

## ହକି ବିଶ୍ୱକପ୍ ଟ୍ରଫିକୁ ଭବ୍ୟ ସ୍ୱାଗତପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା,(ପି.ଏନ): ଆସନ୍ତା ଜାନୁୟାରୀମାସ ୧୯ତାରିଖରେ ପୁରୁଷ ବିଶ୍ୱକପ ହକି ଟ୍ରଫିର କେନ୍ଦ୍ରାପଡା ଜିଲ୍ଲା ପରିକ୍ରମା ଓ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମପାଇଁ ଜିଲ୍ଲା ପରିଷଦ ସମ୍ମଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ପିତାମ୍ବର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, କେନ୍ଦ୍ରାପଡା ବି.ଡି.ଓ. ବନ୍ଦନା ଖଟୁଆ, ଡେରାବିଶ ବି.ଡି.ଓ. ନମିତା ବାରିକ, ଆଞ୍ଚଳିକ ପରିବହନ ଅଧିକାରୀ ଧିରେନ୍ଦ୍ର କୁମାର ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆର ସିଂହ, ସହକାରୀ ଅଗ୍ନିଶ୍ରମ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ଟ୍ରଫିକୁ ଭବ୍ୟସ୍ୱାଗତ ପାଇଁ ବୈଠକରେ ଉପସ୍ଥିତ ଅଧିକାରୀମାନଙ୍କୁ ସ୍ୱାଗତ ଜଣାଇବାସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

## ସିପିଆଇ ପକ୍ଷରୁ ସଂଘୀୟ ବ୍ୟବସ୍ଥା ସୁରକ୍ଷା ଦିବସ




ଭୁବନେଶ୍ୱର, (ପି.ଏନ): ଭାରତୀୟ କମ୍ୟୁନିଷ୍ଟ ପାର୍ଟି ତରଫରୁ ଡିସେମ୍ବର ୨୯କୁ ଦେଶ ବ୍ୟାପୀ ସଂଘୀୟ ବ୍ୟବସ୍ଥା ସୁରକ୍ଷା ଦିବସ ରୂପେ ପାଳନ କରାଯାଇଛି । ଏହି ଉପଲକ୍ଷେ ଆଜି ପୂର୍ବାହ୍ନରେ ସିପିଆଇର ରାଜ୍ୟ ଦପ୍ତର ଭଗବତୀ ଭବନଠାରୁ ଖୋର୍ଦ୍ଧା ଜିଲ୍ଲା ସମ୍ପାଦକ ଅମୀୟ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ କର୍ମୀଙ୍କର ଏକ ଶୋଭାଯାତ୍ରା ବାହାରି ରାଜମହଲ ଛକ ଓ ଅଶୋକନଗର ଅଞ୍ଚଳ ପରିକ୍ରମା ପୂର୍ବକ ମାଷ୍ଟରକ୍ୟାଣ୍ଟିନ ଛକଠାରେ ପହଞ୍ଚିଥିଲା । ସେଠାରେ ଭୁବନେଶ୍ୱର ଜୋନ୍ ସମ୍ପାଦକ ସୁର ଜେନାଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ସିପିଆଇର ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା, ରାଜ୍ୟ ସମ୍ପାଦକ ଅଭୟ ସାହୁ, ଜାତୀୟ ପରିଷଦ ସଭ୍ୟ ଆଶିଷ କାନୁନ୍‌ଗୋ ଓ କ୍ଷୀରୋଦ ସିଂହଦେଓ ଏବଂ ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ଜୟନ୍ତ ଦାସ ଉଦ୍‌ବୋଧନ ଦେଇ କହିଥିଲେ- ବିବିଧତା ମଧ୍ୟରେ ଏକତାର ପ୍ରତୀକ ହେଉଛି ମହାନ୍ ଭାରତବର୍ଷ ଏବଂ ସମ୍ବିଧାନର ପ୍ରଥମ ଧାରା ଅନୁଯାୟୀ ସଂଘୀୟ ବ୍ୟବସ୍ଥା ହେଉଛି ଭାରତୀୟ ରାଷ୍ଟ୍ରର ମୂଳ ପିଣ୍ଡ ବା ଆଧାର । ମାତ୍ର ରାଜ୍ୟପାଳ ପଦବୀକୁ ବ୍ୟବହାର କରି କେନ୍ଦ୍ର ସରକାରରେ ଥିବା ରାଜନୈତିକ ଦଳର ସ୍ୱାର୍ଥରେ ସଂଘୀୟ ବ୍ୟବସ୍ଥାର ଉଲ୍ଲଙ୍ଘନ କରାଯାଉଛି; ରାଜ୍ୟର ନିର୍ବାଚିତ ସରକାରମାନଙ୍କୁ ଅସ୍ଥିର କରାଯାଉଛି । ଅର୍ଥାତ୍ ସାମ୍ବିଧାନିକ ବ୍ୟବସ୍ଥାର ରକ୍ଷା ପାଇଁ ଯେଉଁ ରାଜ୍ୟପାଳ ପଦବୀ ସୃଷ୍ଟି କରାଯାଇଥିଲା, ସେଇମାନେ ୧ ନମ୍ବର ସମ୍ବିଧାନ ଉଲ୍ଲଙ୍ଘନକାରୀରେ ପରିଣତ ହେଉଛନ୍ତି । ଏଣୁ ସଂଘୀୟ ବ୍ୟବସ୍ଥାର ସୁରକ୍ଷା ସହିତ ରାଜ୍ୟପାଳ ପଦବୀର ଉଚ୍ଛେଦ ପାଇଁ ସିପିଆଇ ଦାବି କରୁଛି ।ଏହି ସଭା ଓ ଶୋଭାଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ବିଜୟ ଜେନା, ସତୀଶ ମିଶ୍ର, ପ୍ରମୋଦିନୀ ପାଇକରାୟ, ନୃସିଂହ ବେହେରା, ଲକ୍ଷ୍ମଣ ସେଠୀ, ଅରକ୍ଷିତ ବେହେରା, ଯୁଗଳ ଜାଲି, ମୁରଲୀ ଜେନା, ବିଜୟ ଗୁମାନସିଂହ ଓ କୈଳାସ ପୁହାଣ ପ୍ରମୁଖ ନେତୃତ୍ୱ ନେଇଥିଲେ ।

## ଆନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବର ଚତୁର୍ଥ ଦିବସରେ ଅଭିନୟ ଓ ନୃତ୍ୟର ଚିତ୍ତାକର୍ଷକ ପ୍ରଦର୍ଶନ




ଭୁବନେଶ୍ୱର ,(ପି.ଏନ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ରବିନ୍ଦ୍ର ମଣ୍ଡପରେ ଆୟୋଜିତ ଆନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବର ଆଜି ଥିଲା ଚତୁର୍ଥ ଦିବସ । ପୂର୍ବାହ୍ନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ନୂଆଦିଲ୍ଲୀରୁ ଆସିଥିବା ଶ୍ୟାମପ୍ରିୟା କଳା ସଂସ୍ଥାନ ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଦଳଗତ ନୃତ୍ୟରୁ । ସେମାନେ ପ୍ରଥମେ ଅଭିନୟ ଶ୍ରୀଜଗନ୍ନାଥାଷ୍ଟକମ୍ ପରେ ପରେ ଶିବସ୍ତୁତି ପରିବେଷଣ କରିଥିଲେ । ଏକକ ନୃତ୍ୟ ପର୍ଯ୍ୟାୟରେ ପ୍ରଭାତ କୁମାର ମହାଲିକ୍‌ଙ୍କ ଦ୍ୱାରା ଅଭିନୟ ନବଦୁର୍ଗା, ସସ୍ମିତା ବେହେରାଙ୍କ ଦ୍ୱାରା ଅଭିନୟ ବୃନ୍ଦାବନେ କେ ବଂଶୀ ବଜାଇଲା, ଜୟପ୍ରକାଶ ନାରାୟଣ ପଟ୍ଟନାୟକଙ୍କ ଦ୍ୱାରା ଅଭିନୟ ଶିବପଞ୍ଚକ, ନିଖିଲ ବୋରାଙ୍କ ଦ୍ୱାରା ଅଭିନୟ ଶିବ ଶରଣମ୍, ଅନୁଧା ସାହୁଙ୍କ ଦ୍ୱାରା ମଙ୍ଗଳା ଚରଣ ଗଣେଶ ବନ୍ଦନା, ଭୀମସେନ ବରାଳଙ୍କ ଦ୍ୱାରା ଅଭିନୟ ଶିବପଞ୍ଚକ, ଅନନ୍ୟା କରଙ୍କ ଦ୍ୱାରା ଅଭିନୟ ଅଷ୍ଟପଦୀ, ଜୟନ୍ତୀ ନାଥ ଶର୍ମାଙ୍କ ଦ୍ୱାରା ଅଭିନୟ ମଙ୍ଗଳା ଚରଣ ଶ୍ରିତ କମଳା କୁଚ ମଣ୍ଡଳ ଧୃତ କୁଣ୍ଡଳ ଏବଂ ଶେଷରେ ନୃତ୍ୟାଙ୍ଗନା ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ପ୍ରଥମେ ଅଭିନୟ ନୃତ୍ୟ ସଙ୍ଗମ ଓ ପରେ ପରେ ଦଶାବତାର ପ୍ରଳୟ ପୟୋଧି ଜଳେ ପରିବେସିତ ହୋଇଥିଲା । ଅପରାହ୍ନ ଅଧିବେଶନର ପ୍ରଥମ ପ୍ରସ୍ତୁତି ଥିଲା ସାଗରୀକା କଳା ନିକେତନ ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଅଭିନୟ ଶିବାଷ୍ଟକମ୍, ଶ୍ରେୟା ଶ୍ରଦ୍ଧାଳିଙ୍କ ଦ୍ୱାରା ଲକ୍ଷ୍ମୀ ନୃସିଂହ ଧ୍ୟାନ, ଦିବ୍ୟାଶ୍ରୀ ସାହୁ ଓ ସୋନମ୍ ସାହୁଙ୍କ ଦ୍ୱାରା ପଲ୍ଲବୀ, ପ୍ରିତୀତୃଷ୍ଣା ସାହୁଙ୍କ ଦ୍ୱାରା ଅଭିନୟ ଅର୍ଦ୍ଧନାରୀଶ୍ୱର, ନୃତ୍ୟ ପ୍ରତିଭା ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ଅଭିନୟ ଚଉଷଠି ଯୋଗିନୀ, ଶ୍ରଦ୍ଧା ମହାନ୍ତିଙ୍କ ଦ୍ୱାରା ଅଭିନୟ ପଲ୍ଲବୀ, ଏବଂ ଶେଷ ପ୍ରସ୍ତୁତିଟି ଥିଲା ନୃତ୍ୟଧାରା ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଦଳଗତ ନୃତ୍ୟ ଦଶାବତାର ପରିବେସିତ ହୋଇଥିଲା । ଚତୁର୍ଥ ସଂଧ୍ୟାର ଅତିଥି ଥିଲେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ମଧୁସୁଦନ ଦାସ, ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା କୁମ୍‌କୁମ୍ ମହାନ୍ତି; ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ମିନାକ୍ଷୀ ବେହେରା; ଓଡ଼ିଶୀ ଗବେଷଣା କେନ୍ଦ୍ରର ପୂର୍ବତନ କାର୍ଯ୍ୟ ନିର୍ବାହୀ ଅଧିକାରୀ ସଙ୍ଗୀତା ଗୋସାଇଁ; ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ପୂର୍ବତନ ସଚିବ ପ୍ରଦୀପ ମିଶ୍ର; ଓଡ଼ିଶା ଉର୍ଦ୍ଦୁ ଏକାଡ଼େମୀର ସଚିବ; ଓଡ଼ିଶୀ ଗବେଷଣା କେନ୍ଦ୍ରର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁବୋଧ ଆଚାର୍ଯ୍ୟ ଓ ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଡ଼ଃ. ଅନୁଜା ତାରିଣୀ ମିଶ୍ର ।ସଂଧ୍ୟା ଅଧିବେଶନର ପ୍ରଥମ ପ୍ରସ୍ତୁତିରେ ଥିଲା ବିଶିଷ୍ଟ ନୃତ୍ୟାଙ୍ଗନା ସୁହାଗ ନଳିନୀ ଦାସଙ୍କ ଦ୍ୱାରା ଅଭିନୟ ରସପଞ୍ଚକ ରମଣୀବର ରେ ରମଣୀବର, ପମ୍ପୀ ପୋଲଙ୍କ ଦ୍ୱାରା ଅଭିନୟ ଅଷ୍ଟପଦୀ କୁରୁ ଯଦୁ ନନ୍ଦନ ପରିବେସିତ ହୋଇଥିଲା । ପରେ ପରେ ନୃତ୍ୟ ପରିବେଷଣ କରିଥିଲେ ବିଚିତ୍ର ବେହେରା (ଏକକ), ବିକ୍ରମ ସାମଲ ଓ ଯାଜ୍ଞସେନି ସାହୁ (ଦ୍ୱୈତ୍ୟ), ଲୀନା ନନ୍ଦ (ଏକକ), ସ୍ୱୟଂପ୍ରଭା ମିଶ୍ର (ଏକକ), ବିଭୁ ପ୍ରସାଦ ବେହେରା (ଏକକ), ସୋନାଲୀ ଦାସ ଓ ରୂପସା କହାଳୀ (ଦ୍ୱୈତ୍ୟ) ଏବଂ ଅନ୍ତିମ ପ୍ରସ୍ତୁତିଟି ଥିଲା ଅଞ୍ଜନା ନାୟକ ଓ ସାଥୀଙ୍କ ଦ୍ୱାରା ଦଳଗତ ନୃତ୍ୟ ପରିବେସଣ । କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ ଡ଼. ଶ୍ରୀନିବାସ ଘଟୁଆରୀ ।

## ବିଶ୍ୱବ୍ୟାପୀ ଆହ୍ୱାନପୂର୍ଣ୍ଣ ବ୍ୟବସାୟିକ ପରିସ୍ଥିତି




ଭୁବନେଶ୍ୱର,(ପି.ଏନ): ବିଶ୍ୱବ୍ୟାପୀ ଆହ୍ୱାନପୂର୍ଣ୍ଣ ବ୍ୟବସାୟିକ ପରିସ୍ଥିତି ସତ୍ତ୍ୱେ ନ୍ୟାସନାଲ ଆଲୁ ମିନିୟମକମ୍ପାନୀଲିମିଟେଡ (ନାଲକୋ) ଉଲ୍ଲେଖନୀୟ ସଫଳତା ହାସଲ କରିପାରିଥିବାରୁ, ମାନ୍ୟବର କେନ୍ଦ୍ର ସଂସଦୀୟ ବ୍ୟାପାର, କୋଇଲା ଏବଂ ଖଣିମନ୍ତ୍ରୀ ଶ୍ରୀପ୍ରହ୍ଲାଦ ଯୋଶୀ, କର୍ମଚାରୀ ଏବଂ ମ୍ୟାନେଜମେଣ୍ଟର ଭୂୟସୀ ପ୍ରଶଂସା କରିଛନ୍ତି । ମାନ୍ୟବର କେନ୍ଦ୍ରମନ୍ତ୍ରୀ ଆଜି ଭୁବନେଶ୍ୱରଠାରେ ନାଲକୋମୁଖ୍ୟ କାର୍ଯ୍ୟାଳୟ ଗସ୍ତ ସମୟରେ କର୍ମଚାରୀମାନଙ୍କୁ ସମ୍ବୋଧିତ କରିଥିଲେ ।ଉଲ୍ଲେଖ । ।ଯୋଗ୍ୟ ଯେ ଦେଶର ଅଗ୍ରଣୀ ଆଲୁମିନା ଏବଂ ଆଲୁମିନିୟମର ଉତ୍ପାଦନ ଓ ରପ୍ତାନି କାରୀଉଦ୍‌ଯୋଗ ତଥା କେନ୍ଦ୍ର ଖଣିମନ୍ତ୍ରଣାଳୟ ଅଧୀନରେ ଥିବା ନବରନ୍ ଉଦ୍‌ଯୋଗ ନ୍ୟାସନାଲ୍ ଆଲୁମିନିୟମ କମ୍ପାନୀଲିମିଟେଡ୍ (ନାଲକୋ), ୨୦୨୧-୨୨ ଆର୍ଥିକ ବର୍ଷରେ ସର୍ବକାଳୀନରେ କର୍ଡହାସଲ କରିଛି । । କମ୍ପାନୀ୨,୯୫୨ କୋଟି ଟଙ୍କାର ନିଟ୍ ଲାଭ ହାସଲ କରିଛି ଯାହା କମ୍ପାନୀ ସ୍ଥାପନା ହେବା ଦିନଠାରୁ ସର୍ବାଧିକ ଅଟେ ।ସମଗ୍ରବିଶ୍ୱ କୋଭିଡ-୧୯ମହାମାରୀର ପ୍ରଭାବ ଭିତରେ ଗତିକରୁଥିଲା ବେଳେ, ନାଲକୋ ନିଜର ଉତ୍ପାଦନ ଏବଂ ଉତ୍ପାଦକତାକୁ ସଠିକ୍ ଦିଗରେ ପରିଚାଳନାକରି ବାରେ ସକ୍ଷମ ହୋଇ ପାରିଥିବାରୁ, ମାନ୍ୟବର ମନ୍ତ୍ରୀ ଶ୍ରୀଯୋଶୀ, ଟିମ୍ନାଲକୋ ଏବଂ ଏହାର ନେତୃବର୍ଗର ପ୍ରଶଂସା କରିଥିଲେ । ଶ୍ରୀଯୋଶୀ କହିଛନ୍ତି ଯେ ଆଲୁମିନିୟମ ଆତ୍ମନିର୍ଭରଶୀଳତା କ୍ଷେତ୍ରରେ ନାଲକୋ ସର୍ବଦା ଆଗରେ ରହିଆସିଛି । ନାଲକୋ ଏବଂ ଅନ୍ୟାନ୍ୟ ଖଣି ଏବଂ ଧାତବ ଶିଳ୍ପସଂ ଗଠନଗୁଡ଼ିକ ପ୍ରକୃତରେ 'ଆତ୍ମନିର୍ଭର ଭାରତ'ର ଉଜ୍ଜ୍ୱଳ ଉଦାହରଣ ବୋଲି ସେ କହିଛନ୍ତି ।ଯେତେବେଳେ ସଂଗଠନ ଏବଂ ଶିଳ୍ପଗୁଡିକ ସେମାନଙ୍କର ସଫଳତାର ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ମାଇଲ ଖୁଣ୍ଟ ହାସଲ କରିବା ଜାରିରଖନ୍ତି ଏବଂ ପ୍ରତ୍ୟେକ ଥର ନୂତନମାନଦଣ୍ଡ ସ୍ଥିର କରନ୍ତି, ସେତେବେଳେ ଏହା ଆତ୍ମବିଶ୍ୱାସର ଭାବନା ସୃଷ୍ଟି କରିଥାଏ ଯେ ଆମର ଅର୍ଥନୀତି ଏବଂ ନୂତନ ଭାରତର ଦୂର ଦୃଷ୍ଟିହାସଲ କରିବା ପାଇଁ ଆମର ପ୍ରୟାସ ସଠିକ୍ ଦିଗରେ ଗତି କରୁଛି ବୋଲିଶ୍ରୀଯୋଶୀ କହିଛନ୍ତି ।ଏହି ଅବସରରେ ମାନ୍ୟବର କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରହ୍ଲାଦ ଯୋଶୀ ସମସ୍ତ କର୍ମଚାରୀଙ୍କ ପାଇଁ ନିଜର କୃତଜ୍ଞତା ପ୍ରଦାନ ପୂର୍ବକ ବିଗତ ୪୨ ବର୍ଷର ରେକର୍ଡ ଭଙ୍ଗ କରି ସଫଳତା ପ୍ରଦାନ କରିଥିବାରୁ, ଟ୍ୟାକ୍ସପୂର୍ବ-ଲାଭାଂଶର ୧% ଉପହାର ସ୍ୱରୂପ ଘୋଷଣା କରିଛନ୍ତି । ସମସ୍ତ ଚୁକ୍ତି ଭିତ୍ତିକ ଶ୍ରମିକମାନଙ୍କ ପାଇଁ ମଧ୍ୟ ଶ୍ରୀ ଯୋଶୀ ସେମାନଙ୍କର ମୂଲ୍ୟବାନ ଅବଦାନ ପାଇଁ ଏକ ମାସର ମୂଳ ବେତନ ଉପହାର ଆକାରରେ ଦିଆଯିବା ପାଇଁ ଘୋଷଣା କରିଥିଲେ । ଭବିଷ୍ୟତରେ ଅଧିକରୁ ଅଧିକ ସଫଳତା ହାସଲ କରିବା ପାଇଁ ସେନାଲକୋ କର୍ମଚାରୀମାନଙ୍କୁ ସେମାନଙ୍କର ଉତ୍ସାହ, ଉତ୍ସର୍ଗୀକୃତ ମନୋଭାବ ଜାରି ରଖିବାକୁ କହିଥିଲେ ।ଏହି ଅବସରରେ ଖଣିମନ୍ତ୍ରଣାଳୟର ସଚିବ ଶ୍ରୀ ବିବେକ ଭରଦ୍ୱାଜ ମଧ ଉପସ୍ଥିତଥିଲେ ଏ ବଂ ନାଲକୋ ସାମୁଦାୟଙ୍କୁ ସେମାନଙ୍କର ଅତୁଳନୀୟ ସଫଳତା ପାଇଁ ଅଭିନନ୍ଦନ ଜଣାଇଥିଲେ ।ଶ୍ରୀଶ୍ରୀଧରପାତ୍ର, ସିଏମଡି, ନାଲକୋ, କମ୍ପାନୀ ତରଫରୁ ଖଣିମନ୍ତ୍ରଣାଳୟର ନିରବିଚ୍ଛିନ୍ନ ସହଯୋଗ ପାଇଁ କୃତଜ୍ଞତା ଜଣାଇବା ସହକର୍ମଚାରୀଙ୍କ ଉତ୍ସର୍ଗୀକୃତ ମନୋଭାବ ତଥା କଠିନ ପରିଶ୍ରମ ତଥା ଅନ୍ୟ ଅଂଶଧାରକମାନଙ୍କ ସହଯୋଗ ଫଳରେ ଏହି ସଫଳତା ହାସନ ହୋଇପାରିଛି ବୋଲି କହିଛନ୍ତି । ବିଗତ ଚାରିଦଶନ୍ଧିର ନାଲକୋ ସର୍ବଦା ଉତ୍କର୍ଷତା ପ୍ରତିପାଦନ କରିବା ସହ ସର୍ବଦା ପୂର୍ବ ନିର୍ଦ୍ଧାରିତ ମାନଦଣ୍ଡ ତୁଳନାରେ ଉତ୍ତମ ପ୍ରଦର୍ଶନ କରି ଆସୁଅଛି ।ନାଲକୋର ଆଗାମୀ ୪୩ତମ ସ୍ଥାପନା ଦିବସ ପାଳନର ଠିକ ପୂର୍ବରୁ ମାନନୀୟ ଖଣିମନ୍ତ୍ରୀଙ୍କ ଦ୍ୱାରା ଆମ କର୍ମଚାରୀଙ୍କ ପରିଶ୍ରମ ତଥା ଉଦ୍ୟମକୁ ପ୍ରଶଂସା କରିବା, ଆମମାନଙ୍କ ମନୋବଳ ବୃଦ୍ଧି କରାଇ ଭବିଷ୍ୟତରେ ଉନ୍ନତ ପ୍ରଦର୍ଶନ କରିବାକୁ ପ୍ରେରିତ କରିଛି । ଅନ୍ୟମାନଙ୍କ ମଧ୍ୟରେ ଡକ୍ଟର ବିନା କୁମାରୀଡି, ଯୁଗ୍ମସଚିବ, କେନ୍ଦ୍ର ଖଣିମନ୍ତ୍ରଣାଳୟ, ନାଲକୋର ସମସ୍ତ ନିର୍ଦ୍ଦେଶକ, ମୁଖ୍ୟ ସତର୍କତା ଅଧିକାରୀ, ବିଭିନ୍ନ ୟୁନିଅନ ଏବଂ ଆସୋସିଏସନର ପ୍ରତିନିଧୀଗଣ, ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଅନୁଗୁଳ ଏବଂ ଦାମନଯୋଡିଠାରେ ଅବସ୍ଥିତ ଅପରେଟିଂ ୟୁନିଟର ସମସ୍ତ କର୍ମଚାରୀ, ଚୁକ୍ତିଭିତ୍ତିକ କର୍ମଚାରୀ, ଆଞ୍ଚଳିକ କାର୍ଯ୍ୟାଳୟଗୁଡ଼ିକର କର୍ମଚାରୀମାନେ ମଧ ଏହି ହାଇବ୍ରିଡ କାର୍ଯ୍ୟକ୍ରମରେ ଭର୍‌ଚୁଆଲ୍ ମୋଡ୍ମାଧମରେ ଯୋଗଦେଇଥିଲେ ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V

Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray